ମନ୍ତ୍ରୀ ଆସୁଛନ୍ତି

ଓ

ଅନ୍ୟାନ୍ୟ ନାଟକ

ଡଃ. ଉପେନ୍ଦ୍ର ନାୟକ

Digitized by srujanika@gmail.com

ମନ୍ତ୍ରୀ ଆସୁଛନ୍ତି
ଓ
ଅନ୍ୟାନ୍ୟ ନାଟକ

ଡ. ଉପେନ୍ଦ୍ର ନାୟକ

Digitized by srujanika@gmail.com

ମନ୍ତ୍ରୀ ଆସୁଛନ୍ତି ଓ
ଅନ୍ୟାନ୍ୟ ନାଟକ

ରଚନା
ଡ. ଉପେନ୍ଦ୍ର ନାୟକ

ପ୍ରକାଶକ
ଲାର୍କ ବୁକ୍ସ
ସୁବର୍ଣ୍ଣରେଖା ଚାମ୍ବର୍ସ
ଭୌମ ନଗର
ଭୁବନେଶ୍ୱର

ପ୍ରଥମ ପ୍ରକାଶ
୨୦୦୦

ପ୍ରଚ୍ଛଦ
ଅସୀମ ବସୁ

ଅକ୍ଷର ସଂଯୋଜନା
ଉଦ୍‌ଘାଟନ ପବ୍ଲିକେଶନ୍
୧୩, ଖାରବେଳନଗର
ୟୁନିଟ୍-୩, ଭୁବନେଶ୍ୱର

ମୁଦ୍ରଣ
ଡୁଡୁଲି ପ୍ରସେସ୍ ଆଣ୍ଡ ଅଫ୍‌ସେଟ୍
ବାପୁଜୀନଗର
ଭୁବନେଶ୍ୱର

ସତୁରୀ ଟଙ୍କା ମାତ୍ର

Mantri Asuchhanti
O
Anyanya Natak

Dr. Upendra Nayak

Publishers
LARK BOOKS
Subarnarekha Chambers
Bhauma Nagar
Bhubanesar

First Edition
2000

Cover
Asim Basu

D.T.P/Layour
UDGHATANA PUBLICATION
13, Kharvel Nagar
Unit-3, Bhubaneswar

Printed at

DUDULY PROCESS & OFFSET
Bapuji Nagar,
Bhubaneswar

Rupees Seventy Only

ISBN 81-7375-079-3

Digitized by srujanika@gmail.com

ନାଟ୍ୟ ସଂକଳନ ସଂପର୍କରେ

ଜୀବନ ଏକ ନାଟକ । ଜୀବନର ହସ କାନ୍ଦ, ସୁଖଦୁଃଖ ଓ ବ୍ୟଥା ବ୍ୟର୍ଥତାର ଆଲେଖ୍ୟ ଅଙ୍କିତ ହୋଇଯାଏ ନାଟକରେ ଅତ୍ୟନ୍ତ ଜୀବନ୍ତ ଭାବରେ ।

ସାହିତ୍ୟର ଅନ୍ୟାନ୍ୟ ସମସ୍ତ ବିଭାବଠାରୁ ନାଟକ ଏକ ସ୍ୱତନ୍ତ୍ର ବିଭାବ, ଯହିଁରେ ନାଟ୍ୟକାର ତାର ବକ୍ତବ୍ୟକୁ ଖୁବ୍ ସହଜରେ ସିଧାସଳଖ ଜନସାଧାରଣଙ୍କ ନିକଟରେ ପହଞ୍ଚେଇ ଦେଇପାରେ । ମନୋରଞ୍ଜନ ମାଧ୍ୟମରେ ସମାଜର ଟିକିନିଖି ଘଟଣା, ଦୁର୍ଘଟଣା ସହିତ ସମାଜର ପ୍ରତିଟି ଛବି ଦୃଶ୍ୟାୟିତ ହୋଇପାରେ ନାଟକରେ । ଗୋଟିଏ ବଳିଷ୍ଠ କାହାଣୀର ଛତ୍ରେ ଛତ୍ରେ ଯଥାର୍ଥ ସଂଘାତ ମଧ୍ୟ ଦେଇ, ପାତ୍ରାଭିମୁଖୀ ସଂଳାପ ଓ ରସଚର୍ଯ୍ୟା ଭିତରେ ନାଟକ ଗତିଶୀଳ ହୋଇ ଚାଲେ । ଯଥାରୀତିରେ ଉତ୍କଣ୍ଠା ରକ୍ଷା ହେବା ନାଟକର ଅନ୍ୟ ଏକ ସାର୍ଥକତା ।

ଏକାଙ୍କିକା, ନାଟ୍ୟସାହିତ୍ୟର ଅନ୍ୟ ଏକ ବିଭାଗ । ଛୋଟ ପରିସର, ଅଳ୍ପ ସମୟ ଓ ଅଳ୍ପ ଦୃଶ୍ୟ ଭିତରେ ନାଟକର ଅଙ୍ଗଭରଣ ହୁଏ ଏକାଙ୍କିକା ବା ଛୋଟ ନାଟକରେ । ନାଟକର ଅନ୍ୟାନ୍ୟ ପ୍ରତିଟି ଅଂଗରାଗ, ଗଠନରୀତି ଏବଂ ନାଟ୍ୟତତ୍ତ୍ୱ ଏକାଙ୍କିକାରେ ମଧ୍ୟ ବଳବତ୍ତର ରହେ । ନୃତ୍ୟ, ସଂଗୀତର ଆଧିକ୍ୟ ନଥିଲେ ମଧ୍ୟ ତାହାକୁ ଯଥାରୀତିରେ ସଂଯୋଜିତ କରିବାରେ କିଛି ଅନ୍ତରାୟ ନାହିଁ ।

ଜଣେ କଥାକାର ଉପନ୍ୟାସ ସହିତ କ୍ଷୁଦ୍ରଗଳ୍ପ ରଚନା କଲାପରି ଜଣେ ନାଟ୍ୟକାର ବଡ଼ ନାଟକ ସହିତ ଛୋଟ ନାଟକ ବା ଏକାଙ୍କିକା ମଧ୍ୟ ରଚନା କରିପାରେ । ଓଡ଼ିଶାରେ ସମସ୍ତ ପ୍ରତିଷ୍ଠିତ ନାଟ୍ୟକାରଙ୍କ ଲେଖନୀରୁ ସୃଷ୍ଟି ହୋଇଛି ବେଶ୍ ମନୋଜ୍ଞ ପ୍ରଭାବଶାଳୀ ଏକାଙ୍କିକା ।

ମୁଁ ଅନେକ ନାଟକ ରଚନା କରିଛି । ସେମାନଙ୍କ ମଧ୍ୟରୁ କେତେକ ପ୍ରକାଶିତ କେତେକ ଅପ୍ରକାଶିତ । ଏତଦ୍‌ବ୍ୟତୀତ ଆଉ କେତେ ଗୁଡ଼ିଏ ନାଟକ

Digitized by srujanika@gmail.com

ମୋର ବେତାରରେ ପ୍ରସାରିତ ହୋଇଥିବା ବେଳେ ଆଉ କେତେକ ଦୂରଦର୍ଶନରେ ପ୍ରସାରିତ ହୋଇଅଛି ।

ଏହି 'ମନ୍ତ୍ରୀ ଆସୁଛନ୍ତି ଓ ଅନ୍ୟାନ୍ୟ ନାଟକ', କେତୋଟି ଛୋଟ ନାଟକର ଏକତ୍ର ସଂକଳନ । ଏଥିରେ ଛଅଟି ଛୋଟ ନାଟକ ସଂକଳିତ ହୋଇଅଛି । ସେଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ମଂଚ୍, ବେତାର ଏବଂ ଦୂରଦର୍ଶନରେ ମଧ୍ୟ ପରିବେଷିତ ହୋଇ ଲୋକପ୍ରିୟତା ଅର୍ଜନ କରିଅଛି । ପରିବେଷିତ ହେବାପରେ ବିଭିନ୍ନ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ହାସଲ କରିଅଛି । ଆଜି ସେଗୁଡ଼ିକୁ ଏକତ୍ର ସଂକଳିତ କରି ପ୍ରକାଶ କଲାବେଳେ ଆକାଶବାଣୀ କଟକ କେନ୍ଦ୍ରର କର୍ତ୍ତୃପକ୍ଷ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର କର୍ତ୍ତୃପକ୍ଷ ଏବଂ ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ୍ କଲେଜ, ଭୁବନେଶ୍ୱରର ସହକର୍ମୀ ବନ୍ଧୁଗଣ ଏବଂ ଏହିସବୁ ନାଟକରେ ଅଂଶ ଗ୍ରହଣ କରିଥିବା ଅଭିନେତା ଅଭିନେତ୍ରୀମାନଙ୍କୁ କୃତଜ୍ଞତା ନଜଣାଇ ରହିହୁଏ ନାହିଁ । ବିଶେଷ କରି ଏ ଦିଗରେ ନାଟ୍ୟକାର ହିମାଂଶୁ ଭୂଷଣ ସାବତ ଏବଂ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ତତ୍କାଳୀନ ସହ ନିର୍ଦ୍ଦେଶକ ଚିତ୍ତ ରଂଜନ ଜେନାଙ୍କ ସହଯୋଗ ଭୁଲିହେବ ନାହିଁ । ସେହି ଦୁଇ ନାଟ୍ୟ ବ୍ୟକ୍ତିତ୍ୱଙ୍କୁ ଏହି ଅବସରରେ ମୋର ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛି । ନାଟକଗୁଡ଼ିକ ପ୍ରକାଶ ପାଇଥିବା ପତ୍ରିକାର ସମ୍ପାଦକମାନଙ୍କୁ ମୋର ସାଧୁବାଦ ।

ଓଡ଼ିଶାର ଅନ୍ୟତମ ଖ୍ୟାତନାମା ନାଟ୍ୟକାର ଶ୍ରୀଯୁକ୍ତ ବିଶ୍ୱଜିତ ଦାସ ପୁସ୍ତକଟିର ପାଣ୍ଡୁଲିପି ପାଠକରି ତାଙ୍କର ସୁଚିନ୍ତିତ ଅଭିମତ ପ୍ରଦାନ କରିଥିବାରୁ ମୁଁ କୃତଜ୍ଞ । ଏହି ପୁସ୍ତକଟିକୁ ଓଡ଼ିଶାର ଅନ୍ୟତମ ସଂଭ୍ରାନ୍ତ ପ୍ରକାଶନ ସଂସ୍ଥା 'ଲାର୍କ ବୁକ୍‌ସ୍' ଭୁବନେଶ୍ୱର ପ୍ରକାଶ କରିଥିବାରୁ ଉକ୍ତ ପ୍ରକାଶନ ସଂସ୍ଥାର କର୍ତ୍ତୃପକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ମିଶ୍ରଙ୍କୁ ଗଭୀର କୃତଜ୍ଞତା ଜଣାଉଛି ।

ସ୍କୁଲ୍, କଲେଜ ଆଦିରେ ଏହି ଛୋଟନାଟକ ଗୁଡ଼ିକ ଅଭିନୀତ ହେବା ସଙ୍ଗେ ସଙ୍ଗେ ଦର୍ଶକ ଓ ପାଠକ ମାନଙ୍କ ଦ୍ୱାରା ଆଦୃତ ହେଲେ ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ।

ଉପେନ୍ଦ୍ର ପ୍ରସାଦ ନାୟକ

Digitized by srujanika@gmail.com

ମୁଖବନ୍ଧ

ସମ୍ପ୍ରତି ଓଡ଼ିଶାରେ ବ୍ୟବସାୟିକ ରଙ୍ଗମଞ୍ଚର ପାଦପ୍ରଦୀପ ନିର୍ବାପିତ ହୋଇ ଯାଇଥିବା ବେଳେ ଏବଂ ତା' ସହିତ ରୁଚିହୀନ, ଅଶାଳୀନ ଓ ମୌଳିକତାବିହୀନ ତଥାକଥିତ ଯାତ୍ରା ନାଟକ ବହୁଳ ପ୍ରଚାରିତ ହେଉଥିଲା ବେଳେ ଓଡ଼ିଆ ମଞ୍ଚନାଟକ ରଚନା କ୍ଷେତ୍ରରେ ଆଗ୍ରହ ତଥା ପ୍ରତ୍ୟାଶା ଯଥେଷ୍ଟ ହ୍ରାସ ପାଇଛି । ସୌଖିନ୍ ନାଟ୍ୟସଂସ୍ଥା ମାଧମରେ ଅଭିନୀତ ହେବା ନିମନ୍ତେ କାଁଭାଁ କେତେକ ମଞ୍ଚନାଟକ ରଚିତ ହେଉଅଛି, ଯାହାକି ଓଡ଼ିଆ ନାଟ୍ୟସାହିତ୍ୟକୁ ଯଥେଷ୍ଟ ଋଦ୍ଧିମନ୍ତ କରାଇବାରେ ସମର୍ଥ ହୋଇପାରୁ ନାହିଁ । କିନ୍ତୁ ଓଡ଼ିଆ ନାଟ୍ୟ ସାହିତ୍ୟର ଯେ ଏକ ମହନୀୟ ପରମ୍ପରା ଥିଲା, ଏହା ଅନସ୍ୱୀକାର୍ଯ୍ୟ । ତଥାପି ଓଡ଼ିଆ ନାଟ୍ୟକଳାର ଏହି ସନ୍ଧିକ୍ଷଣ ତଥା ସଙ୍କଟ କାଳରେ ଯେଉଁ କେତେଜଣ ଉଦୀୟମାନ ଏକନିଷ୍ଠ ନାଟ୍ୟକାର ନାଟକ ରଚନା ଦିଗରେ ଲେଖନୀ ଚାଳନା କରୁଛନ୍ତି, ତନ୍ମଧ୍ୟରୁ ନାଟ୍ୟକାର ଡକ୍ଟର ଉପେନ୍ଦ୍ର ନାୟକ ଅଗ୍ରଗଣ୍ୟ । କେବଳ ଜଣେ ବିଦଗ୍ଧ ନାଟ୍ୟକାର ବା ନାଟ୍ୟକାବ୍ୟକାର ଭାବରେ ନୁହେଁ, ଜଣେ ଲୋକପ୍ରିୟ କବି ଓ କଥାକାର, ଜଣେ ସୁଦକ୍ଷ ଅଭିନେତା ଓ କୁଶଳୀ ନିର୍ଦ୍ଦେଶକ ଭାବେ ମଧ ସେ ସମଗ୍ର ଓଡ଼ିଶାରେ ଏକ ସୁପରିଚିତ ବ୍ୟକ୍ତିତ୍ୱ ।

ଡଃ ନାୟକଙ୍କର ଏହା ପୂର୍ବରୁ କେତେକ ଗୀତିନାଟ୍ୟ ଓ ରୂପାନ୍ତରିତ ନାଟକ ବ୍ୟତୀତ, 'ଅଶାନ୍ତ ଉପତ୍ୟକା', 'ନିଃଶବ୍ଦ ଝଡ଼ର ଲିପି', 'ଅନ୍ଧ ଆଭିଜାତ୍ୟ', 'ସ୍ୱପ୍ନ ବଳୟ', 'ସୁନା ଶିକୁଳି' ଓ 'ଅନୁତପ୍ତ ସକାଳ' ଆଦି କେତେକ ଲୋକପ୍ରିୟ ମୌଳିକ ନାଟକ ପ୍ରକାଶିତ ହୋଇଅଛି ।

ଆଲୋଚ୍ୟ 'ମନ୍ତ୍ରୀ ଆସୁଛନ୍ତି ଓ ଅନ୍ୟାନ୍ୟ ନାଟକ' ଶୀର୍ଷକ ପୁସ୍ତକଟି ଛଅଟି ଛୋଟ ନାଟକର ଏକତ୍ର ସଂକଳନ । ଏହି ନାଟକଗୁଡ଼ିକ ଭିନ୍ନ ଭିନ୍ନ ସମୟରେ ମଞ୍ଚ, ବେତାର ଏବଂ ଦୂରଦର୍ଶନରେ ପରିବେଷିତ ହୋଇ ପ୍ରଭୂତ ଲୋକପ୍ରିୟତା ଅର୍ଜନ କରିଅଛି ଏବଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଅଛି ।

Digitized by srujanika@gmail.com

ସଙ୍କଳିତ ନାଟକଗୁଡ଼ିକର ଆବେଦନ ଭିନ୍ନ । ଛୋଟ ଛୋଟ ପ୍ରଭାବଶାଳୀ ସାମାଜିକ କାହାଣୀର ଛତ୍ରେ ଛତ୍ରେ ନାଟକ କେବଳ ଗଢ଼ି ଉଠିନାହିଁ, ପାତ୍ରାଭିମୁଖୀ ସଂଳାପ, ସଂଘାତ ଓ ଉତ୍କଣ୍ଠା ସହିତ ଭିନ୍ନ ଭିନ୍ନ ରସ ପରିବେଷିତ ହୋଇଅଛି । ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ରଚିତ ଏହି ଛୋଟ ନାଟକଗୁଡ଼ିକ ଯେପରି ଭାବୋଦ୍ଦୀପକ, ସେହିପରି ମନଛୁଆଁ ମଧ୍ୟ ହୋଇପାରିଛି ।

ପୂର୍ଣ୍ଣାଙ୍ଗ ନାଟକ ତୁଳନାରେ ଏକାଙ୍କିକା ବା ଛୋଟନାଟକ ରଚନା କରିବା ନିଶ୍ଚିତ ଭାବରେ କଷ୍ଟସାପେକ୍ଷ । ଓଡ଼ିଆ ନାଟ୍ୟସାହିତ୍ୟରେ ✓ପ୍ରାଣବନ୍ଧୁ କର, ✓ଭଞ୍ଜକିଶୋର ପଟ୍ଟନାୟକ, ✓ସୁରେନ୍ଦ୍ର ମହାନ୍ତି, ଗୋପାଳ ଛୋଟରାୟ, ✓ନରସିଂହ ମହାପାତ୍ର, ଗିରିଶ ଚନ୍ଦ୍ର ନାୟକ, ମନୋରଂଜନ ଦାସ, ଦାଶରଥୀ ପ୍ରସାଦ ଦାସ ଓ ଏହି ଆଲୋଚକଙ୍କ ସମେତ ଡଃ ରତ୍ନାକର ଚଇନି, କାର୍ତ୍ତିକ ରଥ, ରମେଶ ପାଣିଗ୍ରାହୀ ଆଦି ବହୁ ନାଟ୍ୟକାର ଏକାଙ୍କିକା ରଚନାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ସଫଳ ହୋଇଥିଲେ ମଧ୍ୟ ତରୁଣ ନାଟ୍ୟକାରମାନଙ୍କ ମଧ୍ୟରେ ସର୍ବଶ୍ରୀ ଡଃ ନାରାୟଣ ସାହୁ, ରତି ମିଶ୍ର, ରଣଜିତ ପଟ୍ଟନାୟକ, ପଞ୍ଚାନନ ପାତ୍ର ଓ ଆନନ୍ଦ ପହି ଆଦି ନାଟ୍ୟକାରମାନଙ୍କ ଭଳି ନାଟ୍ୟକାର ଡଃ ଉପେନ୍ଦ୍ର ନାୟକ ମଧ୍ୟ ଛୋଟ ନାଟକ ରଚନାରେ ସଫଳ ହୋଇପାରିଛନ୍ତି ।

ଏହି ନାଟକ ସଙ୍କଳନରେ 'ମନ୍ତ୍ରୀ ଆସୁଛନ୍ତି' ଏକ ରାଜନୈତିକ ବ୍ୟଙ୍ଗଧର୍ମୀ ନାଟକ । ମନ୍ତ୍ରୀଙ୍କ ସରକାରୀ ବାସଭବନରେ ମନ୍ତ୍ରୀଙ୍କୁ ଅପେକ୍ଷା କରିଥିବା କେତେଜଣ ଲୋକଙ୍କର ଉକ୍ତି ପ୍ରତ୍ୟୁକ୍ତିରେ ନାଟକଟିର ସଂକ୍ଷିପ୍ତ କଥାବସ୍ତୁ ପ୍ରକଟିତ ହୋଇଅଛି । ଏମାନଙ୍କ ମଧ୍ୟରେ ସ୍ୱାଭିମାନୀ ତରୁଣ କିପରି ମଧ୍ୟବୟସ୍କ ଟାଉଟର, ଉପନେତାଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି ଏବଂ ମନ୍ତ୍ରୀ ଓ ମନ୍ତ୍ରୀଙ୍କ କର୍ମଚାରୀମାନେ କିପରି ସାଧାରଣ ଜନତାଙ୍କ ପ୍ରତି ଉଦାସୀନ, ତାହାର ଏକ ଜୀବନ୍ତ ଚିତ୍ର ପ୍ରତିଫଳିତ ହୋଇଛି ଏହି ନାଟକରେ ।

'ସତ୍ୟବାଦୀର ହସ' ଅନ୍ୟ ଏକ ରାଜନୀତିଭିତ୍ତିକ ନାଟକ, ଯହିଁରେ ଜଣେ ବରିଷ୍ଠ ନୀତିବାନ୍ ନେତାଙ୍କ ସହିତ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟଭିଚାରୀ ଯୁବନେତା

Digitized by srujanika@gmail.com

ଲାଞ୍ଚଦେଇ ଦଳୀୟ ଟିକେଟ୍ ପାଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଶେଷରେ କିପରି ପରାଜିତ ହୋଇଛି, ତାହାର ଏକ ସଫଳ ରୂପାୟନ ହୋଇଛି ଏହି ନାଟକରେ ।

ନୂଆବର୍ଷ ଉପଲକ୍ଷେ ଦୂରଦର୍ଶନରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ନିମନ୍ତେ 'ଉଦୟ ରାଗ' ଡଃ ନାୟକଙ୍କର ଏକ ମନୋଜ୍ଞ ନାଟ୍ୟକୃତି । ଜାତୀୟ ସଂହତିର ଅନ୍ତରାଳରେ ସର୍ବଧର୍ମ ସମନ୍ୱୟର ଏକ ମନୋଜ୍ଞ ବାର୍ତ୍ତା ନାଟକର ଅନ୍ତଃସ୍ୱରକୁ ହୃଦୟସ୍ପର୍ଶୀ କରିପାରିଛି ।

ମେଡ଼ିକାଲ୍ ପଢୁଥିବା ଯୁବକ-ଯୁବତୀଙ୍କ ପ୍ରେମ ଓ ପ୍ରତାରଣା ଉପରେ ଆଧାରିତ ନାଟକ 'ଯୌଥ ଆସର' ରଚିତ । ପ୍ରେମିକ ଅମର ଏବଂ ଏକ ବାରାଙ୍ଗନା କନ୍ୟା ପ୍ରେମିକା ମୌସୁମୀର ଆବେଗପୂର୍ଣ୍ଣ ସଂଳାପ ଏବଂ ସେମାନଙ୍କର ଅନାବିଳ ପ୍ରେମର ପରାକାଷ୍ଠା 'ଗୋଟିଏ ଦୃଶ୍ୟ' ନାଟକର ମୁଖ୍ୟ କଥାବସ୍ତୁ ।

ଶେଷ ନାଟକ 'ମନମୋହନ ମେସ୍' ସଂକଳନର ସବୁଠାରୁ ଆକର୍ଷଣୀୟ ଏବଂ ହାସ୍ୟରସପୂର୍ଣ୍ଣ ନାଟକ । ଏହାର ନାଟକୀୟତା ଓ ସଂଳାପ ଯେପରି ପ୍ରଭାବଶାଳୀ ତଥା ପାତ୍ରାଭିମୁଖୀ, କାହାଣୀ ମଧ ସେହିପରି ଉତ୍କଣ୍ଠାପୂର୍ଣ୍ଣ ଓ ଭାବଗର୍ଭକ । ଏଥିରେ ଏକ ସୁସ୍ଥ ପରିପୂର୍ଣ୍ଣ ସମାଜ ଏବଂ ସମାଜରେ ଯଥାର୍ଥ ଶୃଙ୍ଖଳା ନିମନ୍ତେ ନ୍ୟାୟ ବିଚାରର ପ୍ରୟୋଜନୀୟତା ସଂପର୍କରେ ସ୍ୱର ଉତ୍ତୋଳନ କରାଯାଇଛି ।

ନାଟକଗୁଡ଼ିକର ଅଙ୍ଗ ଓ ଆତ୍ମା ବିଶେଷ ମନୋଗ୍ରାହୀ ହେବା ସଙ୍ଗେ ସଙ୍ଗେ ସୀମିତ ସୁଯୋଗ ଭିତରେ ସଂଗୀତ ସଂଯୋଜନା କରି ନାଟକର ଯଥାର୍ଥ ସାଙ୍ଗୀତିକ ମୂଲ୍ୟ ରକ୍ଷା କରାଯାଇଛି । ଓଡ଼ିଶାର ନାଟ୍ୟମୋଦି ଜନସାଧାରଣ ନାଟ୍ୟକାର ଡଃ ନାୟକଙ୍କ ଲେଖନୀରୁ ଆହୁରି ଅଧିକ ସୃଷ୍ଟିଧର୍ମୀ ନାଟକର ଆତ୍ମପ୍ରକାଶକୁ ଅପେକ୍ଷା କରନ୍ତି । ମୁଁ ଏହି ସଂକଳନର ବହୁଳ ପ୍ରସାର କାମନା କରୁଛି ।

ବିଶ୍ୱଜିତ ଦାସ
ତା ୩୧.୦୭.୨୦୦୦

Digitized by srujanika@gmail.com

ସୂଚୀ

ମନ୍ତ୍ରୀ ଆସୁଛନ୍ତି	-	୯
ସତ୍ୟବାଦୀର ହସ	-	୧୯
ଉଦୟ ରାଗ	-	୩୯
ଯୌଥ ଆସର	-	୪୯
ଗୋଟିଏ ଦୃଶ୍ୟ	-	୫୮
ମନମୋହନ ମେସ୍	-	୬୮

Digitized by srujanika@gmail.com

ମନ୍ତ୍ରୀ ଆସୁଛନ୍ତି

ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ୍ କଲେଜର
ନାଟ୍ୟ ସଂସଦ ପକ୍ଷରୁ ଅଭିନୀତ
ନିର୍ଦ୍ଦେଶନା : ଡଃ. ଉପେନ୍ଦ୍ର ପ୍ରସାଦ ନାୟକ

ଚରିତ୍ର ଲିପି

ଚନ୍ଦ୍ରକାନ୍ତ (ମଧ୍ୟବୟସ୍କ ବ୍ୟକ୍ତି)

ଧୀର (ମାଧବପୁର ପଞ୍ଚାୟତ ସରପଞ୍ଚ)

ଲୋକନାଥ (ମନ୍ତ୍ରୀଙ୍କ ପିଅନ)

ରାଧୁବାବୁ (ଖଦଡ଼ ପରିହିତ ମଧ୍ୟବୟସ୍କ ବ୍ୟକ୍ତି)

ରାଜେଶ (ମନ୍ତ୍ରୀଙ୍କ ପୁତ୍ର)

ପୂଜାରୀ (ମଧ୍ୟବୟସ୍କ ବ୍ୟକ୍ତି)

ପ୍ରଦୀପ (ଯୁବକ)

ସାରଙ୍ଗ (ଯୁବକ)

ରାଜୁ (ଯୁବକ)

Digitized by srujanika@gmail.com

ପ୍ରଥମ ଦୃଶ୍ୟ

(ଜନୈକ ମନ୍ତ୍ରୀଙ୍କ ବୈଠକଖାନା । ମନ୍ତ୍ରୀଙ୍କ ମଖମଲୀ ଗଦିଯୁକ୍ତ ସିଂହାସନ ଶୂନ୍ୟ । ଚାରି ପାଞ୍ଚଜଣ ଅପେକ୍ଷାରତ । ଅପେକ୍ଷା କରି କରି ବ୍ୟସ୍ତ ହୋଇ ପଡ଼ିଲେଣି । ତନ୍ମଧ୍ୟରୁ କିଏ ଜଣେ ଅଧେ ଢୋଳେଇଲେଣି ତ କିଏ ଅଧୈର୍ଯ୍ୟ ହୋଇ ପଡ଼ିଲେଣି । କିଏ ହାଇ ମାରୁଛି ତ କିଏ ଭିଡ଼ିମୋଡ଼ି ହେଉଛି । ତନ୍ମଧ୍ୟରେ ପାଖାପାଖି ବସିଥିଲେ ଚନ୍ଦ୍ରକାନ୍ତ ନାମକ ଜଣେ ମଧ୍ୟବୟସ୍କ ଓ ପ୍ରଦୀପ ନାମକ ଆଉ ଜଣେ ତରୁଣ । ନୀରବତା ଭଙ୍ଗ କରି ହଠାତ୍ ପ୍ରଦୀପ ଉଠିପଡ଼ି କହି ଉଠିଛି ।)

ପ୍ରଦୀପ- ମୁଁ ଯାଉଛି ।

ଚନ୍ଦ୍ର - କୁଆଡ଼େ ?

ପ୍ରଦୀପ - ଘରକୁ ।

ଚନ୍ଦ୍ର - ତେବେ ଆସିଥିଲ କାହିଁକି ?

ପ୍ରଦୀପ- ଏଠି ଏତେ ସମୟ ବସି ରହିବାକୁ ମୋର ଧୈର୍ଯ୍ୟ ନାହିଁ ।

ଚନ୍ଦ୍ର- ନ ବସିଲେ ହେବ କେମିତି ? ତୁମେ କଣ ଏକା ବସିଛ ? ହେଇ ଦେଖୁନ, ତୁମରି ଆଗରେ ବାବୁମାନେ ସବୁ ଅପେକ୍ଷା କରି କେତେବେଳୁ ଆସି ବସିଛନ୍ତି । କେବଳ ଏଇଠି ଏତିକି ତ ନୁହନ୍ତି, ଆରଘରେ ବି ତ ଲୋକ ପୂରିଛନ୍ତି । ମୋର ମନ୍ତ୍ରୀଙ୍କ ସହିତ ଚିହ୍ନା ଅଛି ବୋଲି ଅନ୍ତତଃ ଏ ଘରେ ଆସି ଏ ଗଦି ସୋଫାରେ ଟିକିଏ ବସିବାର ସୁଯୋଗ ମିଳିଲା । ନ ହେଲେ ସେତକ ବି ହେଇ ନଥାନ୍ତା । ସେ କାଠ ବେଞ୍ଚରେ ବସି ବସି.......

ପ୍ରଦୀପ- ହଉ ଛାଡ଼ନ୍ତୁ ସେକଥା । ଆଉ ଅଧିକା ଗୁଡ଼ାଏ ଉପକ୍ରମଣିକା ଦେଇ.....

ଚନ୍ଦ୍ର- ଆରେ ତୁମେମାନେ ପିଲା ଲୋକ । ଏ ଦୁନିଆ ବିଷୟରେ କଣ ଜାଣିଛ କହିଲ ? ଏ ସମାଜରେ ମଣିଷ ପରି ମଣିଷଟିଏ ହେଇ ବଞ୍ଚି ରହିବାକୁ ହେଲେ ବହୁ ଝଡ଼ଝଞ୍ଜାକୁ ମଥାପାତି ସହି ନେବାକୁ ହୁଏ ।

ପ୍ରଦୀପ- ତା' ବୋଲି....

ଚନ୍ଦ୍ର- ହଁ, ସେଥିପାଇଁ ଯେଉଁ ପରିବେଶ, ଯେଉଁ ସୁବିଧା ଅସୁବିଧା ଆସିବ, ତାକୁ ଚଳେଇ ନବାକୁ ପଡ଼ିବନା... ?

ପ୍ରଦୀପ- ଖାଲିଟାରେ ଏଠି ଏତେ ସମୟ ବସି ବସି ଛାତବାଡ଼ ଗଣିବାର ପକ୍ଷପାତି ମୁଁ ନୁହେଁ ।

Digitized by srujanika@gmail.com

ଚନ୍ଦ୍ର- ଯଦି ଏଇ ସାମାନ୍ୟ ଧୈର୍ଯ୍ୟ ନାହିଁ, ତା'ହେଲେ ନିଜର କାର୍ଯ୍ୟସିଦ୍ଧି ପାଇଁ ଏଠାକୁ ଆସୁଥିଲ କାହିଁକି ?

ପ୍ରଦୀପ- ମୁଁ କେବେ କେଉଁ ମନ୍ତ୍ରୀଙ୍କ ପାଖକୁ ଯାଇନି କି ଯାଏନି... । ବାପାଙ୍କୁ ଆପଣ କ'ଣ ପ୍ରତିଶ୍ରୁତି ଦେଇଥିଲେ । ଯେ ମୋତେ ବାଧକରି ପଠାଇଲେ ବୋଲି ନ ହେଲେ.... । (ଆଉ ଜଣେ ମଧ୍ୟବୟସ୍କ ଖଦଡ଼ ପିନ୍ଧା ଭଦ୍ରବ୍ୟକ୍ତି ଧୀର ମହାରଣା, ମାଧବପୁର ପଞ୍ଚାୟତର ସରପଞ୍ଚ ବସିଥିଲେ, ହଠାତ୍ କହି ଉଠିଲେ)

ଧୀର- ହଉ ଠିକ୍ ଅଛି, ଆସିଛନ୍ତି ଯଦି ଟିକିଏ ଅପେକ୍ଷା କରନ୍ତୁ । ମନ୍ତ୍ରୀ ବଳେ ଏବେ ଆସିଯିବେନି ?

ପ୍ରଦୀପ- କେବେ ଆଉ ଆସିବେ ଆଜ୍ଞା ! ସକାଳ ଆଠଟାରୁ ଆସି ଅପେକ୍ଷା କରିଛୁ ଯେ ଆସି ହେଲା ଦିନ ସାଢ଼େ ଏଗାର । ଏଥିରେ ଆଉ କ'ଣ ବିଶ୍ୱାସ ଅଛି ଯେ, ମନ୍ତ୍ରୀ ଆସିବେ ବୋଲି.... ସେ ପ୍ରକୃତରେ ଘରେ ଅଛନ୍ତି କି ନାହିଁ ତାହା ବି ମୋର ସନ୍ଦେହ । (ବସିଥିବା ଆଉ ଜଣେ ଯୁବକ, ସାରଙ୍ଗ କହି ଉଠିଛନ୍ତି)

ସାରଙ୍ଗ- ନାହିଁ ନାହିଁ ଅଛନ୍ତି । ନିଶ୍ଚୟ ଅଛନ୍ତି । ଆପଣ ନିରୁତ୍ସାହ ହୁଅନ୍ତୁ ନାହିଁ ।

ପ୍ରଦୀପ- ଆପଣ କେମିତି ଜାଣିଲେ ?

ସାରଙ୍ଗ- ହଁ, ସେ ଆର ଘରେ ଫୋନ୍ ପାଖରେ ଯେଉଁ ପି.ଏ. ବସିଛନ୍ତି, ସେ ତ କହିଲେ ଅଛନ୍ତି, ବାଥ୍ରୁମ୍ ଯାଇଛନ୍ତି ବୋଲି....

ପ୍ରଦୀପ- (ଚମକି ପଡ଼ି) ଏଁ ବାଥ୍ରୁମ୍ ? ମାନେ ସେତିକିବେଳୁ ?

ଚନ୍ଦ୍ର- ଆରେ ନାହିଁ ମ ? ସେତିକିବେଳୁ କ'ଣ ଖାଲି ବାଥ୍ରୁମ୍ ଯାଇଛନ୍ତି ? ଅନ୍ୟାନ୍ୟ ନିତ୍ୟକର୍ମ ସାରୁଥିବେ ନା ?

ପ୍ରଦୀପ- ନିତ୍ୟକର୍ମ ସାରିବାକୁ କ'ଣ ଚାରି ଚାରି ଘଣ୍ଟା ସମୟ ଲାଗେ ।

ଧୀର- ଓହୋଃ, ଆପଣ ତରୁଣ ଲୋକ... ଆପଣ କିଛି ଜାଣି ନାହାନ୍ତି । ମନ୍ତ୍ରୀ କ'ଣ ଆମ ତୁମ ଲୋକଙ୍କ ଭଳି ହେଇଛନ୍ତି ?

ଚନ୍ଦ୍ର- ହଁ ସେଇକଥା କୁହନ୍ତୁନି, ଏମାନେ ତ ଆଜିକାଲିକା ପିଲା... ଏମାନେ କ'ଣ କିଛି ବୁଝିବାକୁ ଚେଷ୍ଟା କରୁଛନ୍ତି ? ନା, କୌଣସି କଥାରେ ଭିତରକୁ ପଶୁଛନ୍ତି ?

ପ୍ରଦୀପ- ତା' ମାନେ ...

ଚନ୍ଦ୍ର- ମନ୍ତ୍ରୀମାନେ ଯେ ଆମଠାରୁ ଭିନ୍ନ, ଏକଥା ତ ତମେ କେବେ ଅସ୍ୱୀକାର କରିପାରିବ ନାହିଁ ।

Digitized by srujanika@gmail.com

ପ୍ରଦୀପ- ଭିନ୍ନ ?

ଧୀର- ହଁ କଥାରେ, କାର୍ଯ୍ୟରେ, ମାନମର୍ଯ୍ୟାଦାରେ । ସବୁଥିରେ ସେମାନେ... ।

ଚନ୍ଦ୍ର- ମନ୍ତ୍ରୀ ହେଉଛନ୍ତି ପୂର୍ବର ରାଜାଙ୍କ ସାଙ୍ଗରେ ସମାନ । ତାଙ୍କୁ ଆଉ ଏମିତି ସାଧାରଣ ଲୋକ ବୋଲି ଭାବିଲେ କେମିତି ହେବ ?

ପ୍ରଦୀପ- ଏଇଟା ଗଣତାନ୍ତ୍ରିକ ରାଷ୍ଟ୍ର ନା ? ମନ୍ତ୍ରୀଙ୍କୁ ଆମେ ପ୍ରତିନିଧି କରି ପଠାଇଛୁ । କାଲି ସକାଳେ ସେ ମନ୍ତ୍ରୀପଦରୁ ଚାଲି ଯାଇପାରନ୍ତି, ତା' ବୋଲି......

ଧୀର- ଓହୋଃ ଚାଲିଗଲେ ସେ ତ ଭିନ୍ନ କଥା, ଏବେ ଅଛନ୍ତି ଯେତେବେଳେ...

ପ୍ରଦୀପ- କାହିଁକି ? କାହିଁକି ଏସବୁ ବିଭେଦ କହିଲ ? ମନ୍ତ୍ରୀଙ୍କ ପାଇଁ ଚାରି ଚାରିଟା ଗାଡ଼ି, ଏ ନିଅନ ଆଲୁଅ, ଏ ତୁଳିତଳ୍ପ ଘେରା କୋଠାଘର ? ମଖମଲୀ ସିଂହାସନ କାହିଁକି ? ସେମାନେ ତ ଖାଲି ଏମିତି ଉପଭୋଗ କରିବେ, ଆଉ ଦେଶସେବା, ଜନସେବା କରିବାକୁ ବେଳ କାହିଁ ?

ଚନ୍ଦ୍ର- ଓହୋଃ ତୁମକୁ ତ ଆଉ ପାରିହେବନି ଦେଖୁଛି । କିହୋ ! ଏ ଖୋଦ୍ ମନ୍ତ୍ରୀଙ୍କ ଘରେ ବସି ମନ୍ତ୍ରୀଙ୍କୁ ସମାଲୋଚନା କଲେ ହବ କେମିତି ?

ଧୀର- ତରୁଣ ଲୋକ । ତାରୁଣ୍ୟର ବିଦ୍ରୋହରେ...

ଚନ୍ଦ୍ର- ମୋର ଆଉ କିଛି କହିବାର ନାହିଁ । ତୁମ ଇଚ୍ଛା ହଉଛି ଯଦି ଅପେକ୍ଷା କର, ନହେଲେ ଯାଇପାର । ତୁମ ବାପାଙ୍କୁ ସେଇକଥା କହିଦେବ ଯେ, ମନ୍ତ୍ରୀଙ୍କୁ ଦେଖା କରିବାକୁ ତୁମର ଧୈର୍ଯ୍ୟ ରହିଲା ନାହିଁ ।

ପ୍ରଦୀପ- ଆଉ ବାପା ମୋ ଚାକିରି ପାଇଁ ତୁମକୁ ଯେଉଁ କୋଡ଼ିଏ ହଜାର ଟଙ୍କା ଦେଇଥିଲେ ?

ଚନ୍ଦ୍ର- କିଏ କହିଲା ?

ପ୍ରଦୀପ- ନିଜେ ମୁଁ ବାପାଙ୍କ ଠାରୁ ଶୁଣିଛି ।

ଚନ୍ଦ୍ର- ମିଛ କଥା । ସେ ଟଙ୍କା ଫଙ୍କା ମୁଁ କିଛି ଜାଣେନି । (ଏହି ସମୟରେ ମନ୍ତ୍ରୀଙ୍କ ପିଅନ ଲୋକନାଥ ବାହାରୁ ଆସି ଭିତର ଘରକୁ ଯାଉଥିବା ସମୟରେ...)

ସାରଙ୍ଗ- କ'ଣ ବାବୁ ! ମନ୍ତ୍ରୀ ଅଛନ୍ତି ?

ଲୋକା- ଅଛନ୍ତି...

ଧୀର- ଏ ଦରବାରକୁ ଆସିବେ କେତେବେଳେ ?

ଲୋକା- ଆଜ୍ଞା ମୁଁ ସେ କଥା କିମିତି କହିବି ? (ଭିତରକୁ ଗଲା)

ସାରଙ୍ଗ- ତାହେଲେ ? ତାହେଲେ କିଏ ଆଉ କହିବ ? (ଏହି ସମୟରେ ବାହାରୁ ଦୁଇଜଣ କଥା ହୋଇ ଆସିଛନ୍ତି । ଜଣେ ମଧ୍ୟବୟସ୍କ

Digitized by srujanika@gmail.com

ରାଧୁବାବୁ । ପରିଧାନ- ଖଦଡ଼ ଲୁଗା, ପଞ୍ଜାବୀ, ଜାକେଟ୍ ଓ ଆଉ ଜଣେ ଯୁବକ ରାଜୁ, ବୟସ ଆପାତତଃ ୨୫-୩୦ ହେବ)

ରାଧୁ- ତୁମେ ଜମା ବୁଝିପାରିବନି ରାଜୁ । ଖାଲିଟାରେ କିଏ କାହା ପାଇଁ କ'ଣ କରିବ କହିଲ ? ତା'ଛଡ଼ା ବର୍ତ୍ତମାନ ଯେଉଁ ପରିସ୍ଥିତି, ସେଥିରେ କିଏ କାହାକୁ ମାଗଣା ଏତେ ଶୀଘ୍ର ଚାକିରିଟାଏ କରେଇ ଦେଇପାରିବ ? ଏଇଟା କ'ଣ ଏତେ ସହଜ କଥା ?

ରାଜୁ- ମନ୍ତ୍ରୀମାନେ ପୁଣି କେତେ ଲୋକଙ୍କୁ ଚାକିରିବାକିରୀ କରେଇ ଦଉଛନ୍ତି ତ ?

ରାଧୁ- ଆରେ ଯିଏ କରେଇ ଦଉଛନ୍ତି, ସେଥିରେ କିଛି ଥିବନା....

ରାଜୁ- ଥିବ ? ଥିବ ମାନେ ?

ରାଧୁ- ଓ ହୋଃ ଥିବ ମାନେ... ହୁଏତ ମନ୍ତ୍ରୀ ନିଜେ କିଛି ପକେଇଥିବେ ନହେଲେ ସେ ମନ୍ତ୍ରୀଙ୍କ ବନ୍ଧୁବାନ୍ଧବ ବା ଏରିଆ ଲୋକ ହୋଇଥିବେ, ଯାହା ଫଳରେ ମନ୍ତ୍ରୀ କାହାକୁ ଚାକିରି ଖଣ୍ଡେ କରେଇ ଦେଲେ ତାଙ୍କର ଲୋକପ୍ରିୟତା ବଢ଼ିବ- ଯାହା ବଳରେ ସେ ହଜାର ହଜାର ସଂଖ୍ୟାରେ ଅଧିକ ଭୋଟ ପାଇବେ ।

ରାଜୁ- ତା ମାନେ ଏ ଦୁଇ ଶ୍ରେଣୀର ଲୋକଙ୍କ ବ୍ୟତୀତ ଆଉ ଅନ୍ୟମାନଙ୍କ ପାଇଁ ଚାକିରିର ରାସ୍ତା ବନ୍ଦ ?

ରାଧୁ- ସେଥିରେ ଆଉ କ'ଣ କିଛି ସନ୍ଦେହ ଅଛି ?

ଚନ୍ଦ୍ର- ନା, ମିଳିବ, କିନ୍ତୁ.....

ପ୍ରଦୀପ- କିନ୍ତୁ ? କିନ୍ତୁ ପୁଣି କ'ଣ ?

ଧୀର- ମିଳିବ, ଯଦି ଆପଣ ହରିଜନ କି ଆଦିବାସୀ ହେଇଥିବେ ।

ରାଧୁ- ହଁ ହରିଜନ ଆଦିବାସୀ କଥା ଅଲଗା । ବର୍ତ୍ତମାନ ତ ସବୁ କ୍ଷେତ୍ରରେ ତାଙ୍କ ସ୍ଥାନ ସଂରକ୍ଷିତ । ପାଠପଢ଼ା, ଚାକିରି, ପଦୋନ୍ନତି... ସବୁଥିରେ ।

ସାରଙ୍ଗ- ସତେ ଯେମିତି ସେ ସରକାରଙ୍କ ଧର୍ମ ସଂପର୍କୀୟ...

ଧୀର- ପ୍ରଥମେ ତାଙ୍କ ଭାଗଟା ରଖିଦେଇ ତାପରେ ଯାହା କରୁଛ କର...

ପ୍ରଦୀପ- କିନ୍ତୁ କାହିଁକି ? କ'ଣ ପାଇଁ ?

ସାରଙ୍ଗ- କ'ଣ ପାଇଁ ସେ କଥା କ'ଣ ଜାଣି ପାରୁନାହାନ୍ତି ? ହରିଜନ ଆଦିବାସୀଙ୍କ ପାଇଁ ଏ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ନକଲେ ଅଧିକ ଭୋଟ ମିଳିବ କେମିତି ?

ପ୍ରଦୀପ- ଯାଫ୍ ମଣିଷ ମଲା ଏଠି ପଡ଼ିକି । ହାତରେ ଶୃଙ୍ଖଳବନ୍ଧା ବନ୍ଦୀ, ପରାଧୀନ ଜୀବନ ଠାରୁ ଏଠି ଆହୁରି ଅଧିକ ଦୁର୍ବିସହ ହୋଇ ପଡ଼ିଲାଣି । ଏଠି ନା ଅଛି ଶାନ୍ତି ନା ଅଛି ନ୍ୟାୟ ବିଚାର ?

Digitized by srujanika@gmail.com

ରାଜୁ- ୭୦ ପରସେଣ୍ଟ୍ ମାର୍କ ରଖି ଆମେ ବା ଆମ ପିଲାଏ କେଉଁ କଲେଜ୍‌ରେ ସିଟ୍‌ଟାଏ ପାଇବୁନି ଅଥଚ ୩୦ ପର୍ସେଣ୍ଟରେ ସେମାନଙ୍କ ପାଇଁ ରିଜର୍ଭ୍ । ଫାଷ୍ଟକ୍ଲାସ୍ ପାଇ ଆମେ ଚାକିରି ପାଇବୁନି, ଭଲକରି ସେଣ୍ଟ୍‌ନ୍‌ସ୍‌ଟାଏ ଲେଖି ପାରୁ ନଥିବା, କୋଉ ପାଞ୍ଚଥରରେ ପାସ୍ କରିଥିବା ଆଦିବାସୀ ହରିଜନ ପିଲାଏ ଚାକିରି ପାଇବେ । ଇୟେ କୋଉ ବିଚାର ଭାବିଲେ ?

ପ୍ରଦୀପ- ଏକଥା ଭାବିଲାବେଳକୁ ରାଗରେ ମୁଁଣ୍ଡ ମୋର ଝାଇଁ ଝାଇଁ ହେଇ ଯାଉଛି ।

ସାରଙ୍ଗ- ଖାଲି ମୁଣ୍ଡ ଝାଇଁ ମାରିଲେ କ'ଣ ହେବ ? ସେଥିପାଇଁ ଆମ ଯୁବସମାଜ ଯଦି ବିଧିବଦ୍ଧ ଭାବେ ସ୍ୱର ଉତ୍ତୋଳନ କରନ୍ତେ ହୁଏତ କିଛିଟା ହୁଅନ୍ତା ।

ରାଜୁ- ହଁ ! ଏଥିପାଇଁ ଆନ୍ଦୋଳନ ନ ହେଲେ କିଛି ପରିବର୍ତ୍ତନ ହେଇ ପାରିବ ନାହିଁ, ବରଂ ଦିନକୁ ଦିନ ବଢ଼ି ବଢ଼ି ଚାଲିବ ।

ସାରଙ୍ଗ- ଏବେ ପୁଣି ପ୍ରମୋଶନ କ୍ଷେତ୍ରରେ ସେହିକଥା ଆରମ୍ଭ ହେଇଗଲାଣି ।

ପ୍ରଦୀପ- ପ୍ରମୋଶନ କ୍ଷେତ୍ରରେ ?

ସାରଙ୍ଗ- ହଁ ପ୍ରମୋଶନରେ ବି ସେମାନଙ୍କ ସ୍ଥାନ ସଂରକ୍ଷିତ । ଶହ ଶହ ଲୋକ ଙ୍କୁ ସୁପର୍‌ସିଟ୍ କରି ପ୍ରମୋଶନ ଦିଆଯାଇଛି ।

ପ୍ରଦୀପ- ଆଃ, ମୁଁ ଯା' ଦେଖୁଛି ଏ ଦେଶଟା ଆଉ ରହିବ ନାହିଁ । ହୁଏତ କେତେ ବେଳେ ରସାତଳଗାମୀ ହେଇଯିବ ।

ସାରଙ୍ଗ- ସତେ ଯେମିତି ହରିଜନ ଆଦିବାସୀ କୂଳରେ ଜନ୍ମ ନେବା ଏକ ଆର୍ଶୀବାଦ !

ଚନ୍ଦ୍ର- ଓଃ ହୋଃ ସରକାର ପରା କହୁଛନ୍ତି, ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ । ସମସ୍ତେ ସମାନ ହେବେ ?

ପ୍ରଦୀପ- କୋଉଠି ସେକଥା ହେଉଛି ? ସରକାର ତ ନିଜେ ଜାତି ଭେଦ ସୃଷ୍ଟି କରୁଛନ୍ତି ।

ସାରଙ୍ଗ- ବର୍ତ୍ତମାନ ଉଦ୍‌ବର୍ତ୍ତନର ଯୁଗ । Survival of the fitest । ଯେ ପ୍ରତିଯୋଗୀତାରେ ଆଗକୁ ଆସିଲା ସେ ଉତ୍ତମ ଫଳ ପାଇବ । ତାହା ନ କରି ଆଦିବାସୀ, ହରିଜନ, ସବର୍ଣ୍ଣ ଭେଦଭାବ କିଏ ସୃଷ୍ଟି କରୁଛି ?

ରାଜୁ- ପରୀକ୍ଷା ସ୍ୱରୂପ ସେଇମାନଙ୍କ ହାତରେ ଦେଶର ପୁରାପୁରି ଦାୟିତ୍ୱଟା ଛାଡ଼ି ଦଉନାହାନ୍ତି ?

ପ୍ରଦୀପ- ହଁ, ସବୁ ଗୋଲ୍ ହେଇଯିବ ଯେ... (ଏହି ସମୟରେ ପିଅନ ଲୋକନାଥ ମନ୍ତ୍ରୀଙ୍କ ଭିତର ଘରୁ ବାହରି ସେହି କୋଠରୀ ଅତିକ୍ରମ କରି ବାହରକୁ ଯାଉଥିଲା ।)

Digitized by srujanika@gmail.com

ଚନ୍ଦ୍ର- ହଇହୋ ବାବୁ ଲୋକନାଥ ! ମନ୍ତ୍ରୀ ଆସୁଛନ୍ତିଟି ?

ଲୋକା- ହଁ ଆସିବେ- କିଛି ସମୟ ପରେ...

ପ୍ରଦୀପ- ପୁଣି କିଛି ସମୟ ପରେ ? ମୁଁ ଯାହା ଦେଖୁଛି ଏ ମନ୍ତ୍ରୀମାନେ ତ ରାଜା ବାଦ୍‌ଶାହାଙ୍କ ଠାରୁ ବଳିଗଲେ ?

ସାରଙ୍ଗ- ରାଜା ବାଦ୍‌ଶାହା ଆଉ ଏବେର ମନ୍ତ୍ରୀମାନଙ୍କ ମଧ୍ୟରେ କ'ଣ ପ୍ରଭେଦ ?

ରାଜୁ- ରାଜ ପରିଚ୍ଛେଦ, ରାଜସିଂହାସନ ଓ ରାଜମୁକୁଟକୁ ବାଦ୍ ଦେଲେ ଆଉ ତ ସବୁ ସମାନ ।

ପ୍ରଦୀପ- ବାଦ୍‌ଦେବେ କାହିଁକି ? ସବୁ ସମାନ, only in different form.

ରାଜୁ- Different form ? ମାନେ ?

ପ୍ରଦୀପ- ହଁ ରାଜାଙ୍କର ଯେମିତି ରାଜସିଂହାସନ, ଏମାନଙ୍କର ସେମିତି ତୁଳିତଳପ ବିଶିଷ୍ଟ ମଖମଲି ଗଦି, ଚେୟାର୍, ଚଟାଣରେ ଭେଲ୍‌ଭେଟ୍ ଗଦି, ଶୀତତାପ ନିୟନ୍ତ୍ରିତ କକ୍ଷ, ଏସବୁ କୋଉ ଗୁଣରେ କମ୍ ଯେ ?

ସାରଙ୍ଗ- ହଁ ରାଜା ଯେମିତି ଘୋଡ଼ା ଚଢୁଥିଲେ, ମନ୍ତ୍ରୀମାନଙ୍କର ବି ସେମିତି ଭି.ଆଇ.ପି. କାର୍ । ତା'ପରେ ପୁଣି ରାଜାଙ୍କ ପୁଷ୍ପକ ବିମାନ ହେଉଛି ମନ୍ତ୍ରୀଙ୍କର ଏବର ହେଲିକାପ୍ଟର । କେଉଁଥିରେ ଆଉ କମ୍ ଅଛି ?

ରାଜୁ- ତୁମେ ଯେତେ ସମାଲୋଚନା କରୁଥା, ସେଥିରେ ତାଙ୍କର କିଛି ଯାଏଆସେ ନାହିଁ । ମନ୍ତ୍ରୀମାନେ ଯେମିତି ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟରେ ରହିଛନ୍ତି, ଠିକ୍ ସେଇମିତି ହିଁ ରହିଥିବେ ।

ପ୍ରଦୀପ- ମାସକୁ ଦରମା ପାଉଛନ୍ତି ତ ଏତିକି, ହଠାତ୍ ପାଞ୍ଚବର୍ଷ ମଧ୍ୟରେ ଏଡ଼େ ବଡ଼ ବଡ଼ କୋଠା ସବୁ ତାଙ୍କର ଗଢ଼ି ଉଠୁଛି କେମିତି ?

ସାରଙ୍ଗ- ଜାଣନି କି ? ସବୁ ରାଧେ ରାଧେ, ତୋର ଅଧେକୁ ମୋର ଅଧେ ।

ଚନ୍ଦ୍ର- ମନ୍ତ୍ରୀଙ୍କ ଖାସ୍ ବୈଠକଖାନାରେ ବସି ମନ୍ତ୍ରୀମାନଙ୍କ ବିରୋଧରେ ଏମିତି କଥାବାର୍ତ୍ତା ହେବାଟା ଠିକ୍ ନୁହେଁ ।

ରାଧୁ- ମନ୍ତ୍ରୀଙ୍କ କାନକୁ ଯଦି ଏକଥା ଯାଏ ?

ସାରଙ୍ଗ- ମନ୍ତ୍ରୀଙ୍କ କାନକୁ କିଏ ନବ ? ନେଲେ ଏଇ ଆମରିମାନଙ୍କ ମଧ୍ୟରୁ କିଏ ନବ ସିନା । ଆମ ଭିତରେ ସାମାନ୍ୟତମ ଚେତନାବିହୀନ ଖୋସାମତିଆ, କାନକୁହା କେହିଥିବେ ଯଦି କହିବେ ।

ପ୍ରଦୀପ- ନା-ନା, ମନ୍ତ୍ରୀ ଏକଥା ଶୁଣନ୍ତୁ । ଏତେ ଭୟ କାହିଁକି ? ସେ ଏକଥା ଶୁଣିଲେ ତ ଭଲ । ଅନ୍ତତଃ ଟିକିଏ ନିଜକୁ ଆତ୍ମଶୁଦ୍ଧି କରିପାରିବେ ।

Digitized by srujanika@gmail.com

ସାରଙ୍ଗ- ନାଇଁ ମ, ମନ୍ତ୍ରୀ କେଉଁ ଅନ୍ଦର ମହଲରେ ଥିବେ, ତାଙ୍କର ଗରଜ ପଡ଼ିଛି ଏଇସବୁ କଥା ଶୁଣିବାକୁ । କିଏ କ'ଣ କହିଲେ କେତେ ନକହିଲେ କେତେ ? ନିନ୍ଦା କଲେ କ'ଣ ନା ପ୍ରଶଂସା କଲେ କ'ଣ ।

ରାଜୁ- ସମୟ ଆସିବ, ବଳେ ଏସବୁ ଛାଡ଼ି ଯିବ ନି ?

ସାରଙ୍ଗ- ଆଉ ଛାଡ଼ିବ କ'ଣ ? ଏ ପଦ୍ଧତି, ମାନେ Total system ଟା ଏମିତି ହେଇଗଲାଣି, ବଦଳେଇବା ସହଜ କଥା ନୁହେଁ ।

ପ୍ରଦୀପ- ଆମ୍ଭେମାନେ ଠିକ୍ ହେଲେ ସବୁ ବଦଳିଯିବ । (ଏହି ସମୟରେ ମନ୍ତ୍ରୀଙ୍କ ପୁଅ, ରାଜେଶ ଘରୁ ଭିତରୁ ବାହାରି ଅତି ଖାମ୍‌ଖିଆଲି ଭାବେ ବୈଠକଖାନା ଦେଇ ବାହାରକୁ ଯିବାକୁ ଉଦ୍ୟତ ।)

ଚନ୍ଦ୍ର- ଆଜ୍ଞା ବାପା ବାହାରିଲେଣି ?

ରାଜେଶ- ବାହାରିଲେ ବଳେ ଦେଖିବେନି ? (ବାହାରକୁ ଗଲେ)

ସାରଙ୍ଗ- ଦେଖିଲେ । କେମିତି ଉତ୍ତର ମିଳିଲା ଶୁଣିଲେ ?

ରାଜୁ- ଏ କିଏ ? ମନ୍ତ୍ରୀଙ୍କ ପୁଅ ?

ଧୀର- ହଁ ମନ୍ତ୍ରୀଙ୍କ ପୁଅ । ମନ୍ତ୍ରୀଙ୍କୁ ମନ୍ତ୍ରିତ୍ୱରେ ସାହାଯ୍ୟ ସହଯୋଗ କରନ୍ତି । ମାନେ ସବୁଥିରେ...

ପ୍ରଦୀପ- ଓଃ ! ଏ ତା ହେଲେ ସ୍ୱୟଂ ଯୁବରାଜ ! ଯୁବରାଜଙ୍କର ବ୍ୟକ୍ତିତ୍ୱ ତ ଏମିତି ରହିବା କଥା ।

ସାରଙ୍ଗ- ହଁ, ମହାଭାରତରେ ଧୃତରାଷ୍ଟ୍ର ମହାରାଜ କିନ୍ତୁ ଯୁବରାଜ ମାନୀ ଦୁର୍ଯ୍ୟୋଧନର ଆଧିପତ୍ୟ ଯେ ଅଧିକ....

ପ୍ରଦୀପ- ସେ ଯୁବରାଜ ଆଉ ଆମେମାନେ ସମସ୍ତେ ଜଣେ ଜଣେ ପ୍ରଜା । ତେଣୁ ସେ ଆମକୁ ଯେପରି ଉତ୍ତର ଦେବା କଥା ଦେଲେ । ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ସାରଙ୍ଗ- ହଉ ଚାଲୁ ଏମିତି କେତେଦିନ ଚାଲିବ...

ପ୍ରଦୀପ- ଏ ଔଦ୍ଧତ୍ୟ କ'ଣ ରହିବ ?

ରାଧୁ- ସେକଥା କାହିଁକି ଏଠିସବୁ ଆଲୋଚନା କରୁଛନ୍ତି ଆଜ୍ଞା ? ସେମାନେ ଶାସନକର୍ତ୍ତା, ତାଙ୍କ ହାତରେ ଅଖଣ୍ଡ କ୍ଷମତା ଅଛି ।

ଧୀର- ହଁ ସେ ଯାହା ଚାହିଁବେ, ତାହା ହିଁ ହେବ ।

ରାଧୁ- ଅଳିଅଳ ପୁତ୍ରଙ୍କ ଅନୁରୋଧ ରଖିବାକୁ ମନ୍ତ୍ରୀମାନେ ବାଧ୍ୟ ।

ଚନ୍ଦ୍ର- ମୁଁ ନିଜେ ଜଣଙ୍କ ବଦଳି ବିଷୟରେ ମନ୍ତ୍ରୀଙ୍କୁ କହିଲି । ହୋଇପାରିଲାନି । ପରେ ଶୁଣିଲି, ସେ କୁଆଡ଼େ ମନ୍ତ୍ରୀଙ୍କ ପୁଅକୁ ଟଙ୍କା ଦେଇ ବଦଳି କରାଇଲେ ।

Digitized by srujanika@gmail.com

ରାଧୁ- ଓ ହୋଃ ! ଆପଣମାନେ ପ୍ରକୃତରେ ସୀମା ଟପି ଯାଉଛନ୍ତି । ଅନ୍ତତଃ ଏଠି ବସି ଏଭଳି ଆଲୋଚନା କରିବାଟା ଠିକ୍ ହେଉନି ।

ଚନ୍ଦ୍ର- ହଁ, ହଁ ଠିକ୍ କଥା । ଆପଣମାନଙ୍କ ମନୋଭାବ ଆପଣ ହୁଏତ ଅନ୍ୟ କେଉଁ ପତ୍ରପତ୍ରିକାରେ ପ୍ରକାଶ କରିପାରନ୍ତି । ଅନ୍ତତଃ ଏଠି ଏଭଳି ଭାବେ...

ପ୍ରଦୀପ- ଏବେ ଆପଣ ଆଉଥରେ ମନ୍ତ୍ରୀଙ୍କ ପାଖକୁ ଖବର ପଠାନ୍ତୁ ।

ଚନ୍ଦ୍ର- ଆଚ୍ଛା ଠିକ୍ ଅଛି, ମୁଁ ଦେଖେ ପି.ଏ.ଙ୍କୁ ପଚାରେ ଅନ୍ତତଃ ଥରେ... ଫୋନ୍‌ରେ (ବାହାରକୁ ଯାଇଛନ୍ତି)

ସାରଙ୍ଗ- ମୁଁ ଯାହା ଦେଖୁଛି, ୟାଙ୍କର ବୋଧେ ମନ୍ତ୍ରୀଙ୍କ ସାଙ୍ଗରେ ବେଶ୍ ସଲାସୁତରା ଅଛି ।

ରାଜୁ- କାହାକୁ ଆଜିକାଲି କ'ଣ କହିବ କହୁନାହାନ୍ତି ? ଏଇ ଦେଖୁନାହାନ୍ତି ଏ ରାଧୁବାବୁ ଆମ ଗାଁକୁ ଯାଇଥିଲେ । ମୋତେ ଚାକିରି କରାଇ ଦେବେ କହି ସବୁ ହଁ ହାଁ କହି ଆଣିଲେ । ମୁଁ ଦୁଇଶ ତିନିଶ ଟଙ୍କା ଖର୍ଚ୍ଚ କଲି, ଅଥଚ ଏବେ କହୁଛନ୍ତି ମନ୍ତ୍ରୀ କ'ଣ ଖାଲି ଖାଲି ଚାକିରି କରାଇ ଦେବେ ? (ଏହି ସମୟରେ ଘର ଭିତରୁ ପୂଝାରୀ ଚୋକା ଆସିଛି)

ସାରଙ୍ଗ- କ'ଣ ବାବୁ ମନ୍ତ୍ରୀ ଏବେ ଆସିବେ ?

ପୂଝାରୀ- ମନ୍ତ୍ରୀ ଜଳଖିଆ ଖାଇ ଏବେ ଟିକିଏ ବିଶ୍ରାମ ନେଉଛନ୍ତି ।

ପ୍ରଦୀପ- ବିଶ୍ରାମ ? ମାନେ ?

ରାଧୁ- କ'ଣ ନିଦରେ ଶୋଇ ଯାଇଛନ୍ତି ?

ପୂଝାରୀ- ହଁ କହିଲି ପରା ଶୋଇଛନ୍ତି । ଏତେ କ'ଣ ସେହି କଥା ଫଟେଇ ହଉଛନ୍ତି ।

ପ୍ରଦୀପ- ଆମେ ଯାହା ବେହିଆଗୁଡ଼ାକ ଏଠି ବସି ବସି ସମୟ ନଷ୍ଟ କରୁଛନ୍ତି ।

(ଏହି ସମୟରେ ବାହାରୁ ଆସିଛନ୍ତି ରାଜେଶ)

ରାଜେଶ- ଏଁ କ'ଣ କହିଲେ ଆପଣ ଏଠି ସମୟ ନଷ୍ଟ କରୁଛନ୍ତି ? କିଏ କହୁଛି ଆପଣଙ୍କୁ ଏଠି ସମୟ ନଷ୍ଟ କରିବାକୁ ? ଆପଣଙ୍କ ଇଚ୍ଛା ଯଦି ଯାଉ ନାହାନ୍ତି... (ବାହାରୁ ଆସିଛନ୍ତି ଚନ୍ଦ୍ର)

ଚନ୍ଦ୍ର- ପି.ଏ.ବାବୁ କ'ଣ କହୁଛନ୍ତି ମନ୍ତ୍ରୀଙ୍କର ସାଢ଼େ ବାରଟାରେ କୁଆଡ଼େ ଗୋଟାଏ ଜରୁରୀ ମିଟିଂ ଚିଫ୍ ମିନିଷ୍ଟରଙ୍କ ପାଖରେ ଅଛି...

ରାଜେଶ- ମିଟିଂ ଅଛି, ଅଥଚ ଆପଣ ପୋଗ୍ରାମ୍ ନ ବୁଝି ଖାଲିଟାରେ କାହିଁକି ଏଠି ବସି ଏତେ କଥା ପକଉଛନ୍ତି ? (ଭିତରକୁ ପ୍ରସ୍ଥାନ)

ସାରଙ୍ଗ- ତେବେ ଏବେ କ'ଣ କରିବା କୁହନ୍ତୁ ?

Digitized by srujanika@gmail.com

ପ୍ରଦୀପ- କ'ଣ ଆଉ କରିବା ?

ରାଜୁ- ସମୁଦ୍ର କୂଳରେ ବସି ଢେଉ ଗଣି ଗଣି ଦିନ ଶେଷ ଅଥଚ....

ଚନ୍ଦ୍ର- ଓହୋଃ ! ମନ୍ତ୍ରୀ ମିଟିଂ ସାରି ଆସିଯିବେ... ଏତେ ବ୍ୟସ୍ତ କାହିଁକି ହଉଛନ୍ତି (ମନ୍ତ୍ରୀଙ୍କ ପି.ଏ. ଆସିଛନ୍ତି)

ପି.ଏ.- ଆଜ୍ଞା ମନ୍ତ୍ରୀ ଏବେ ସେ ପଟେ କାର୍‌ରେ ଏକ ଜରୁରୀ ମିଟିଂକୁ ଗଲେ ।

ରାଧୁ- କେତେବେଳେ ଫେରିବେ ?

ପି.ଏ.- ଅତି କମ୍‌ରେ ତିନିଘଣ୍ଟା ?

ଧୀର- ମିଟିଂକୁ ଫେରି ତ ସେ ଖିଆପିଆ କରିବେ ।

ପ୍ରଦୀପ- (ଚନ୍ଦ୍ରକୁ ଚାହିଁ) କଥାରେ କିଛି ଠିକ୍ ଠିକଣା ନାହିଁ । ଗୋଟାଏ ବେକାରଟାରେ ମଣିଷ ଏଠି ବସି... ଛି ଛି....

ସାରଙ୍ଗ- ମନ୍ତ୍ରୀ ଯେମିତି ତାଙ୍କ କର୍ମଚାରୀମାନେ ତାଠୁଁ ଅଧିକ । ମନ୍ତ୍ରୀ ଆସୁଛନ୍ତି କହି ଏଠି ଗୋଟାଏ ଭେଳିକି ଲଗାଇଛନ୍ତି । ଚାଲ ହେ, ଚାଲଯିବା ।

ପ୍ରଦୀପ- ହଁ, ଚନ୍ଦ୍ରବାବୁ ଶୁଣନ୍ତୁ, ଯାହାତ କଲେ କଲେ, ମୁଁ ଆସୁଛି । ଆଜି ସନ୍ଧ୍ୟା ସୁଦ୍ଧା ଆମ ଘରେ ଯାଇ ବାପାଙ୍କଠୁ ଆଣିଥିବା ସେ କୋଡ଼ିଏ ହଜାର ଟଙ୍କା ଫେରେଇ ଦେଇ ନଆସିଲେ କଥା କିଛି ଭଲ ହେବନି କହିଦଉଛି । ମୁଁ ଆପଣଙ୍କୁ ଛାଡ଼ିବିନି । ତାର ପରିଣତି ଯେ କ'ଣ ହେବ ଆପଣ ବୁଝିବେ ।

ରାଜୁ- (ରାଧୁଙ୍କୁ ଲକ୍ଷ୍ୟ କରି) ହଁ ! ମୁଁ ଆସୁଛି ରାଧୁବାବୁ, ଏବର୍ଷ ଆମ ଗାଁକୁ ଆପଣ ଆସିଲେ ଦେଖିବେ, ଚିହ୍ନିବେ ଏ ବେକାରୀ ଯୁବକମାନଙ୍କର ନିଜ ରୂପ । କାହାକୁ ଭୋଟ୍ ଦିଅ, କାହା ସପକ୍ଷରେ କାର୍ଯ୍ୟ କରିବାକୁ ଆଉ କେମିତି ପରାମର୍ଶ ଦେବେ ମୁଁ ଦେଖିବି ?

ସାରଙ୍ଗ- ଆସନ୍ତୁ, ଆସନ୍ତୁ - ସେ ତୋଷାମଦକାରୀ ଟାଉଟମାନଙ୍କର ନୀତି କ'ଣ କେବେ ଛାଡ଼ିଯିବ । ଆସନ୍ତୁ...

(ସାରଙ୍ଗ, ରାଜୁ ଓ ପ୍ରଦୀପ ବିଦ୍ରୂପ କରି ଚାଲି ଯାଇଛନ୍ତି । ଉୟାର୍ଡ଼ ଚିଉରେ ଚାହିଁ ରହିଛନ୍ତି ଧୀରବାବୁ ,ରାଧୁବାବୁ ଓ ଚନ୍ଦ୍ରବାବୁ । ସମୟ ସେତେବେଳକୁ ସାଢ଼େ ଗୋଟାଏ ହେଇ ଯାଇଥିଲା ବୋଧହୁଏ ।)

ମଞ୍ଚ ଅନ୍ଧକାର

□□□

Digitized by srujanika@gmail.com

ସତ୍ୟବାଦୀର ହସ

ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରସାରିତ ଓ ପ୍ରଚାରିତ

ପ୍ରଯୋଜନା : ଝରଣା ଦାସ

ନିର୍ଦ୍ଦେଶନା ଓ ପରିଚାଳନା : ହିମାଂଶୁ ଭୂଷଣ ସାବତ

ଚରିତ୍ର ଲିପି

ସରଳ (ସମାଜ ସେବୀ, ନେତା, ମଧ୍ୟବୟସ୍କ)

ଜିତୁ (ସରଳ ବାବୁଙ୍କ ଶିକ୍ଷିତ ଯୁବକ ପୁତ୍ର)

ସୁରେଶ (ଦୁର୍ନୀତୀଗ୍ରସ୍ତ ଯୁବନେତା)

ବୀରବର (ସୁରେଶଙ୍କ ପକ୍ଷର କର୍ମୀ)

ସତ୍ୟଜିତ୍ (ସୁରେଶଙ୍କ ଦଳର ଲୋକ)

ଶରତ (ସରଳ ବାବୁଙ୍କ ଦଳୀୟ କର୍ମୀ)

କମଳ (ସରଳ ବାବୁଙ୍କ ସମର୍ଥକ)

ଭୀମ ସିଂ (ସୁରେଶଙ୍କ ଚାମୁଚା)

ଯାମିନୀ ବାବୁ (ସରଳବାବୁଙ୍କ ଦଳର ବରିଷ୍ଠ କର୍ମୀ)

ସୁମତୀ (ସରଳ ବାବୁଙ୍କ ପତ୍ନୀ)

Digitized by srujanika@gmail.com

ପ୍ରଥମ ସୋପାନ

(ଅଦୂରରୁ ମଞ୍ଚର ସାମ୍ନା ଦିଗରୁ ନିର୍ବାଚନ ଲଢୁଥିବା ଦଳୀୟ ପ୍ରାର୍ଥୀ ସୁରେଶ ଦଳେଇଙ୍କ ଗଳାରେ ଫୁଲହାର ଲମ୍ବାଇ ଚାରିଜଣ ଲୋକ ଟେକି ଟେକି ସ୍ଲୋଗାନ୍ ଦେଇ ମଞ୍ଚରେ ଅବତୀର୍ଣ୍ଣ କରାଇଛନ୍ତି । ସ୍ଲୋଗାନ୍ :-

ଆମର ନେତା- ସୁରେଶ ଦଳେଇ,

ସୁରେଶ ଦଳେଇ- ଜିନ୍ଦାବାଦ୍,

ଆମର ଚିହ୍ନ- ହାତୁଡ଼ି ଚିହ୍ନ,

ହାତୁଡ଼ି ଚିହ୍ନରେ ଭୋଟ ଦିଅ ।

ସୁରେଶ ଭାଇଙ୍କୁ ଜିତାଇ ଦିଅ ଇତ୍ୟାଦି)

ବୀରବର- ଆଜି ସଭାର ଉଦ୍ଦେଶ୍ୟ ସଂପର୍କରେ ବିଶେଷ ସୂଚନା ଦେବାର ଆବଶ୍ୟକତା ନାହିଁ । ଆପଣମାନେ ଜାଣନ୍ତି, ଆଗାମୀ ନିର୍ବାଚନ ମାର୍ଚ୍ଚ ଛଅ ତାରିଖରେ ଅନୁଷ୍ଠିତ ହେବ । ସେହି ଉପଲକ୍ଷେ ଆଜିର ଏ ସଭା ଏବଂ ଆପଣମାନଙ୍କର ସମାବେଶ । ଆମର ପ୍ରାର୍ଥୀ ତଥା ଏ ଅଞ୍ଚଳର ଉଦୀୟମାନ ନେତା ଶ୍ରୀ ସୁରେଶ ଚନ୍ଦ୍ର ଦଳେଇ ଓ ଦଳୀୟ ନେତାମାନେ ଆସି ଆମ ଗହଣରେ ପହଞ୍ଚି ଗଲେଣି, ବର୍ତ୍ତମାନ ଆମ ଅଞ୍ଚଳର ଅନ୍ୟତମ ପୁରୁଖା ନେତା ତଥା ଜିଲ୍ଲା ପରିଷଦର ପୂର୍ବତନ ଚେୟାର୍‌ମ୍ୟାନ୍ ସତ୍ୟଜିତ୍ ପଟ୍ଟନାୟକଙ୍କୁ ଅନୁରୋଧ କରୁଛି ସେ ଏ ସଭାକାର୍ଯ୍ୟ ପରିଚାଳନା କରିବେ ।

ସତ୍ୟଜିତ- ବନ୍ଧୁଗଣ, ଆଜିର ଏ ନିର୍ବାଚନ ସଭାରେ ଆପଣମାନେ ଏତେ ସଂଖ୍ୟାରେ ଯୋଗଦାନ କରିଛନ୍ତି, ଏହା ନିଶ୍ଚିତ ଭାବେ ଆମର ଉଦୀୟମାନ ନେତା ସୁରେଶ ବାବୁଙ୍କ ନିର୍ମଳ ଭାବମୂର୍ତ୍ତିର ପରିଚୟ ଦିଏ । ଆଗାମୀ ନିର୍ବାଚନରେ ପ୍ରଥମ ଥର ପାଇଁ ସେ ଦଳୀୟ ଟିକେଟ୍ ପାଇ ପ୍ରାର୍ଥୀ ହୋଇଛନ୍ତି । ଏ ଦେଶ ଏ ଜାତି ତାଙ୍କ ଠାରୁ ଅନେକ କିଛି ଆଶା କରେ । ଏଇ ମାଟି ମାଆର ସେବା କରି ସେ ଏକ ମହାନ୍ ଜନନାୟକ ଭାବେ ନିଜକୁ ଗଢ଼ି ତୋଳିବେ । ସେଥିପାଇଁ କାଲି ଆପଣମାନଙ୍କର ସାହାଯ୍ୟ, ସହଯୋଗ, ସ୍ନେହ, କରୁଣା ଓ ଅନୁକମ୍ପା ଲୋଡ଼ା । ମୁଁ ବର୍ତ୍ତମାନ ଆମର ପ୍ରାର୍ଥୀ ଶ୍ରୀଯୁକ୍ତ ସୁରେଶ ଦଳେଇଙ୍କୁ ଅନୁରୋଧ କରୁଛି ସେ ତାଙ୍କର ନିର୍ବାଚନ

Digitized by srujanika@gmail.com

ଉଦ୍‌ବୋଧନୀ ଦେବେ । ଶ୍ରୀଯୁକ୍ତ ଦଳେଇ....

(ସୁରେଶ ଉଠି ଠିଆ ହେବାମାତ୍ରେ ବୀରବର କହି ଉଠିଛନ୍ତି ।)

ବୀରବର- ଆମର ପ୍ରାର୍ଥୀ ବର୍ତ୍ତମାନ ଉଦଦ୍‌ବୋଧନ ଦେବେ । ତାଙ୍କୁ ସ୍ୱୀକୃତି ଜଣାଇ ଆପଣମାନେ ମାରନ୍ତୁ ତାଳି... (ତାଳି ମାଡ଼ ହେଉଛି)

ସୁରେଶ- ମାନନୀୟ ସଭାପତି ମହୋଦୟ, ମୋର ଦଳୀୟ ସହକର୍ମୀଗଣ ଏବଂ ମୋର ଭାଇ ଓ ଭଉଣୀମାନେ । ମୋର ଆଜି ମହାଗୌରବ ଯେ ମୁଁ ଆପଣମାନଙ୍କ ପକ୍ଷରୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି । ଆପଣମାନେ ଏ ସଭାରେ ଏତେ ସଂଖ୍ୟାରେ ଉପସ୍ଥିତ ଅଛନ୍ତି, ତାହାହିଁ ମୋର ପରମ ସୌଭାଗ୍ୟ । ମୋ ପ୍ରତି ଆପଣମାନଙ୍କର ଯେ ସ୍ନେହ ସୌହାର୍ଦ୍ଧ୍ୟ ରହିଛି ଏବଂ ମୋ ପ୍ରତିନିଧିତ୍ୱକୁ ଯେ ଆପଣମାନଙ୍କର ସ୍ୱୀକୃତି ରହିଛି, ଏଥିରେ ସନ୍ଦେହର ଅବକାଶ ନାହିଁ । ଏ ପରିପ୍ରେକ୍ଷୀରେ ମୁଁ ଆଜି ଆପଣମାନଙ୍କୁ ଏତିକି ପ୍ରତିଶ୍ରୁତି ଦେଉଛି, ମୁଁ ନିଶ୍ଚିତ ଭାବେ ଆପଣମାନଙ୍କ ହାତକୁ ହାତ, କାନ୍ଧକୁ କାନ୍ଧ ମିଳାଇ ଚାଲିପାରିବି । ଆପଣଙ୍କର ସୁଖ ଦୁଃଖର ସାଥୀ ହୋଇପାରିବି । ଏ ଅଞ୍ଚଳକୁ ରାମ ରାଜ୍ୟରେ ପରିଣତ କରି ଏଇ ମାଟିରୁ ସୁନା ଫଳାଇବାରେ ସହାୟକ ହୋଇପାରିବି ।

ବୀରବର- ମାରନ୍ତୁ, ମାରନ୍ତୁ ତାଳି ।

ସୁରେଶ- ପ୍ରଥମ ଥର ପାଇଁ ମୁଁ ଆପଣମାନଙ୍କୁ ଆଜି ଭୋଟ ଭିକ୍ଷା କରୁଛି । ମୋର ବିଶ୍ୱାସ, ଆପଣମାନେ ଏଥିରେ କାର୍ପଣ୍ୟ କରିବେ ନାହିଁ । ଏଇ ପ୍ରଥମର ପାଇଁ ମତେ ଜିତାଇ ଦିଅନ୍ତୁ, ମୁଁ ରାଜ୍ୟ ବିଧାନସଭାକୁ ଗଲେ ଦେଖିବେ, ମୁଁ ଆପଣମାନଙ୍କ ପାଇଁ, ଏ ଅଞ୍ଚଳ ପାଇଁ କଣ କରିବି ।

(ଦର୍ଶକମଣ୍ଡଳୀ ଭିତରୁ ଦୁଇଜଣ ଯୁବକ ବାହାରି ଆସିଛନ୍ତି)

ଶରତ- ଆବେ ତୁ କଣ କରିବୁ ବେ ? ତୁ ଉପଯୁକ୍ତ ହେଲୁଣି ନିର୍ବାଚନ ଲଢ଼ିବାକୁ ? ଆମର ନେତା ହେଉଛନ୍ତି ସରଳ ଦାସ । ସେ ଏ ଅଞ୍ଚଳ ପାଇଁ ଯାହା ଯାହା କରିଯାଇଛନ୍ତି, ତାହା ତ ଇତିହାସ ହୋଇ ରହିଛି ଏବଂ ରହିଥିବ କାଳ କାଳକୁ ।

କମଳ- ସରଳ ଦାସ ହେଉଛନ୍ତି ଏ ଅଞ୍ଚଳର ଅପ୍ରତୀଦ୍ୱନ୍ଦ୍ୱୀ ନେତା । ଏ ରାଜ୍ୟର ଟାଣୁଆ ନେତାମାନଙ୍କ ଭିତରେ ଅନ୍ୟତମ ବଳିଷ୍ଠ ରାଜନୀତିଜ୍ଞ । ତାଙ୍କ କାର୍ଯ୍ୟକ୍ରମକୁ, ତାଙ୍କ ସମାଜସେବା ଓ ଜନସେବାକୁ ଏ ଅଞ୍ଚଳ କେବେ ଭୁଲିପାରିବ ନାହିଁ ।

Digitized by srujanika@gmail.com

ଶରତ- ଖାଲି ନେତା ତ ନୁହନ୍ତି, ସେ ହେଉଛନ୍ତି ଏ ଅଞ୍ଚଳ ପାଇଁ ଭଗବାନ । ଦୀର୍ଘ ୪୦ ବର୍ଷ ଧରି ସେ ଏ ଅଞ୍ଚଳର ନେତୃତ୍ୱ ନେଇଛନ୍ତି । ଆଉ ବଞ୍ଚିଥିବା ଯାକେ ନେବେ ମଧ । ତୁ କେବେ ତାଙ୍କ ପାଦଧୂଳିକୁ ସମାସ୍କନ୍ଧ ହୋଇପାରିବୁ ?

ବୀରବର- ସେ ବାଜେ କଥା ଶୁଣନ୍ତୁ ନାହିଁ ଆଜ୍ଞା । ଏଗୁଡ଼ାକ ସରଳ ଦାସଙ୍କ ପଦଲେହନକାରୀ ଚାମ୍‌ଚା ଦଳ । ଆମର ନେତା ସୁରେଶବାବୁଙ୍କୁ ଏମାନେ ବ୍ଲାକ୍ ମେଲିଂ କରିବାକୁ ଆସିଛନ୍ତି । (ଦର୍ଶକମଣ୍ଡଳୀ ଭିତରେ କୋଳାହଳ ଦେଖାଦେଇଛି । ଏହି ସମୟରେ ଶରତ ଓ କମଳ ମଞ୍ଚ ଉପରକୁ ଉଠି ଆସିଛନ୍ତି । ମାଇକ୍ ପାଖରେ ଠିଆ ହୋଇ ଶରତ କହିଉଠିଛନ୍ତି)

ଶରତ- ସେ ବାଜେ କଥା ବନ୍ଦ କର । ଆମେ ଚାମ୍‌ଚା କି ତୁମେ ଚାମଚା ତାହା ସମସ୍ତେ ଜାଣନ୍ତି ।

କମଳ- ଶୁଣନ୍ତୁ, ଶୁଣନ୍ତୁ ବନ୍ଧୁଗଣ ! ଆପଣମାନଙ୍କ ଆଖିରେ ଧୂଳିଦେଇ ଏମାନେ ଆପଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଆପଣମାନେ ସେ କଥାରେ ଭୁଲ୍‌ରେ ସୁଦ୍ଧା ଭୁଲନ୍ତୁ ନାହିଁ । ଆଜି ଏଇ ଯେଉଁ ସୁରେଶ ଦଳେଇଙ୍କୁ ନେତା ବୋଲି ମାନି ବେକରେ ଫୁଲହାର ଲମ୍ବାଇ ଜିନ୍ଦାବାଦ୍ ପକାଉଛନ୍ତି ଆପଣମାନେ ଜାଣନ୍ତି, ତାଙ୍କର ଯୋଗ୍ୟତା କଣ ? ଏଇ ସୁରେଶ ଦଳେଇ ଗୋଟାଏ ଖୁନୀ ଆସାମୀ, ଚୋରା ବ୍ୟବସାୟୀ, ଅନେକବାର ଜେଲ୍ ଯାଇଛି । ଅସତ୍ ଉପାୟରେ ଧନ ଅର୍ଜନ କରି ଜଣେ ଧନୀ ବନିଗଲେ ସେ ଯେ ନେତା ହୋଇ ପାରିବେ ଏକଥା ଆପଣଙ୍କର ଭାବିବା ଉଚିତ୍ ନୁହେଁ ।

ବୀରବର- ମିଛ କଥା, ମିଛକଥା ଆଜ୍ଞା । ଏ ହେଉଛି ଏମାନଙ୍କର ଗୋଟିଏ ରାଜନୈତିକ ଚାଲ୍ । ଏମିତି ମିଛ ସତ କହି ଭୋଟ ନେଇଗଲେ କଥା ସରିଲା । ତାପରେ ତ ଆପଣମାନେ ଅଖା ଧୋଉଥିବେ ଗୁଣ ଗାଉଥିବେ ।

କମଳ- ଏହା ଏକ ଭିତ୍ତିହୀନ ଆକ୍ଷେପ । ସରଳ ବାବୁ କେବଳ ଆମ ଅଂଚଳର ନେତା ନୁହଁନ୍ତି ସେ ଏ ସାରା ରାଜ୍ୟର ନେତା । ତାଙ୍କ ଇଙ୍ଗିତରେ ଦେଶ ଚାଲେ । ତାଙ୍କ ଚିନ୍ତା ଚେତାନାରେ ଏ ଦେଶର ସମୃଦ୍ଧି ସାଧିତ ହୁଏ । ଗତ ୨୦ ବର୍ଷ ଧରି ସେ ଏ ରାଜ୍ୟର ମନ୍ତ୍ରୀଥିଲେ । କେବଳ ଆମ ଅଂଚଳର ନୁହେଁ ସାରା ରାଜ୍ୟରେ କଳ କାରଖାନା ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଓ ଶିଳ୍ପର ଯେଉଁ ପ୍ରଗତି ଆଣିଛନ୍ତି ତାହା ରାଜ୍ୟବାସୀ ମୁକ୍ତ କଣ୍ଠରେ ସ୍ୱୀକାର କରିବେ ।

Digitized by srujanika@gmail.com

ସୁରେଶ- ବନ୍ଧୁଗଣ ! ଏ ସଭା ଆମ ପକ୍ଷରୁ ଆଗତ କରାଯାଇଛି । ଆପଣମାନଙ୍କ ସମ୍ମୁଖରେ ଆମେ ଆମ ଦଳର, ଆମ ନିଜର ଭୋଟ ଭିକ୍ଷା କରିବା ପାଇଁ ଆପଣମାନଙ୍କ ସହିତ ଆପଣାର ହେବା ପାଇଁ, ଆପଣଙ୍କ ସୁଖଦୁଃଖର ସାଥୀ ହେବା ପାଇଁ, ଆମେ ଆଜି ଆପଣମାନଙ୍କ ଆଗରେ ଏକାଠି ହୋଇଛୁ । ସେ ପରିପେକ୍ଷୀରେ ଏମାନଙ୍କର ଅନୁପ୍ରବେଶ କେବଳ ଆମ ଭୋଟ୍ ପ୍ରଚାଉକୁ ଭଣ୍ଡୁର କରିବା ଛଡ଼ା ଅନ୍ୟ କିଛି ନୁହେଁ ।

ସତ୍ୟଜିତ୍- ସୁରେଶବାବୁ ଯାହା କହିଲେ, ସେଥିରେ ମୁଁ ସମ୍ପୂର୍ଣ୍ଣ ଏକମତ । ସରଳ ବାବୁ କ'ଣ କରିଛନ୍ତି ନ କରିଛନ୍ତି ତାହା ଆପଣମାନେ ଜାଣନ୍ତି । ସୁରେଶ ବାବୁ କଣ କରିବେ ନ କରିବେ ତାହା ମଧ୍ୟ ଆପଣମାନେ ଦେଖିବେ । ତେବେ ଆଜି ସମୟ ଆସିଛି, ଏ ଭୋଟ୍ ପ୍ରଚାର ଅବସରରେ ସମସ୍ତେ ନିଜ ନିଜର ଢେଙ୍ଗୁରା ନିଜେ ତ ଅବଶ୍ୟ ପିଟିବେ । ଏଥିରେ ଏତେ ବାଧା ଦେବାର କଣ ଅଛି ?

ଶରତ- ଆମେ ବାଧା ଦେବାକୁ ଚାହୁଁ ନାହୁଁ । ଆମେ କେବଳ ତୁମର ମିଥ୍ୟା ପ୍ରତିଶ୍ରୁତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛୁ ମାତ୍ର । ଆମେ ତୁମର ଅସଲ ରୂପକୁ ବାହାରେ ପକାଇଦେବାକୁ ଚାହୁଁ । ତୁମେମାନେ ଚୋର, ଧପ୍ପାବାଜ୍, ନିଜେ ଯାହା ନୁହଁ ତାହା ଠାରୁ ଢେର ବେଶୀ ବଡ଼ ବୋଲି ଦେଖେଇ ହେବାର ଛଳନାକୁ ଆମେ କେବେ ବରଦାସ୍ତ କରିପାରିବୁ ନାହିଁ ।

କମଳ- ଉଜ୍ଜ୍ୱଳ ଦିବାଲୋକରେ ତୁମେମାନେ ଏ ଅଂଚଳର ଲୋକମାନଙ୍କୁ ବୋକା ବନାଇ ପ୍ରତାରିତ କରିବାକୁ ଚାହଁ ।

ଶରତ- ଆରେ କେଇଦିନ ହେଲା ନେତା ହୋଇଛ ତୁମେ ? କଳା ବଜାରୀ କରି ପଇସା ଠୁଳେଇଛ । କାଲି ସକାଳେ ଏଇ ସରଳ ବାବୁଙ୍କ ପଛରେ କୁକୁର ପରି ଗୋଡ଼ଉଥିଲ । ଆଜି ପଇସା ବଳରେ ଦଳୀୟ ଟିକେଟ୍‌ଟା ପାଇ ଯାଇଛ ବୋଲି ନିର୍ବାଚନରେ ଜିତିଯିବ ବୋଲି ଦିବା ସ୍ୱପ୍ନ ଦେଖ ନାହିଁ ।

ସୁରେଶ- ତୁମ ସରଳ ବାବୁ ଯଦି ସ୍ୱାଧୀନ ପ୍ରାର୍ଥୀଭାବେ ଛିଡ଼ା ହୋଇ ଏ ନିର୍ବାଚନ ନଦୀ ପାର ହୋଇଯିବେ ବୋଲି ଭାବୁଥାନ୍ତି ତେବେ ମୁଁ କହିବି ତାହା ମଧ୍ୟ ତାଙ୍କର ସ୍ୱପ୍ନ ଛଡ଼ା ଆଉ କିଛି ନୁହେଁ ।

ବୀରବର- ଯଦି ନିର୍ମଳ ଭାବ ମୂର୍ତ୍ତି ଅଛି ତେବେ ଦଳୀୟ ଟିକେଟ୍ ଖଣ୍ଡକ ପାଇଲେ ନାହିଁ କାହିଁକି ?

କମଳ- ତୁମ ପରି ସେ କଳା ଟଙ୍କାରେ ଟିକେଟ୍‌ଟା କିଣି ପାରିଲେ ନାହିଁ ବୋଲି ।

Digitized by srujanika@gmail.com

ଶରତ- ସରଳ ବାବୁଙ୍କ ପକ୍ଷରେ ବିପୁଳ ଜନ ସମର୍ଥନ । ଏ ଅଂଚଳର ଜନ ସାଧାରଣ ହିଁ ତାଙ୍କୁ ବାଧ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରାଇଛନ୍ତି । ଛାତ୍ର ଅବସ୍ଥାରୁ ସେ ରାଜନୀତି କରି ଆସୁଛନ୍ତି । ସେ ତୁମ ଭଳି ମିଛ ସତ କହି ହାତୀ ଦେବୁ ଘୋଡ଼ା ଦେବୁ, ଭଣ୍ଡେଇ ଭୋଟ୍ ଭିକ୍ଷା କରିବାକୁ ଚାହାନ୍ତି ନାହିଁ । ଯେ ପ୍ରକୃତ ନେତା, ତାଙ୍କ ପକ୍ଷରେ ଜନ ସମର୍ଥନ ତ ନିଶ୍ଚୟ ରହିବ ।

ସୁରେଶ- ତୁମ ମାନଙ୍କର ଭାଷଣ ଶୁଣିବାକୁ ଆମର ବେଳ ନାହିଁ । ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯାଅ । ନହେଲେ ପୋଲିସ୍ ଡାକିବାକୁ ଆମେ ବାଧ ହେବୁ ।

କମଳ- ଆମେ ଏତେ ବିଶୃଙ୍ଖଳିତ ନୁହେଁ ଯେ ତୁମ ପରି ହାତରେ ଲୁହାର ଶୃଙ୍ଖଳ ପିନ୍ଧି ଅନ୍ଧକାର କାରାଗୃହରେ ଯାଇ କଏଦୀ ସାଜିବୁ ।

ଶରତ- ପୋଲିସ୍ ଆସିବା ପୂର୍ବରୁ ଆମେ ଏ ସ୍ଥାନ ଛାଡ଼ି ଚାଲିଯାଉଛୁ । କିନ୍ତୁ ଆମ ଭାଇମାନଙ୍କୁ ଏତିକି କହିଯାଉଛୁ, ଭାଇମାନେ; ଏମାନଙ୍କ ମିଛ ପ୍ରବଂଚନାରେ ଭୁଲନ୍ତୁ ନାହିଁ । କାଚ ଓ କାଂଚନକୁ ଥରେ ପରୀକ୍ଷା କରି ଭୋଟ ଦିଅନ୍ତୁ ।

କମଳ- ଚାଲ ଚାଲ ଭାଇମାନେ, ଫେରିଚାଲ । ଏ ଅଂଚଳର ଟାଣୁଆ ନେତା ସରଳ ବାବୁଙ୍କ ଶିବିରକୁ ଫେରିଚାଲ । ଆଉ ସମସ୍ତେ କଣ୍ଠ ଫଟାଇ କୁହ-

ଆମର ନେତା- ସରଳ ଦାସ,
ସରଳ ଦାସଙ୍କୁ- ଭୋଟ ଦିଅ-
ଆମର ଚିହ୍ନ- ହାତୁଡ଼ି ଚିହ୍ନ ନୁହେଁ, ହାତୀ ଚିହ୍ନ ।
ହାତୀ ଚିହ୍ନରେ ଭୋଟ ଦିଅ ।
ସରଳ ଭାଇଙ୍କୁ ଜିତାଇ ଦିଅ ।
ସରଳ ଭାଇ- ଜିନ୍ଦାବାଦ,
ଭୋଟ ଦେବା କେଉଁଠି
ହାତୀ ଚିହ୍ନ ଯେଉଁଠି ।

(ଉଚ୍ଚ ସ୍ୱରରେ ସ୍ଲୋଗାନ୍ ଦେଇ ଚାଲି ଯାଉଛନ୍ତି । ତାଙ୍କ ପଛରେ ଦର୍ଶକ ମଣ୍ଡଳୀ ଫେରି ଯାଉଛନ୍ତି ।)

ସୁରେଶ- (ବ୍ୟସ୍ତ ହୋଇ) ଏ କ'ଣ, ଏ କ'ଣ ହେଲା ବୀରବର ବାବୁ ? ଆପଣଙ୍କ ପରି ବୋକା ଲୋକ କୋଟିକରେ ଗୋଟିଏ ମୁଁ ଦେଖିନି ।

ବୀରବର- ମୋର କେଉଁଠି ଭୁଲ ରହିଲା ଆଜ୍ଞା ?

Digitized by srujanika@gmail.com

ସୁରେଶ- ଆପଣ ଏଠି ସଭା ଡାକିଲେ, ଅଥଚ୍ ଦୁଇ ଚାରିଟା ପୋଲିସ୍ ବ୍ୟବସ୍ଥା କରି ପାରିଲେ ନାହିଁ ? ୪୦/୫୦ଟା ଗୁଣ୍ଡା ଯୋଗାଡ଼ କରି ପାରିଲେ ନାହିଁ ? ଶହେ ଦୁଇଶହ ମଦୁଆ ଟୋକାଙ୍କୁ ଏକାଠି କରିପାରିଲେ ନାହିଁ ।

ବୀରବର- ସାର୍.... ମାନେ ..... ମୁଁ

ସତ୍ୟଜିତ୍- ପୂର୍ବରୁ ଆମର ସତର୍କ ହେବା ନିହାତି ଦରକାର ଥିଲା ।

ସୁରେଶ- ଆମେ ଯଦି ଠିକ୍ ଭାବରେ ଗୁଣ୍ଡା ବ୍ୟବସ୍ଥା କରିଥାନ୍ତେ, ତେବେ ସେମାନେ ଆଜି ଏମିତି ଆସି ଆମ ସଭା ଭଣ୍ଡୁର କରି ପାରିଥାନ୍ତେ ? ମାଡ଼କୁ କାହାର ଭୟ ନାହିଁ କହିଲ ?

ସତ୍ୟଜିତ୍- ହେଉ ଛାଡ଼ନ୍ତୁ ସେ କଥା । ଏବେ ଠାରୁ ପୂରାପୂରି ସତର୍କ ରହିବାକୁ ପଡ଼ିବ । ତାଙ୍କର ପ୍ରତିଟି କାର୍ଯ୍ୟକଳାପ, ତାଙ୍କ ପ୍ରତିଟି ଗତିବିଧି ଲକ୍ଷ୍ୟ କରି ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ।

(ମଂଚ୍ ଅନ୍ଧକାର)

ଦ୍ୱିତୀୟ ସୋପାନ

(ସରଳ ବାବୁଙ୍କ ବୈଠକ ଖାନା । ନିର୍ବାଚନ ପୋଷ୍ଟର ବିଡ଼ା ଓ ବ୍ୟାନର୍ ଆଦି ନିର୍ବାଚନ ସରଂଜାମ ମାନ ଗଦା ହୋଇଛି । ସରଳ ବାବୁ ଖଦଡ଼ ଲୁଗା ଓ ପଂଜାବୀ ପରିଧାନ କରିଛନ୍ତି । ହାତରେ ଫୋନ୍ ରିସିଭର୍)

ସରଳ - ହ୍ୟାଲୋ ! ହଁ ହଁ ମୁଁ ସରଳ ଦାସ କହୁଛି । ମୁଁ ଏବେ ଗୋଳା ଗାଡ଼ିଆ ପଂଚାୟତରୁ ଫେରିଲି । କାଲି ପାଇଁ କର୍ମୀ ସମ୍ମିଳନୀ ବେଡ଼ିଘାଟଠାରେ ଠିକ୍ ହୋଇଛି ତ ? ହଁ ହଁ, ନା-ନା କିଛି ଅସୁବିଧା ନାହିଁ । ଆମ ପୋଜିସନ୍ ତ ଭଲ ଅଛି । ତା ପରେ ଯାହା ଈଶ୍ୱରଙ୍କ ଇଚ୍ଛା । ହଁ ହଁ ଆପଣ ନିଶ୍ଚିତ ରହନ୍ତୁ । ହଉ ରହିଲି- ନମସ୍କାର ।-

(ଭିତରୁ ଆସିଛନ୍ତି ସରଳ ବାବୁଙ୍କ ସ୍ତ୍ରୀ ସୁମତୀ ଦେବୀ)

ସୁମତୀ - ମୁଁ ଶୁଣିଲି, ଆଜି କୁଆଡ଼େ ତାରାପୋଖରୀ ସଭାରେ ଗଣ୍ଡଗୋଳ ହୋଇଛି ?

ସରଳ - ଗଣ୍ଡଗୋଳ ହୋଇଛି ? କାହିଁ ମୁଁ ତ ଜାଣି ନାହିଁ ?

ସୁମତୀ - ହଁ ଆମ ଶରତ ଓ କମଳ ସୁରେଶ ଦଳେଇ ସଭାକୁ ଭଣ୍ଡୁର କରି ସଭା କରାଇ ଦେଇ ନାହାନ୍ତି ।

ସରଳ - ଏମିତି କାହିଁକି କଲେ ? ଏହାତ ଆମ ବିପକ୍ଷରେ ଯିବ । ସେ ଚେଙ୍ଗଡ଼ା ଗୁଣ୍ଡା ଯାହା କରିବେ, ଆମେ କ'ଣ ସେ କଥା କରିବା ?

Digitized by srujanika@gmail.com

ସୁମତୀ - ଭୋଟ ସମୟ, କେତେବେଳେ କେଉଁ କଥା ।

ସରଳ - ମୁଁ କାହାକୁ ପ୍ରତାରିତ କରି ନିର୍ବାଚନରେ ବିଜୟୀ ହେବାକୁ ଚାହେଁନି । କେଉଁଦିନ ମୋର ଏ କଥା ନଥିଲା, କି ଆଜି ବି ନାହିଁ ।

ସୁମତୀ - ସେଇଥିପାଇଁ ତ ତୁମର ଆଜି ଏ ଅବସ୍ଥା । ଆଉ କ'ଣ ସେ ଗାନ୍ଧୀ ଯୁଗ ଅଛି ?

ସରଳ - କିଏ କହିଲା ଗାନ୍ଧୀ ଯୁଗ ନାହିଁ ବୋଲି ? ଗାନ୍ଧୀ ଯୁଗ ଅଛି ଓ ଚିର କାଳ ରହିବ । କେବଳ ସମୟର ଆବର୍ତ୍ତନରେ ଯାହା କିଛି ପରିବର୍ତ୍ତନ । ସବୁ ଘନଘଟା ଭିତରେ ଆମକୁ ଗାନ୍ଧୀଯୁଗକୁ ଅବ୍ୟାହତ ରଖିବାକୁ ପଡ଼ିବ ।

ସୁମତୀ - ତୁମର ସେହି ଆଦର୍ଶ ପାଇଁ ତ ଦଳରୁ ଟିକେଟ୍ ବି ମିଳିଲା ନାହିଁ ?

ସରଳ - ଟିକେଟ୍ ମିଳିବ କେମିତି ? ଟିକେଟ୍ କିଣିବାକୁ ମୋ ପାଖରେ କଳା ଟଙ୍କା କାହିଁ ?

ସୁମତୀ - ତୁମକୁ କ'ଣ କିଏ ଯୁକ୍ତିରେ ପାରିବ ନା କଣ ? ମୁଁ ତ କହୁଛି ଏବେ ସେ ରାଜନୀତି ଛାଡ଼ି ଦିଅ । ଛାତ୍ର ଥିଲ ରାଜନୀତି କରୁଥିଲ । ସାଧାରଣ ଜୀବନରେ ବି ଏତେ ଦିନ ଧରି ରାଜନୀତି କଲ । ରାଜନୀତିରେ ବେଶ୍ ନାଁ କମେଇଲ । ଏମ୍.ଏଲ୍.ଏ. ହେଲ । ୨୦ ବର୍ଷ ଧରି ସବୁ ବିଭାଗରେ ମନ୍ତ୍ରୀ ହେଲ । ଆଉ ପୁଣି କାହିଁକି ?

ସରଳ - ତଥାପି ତୁମେ ମତେ ଚିହ୍ନି ପାରିଲ ନାହିଁ ସୁମତୀ ? ମୁଁ କ'ଣ ମନକୁ ମନ ଏଥର ପ୍ରାର୍ଥୀ ହେଲି ? ତୁମେ ତ ନିଜେ ଦେଖିଛ, ମୁଁ ଟିକେଟ ନ ପାଇବାରୁ ଲୋକମାନେ କେମିତି ଆସି କାନ୍ଦି ବୋବାଇ ମତେ ଘରୁ ଟାଣି ନେଇ ପ୍ରାର୍ଥୀ ପତ୍ର ଦାଖଲ କଲେ ।

ସୁମତୀ - ଘରୁ ଟାଣି ନେଇ ସିନା ପ୍ରାର୍ଥୀ ପତ୍ର ଦାଖଲ କଲେ; ଏବେ ନିର୍ବାଚନ ଲଢ଼େଇରେ କିଏ କେତେକ ପିଠିରେ ପଡ଼ିବେ ?

ସରଳ - ତୁମେ ଆଦୌ ଚିନ୍ତା କରନା ସୁମତୀ ! ଯାହା ଈଶ୍ୱରଙ୍କ ଇଚ୍ଛା ଥିବ ତାହାହିଁ ହେବ ।

ସୁମତୀ - ହଁ ଯେ, ତେବେ କାହିଁକି ଖାଲିଟାରେ ଏ ବୟସରେ ଏତେ ପରିଶ୍ରମ ? ଏତେ ମନସ୍ତାପ ? କାହିଁକି କହିଲ ?

ସରଳ - ମୁଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜନସେବା କରିବାକୁ ଚାହେଁ । ଶାସନରେ ଥାଏ ବା ନଥାଏ ।

Digitized by srujanika@gmail.com

ସୁମତୀ - ଏତେ ଦିନପରେ ବି ତୁମର ଜନସେବା ମୋହ ମେଣ୍ଟିନି ? ତେବେ ଏ ପତ୍ନୀ ପିଲାଙ୍କ ସାଙ୍ଗରେ ଆଉ ଛନ୍ଦି ହୋଇ ରହିଛ କାହିଁକି ?

ସରଳ- ସୁମତୀ !

ସୁମତୀ- ମୁଁ କଣ ଭୁଲ୍ କହିଲି ?

ସରଳ - କାହିଁକି ? ତୁମେ କଣ ମୋର ସ୍ତ୍ରୀ ଭାବରେ ସେ ସମ୍ମାନ ପାଇନ ? ମନ୍ତ୍ରୀର ପତ୍ନୀ ଭାବରେ ଲୋକମାନେ କଣ ତୁମକୁ ଉଚ୍ଛ୍ୱସିତ ସମ୍ମାନ ଦେଇନାହାନ୍ତି ?

ସୁମତୀ - ସେକଥା ତ ମୁଁ ଅସ୍ୱୀକାର କରୁନାହିଁ ?

ସରଳ - ତେବେ ?

ସୁମତୀ - ମୋର କହିବାର କଥା ଯେ ପିଲାମାନେ ତୁମର ବେଶ୍ ଭଲ ଭଲ ପଦବୀରେ ଚାକିରି କରିଛନ୍ତି । ପଇସାର ତ ଅଭାବ ନାହିଁ । ଏ ବୟସରେ ଆଉ ଏତେ କଷ୍ଟ କାହିଁକି ?

ସରଳ - କଷ୍ଟ ତ ମୋର ଜନ୍ମଗତ, ମୋ ରକ୍ତମାଂସରେ ନେସି ହୋଇଯାଇଛି । ତୁମେ ମତେ ଯେତେ କାଚ଼ ଘୋଡ଼ଣୀ ଭିତରେ ରଖିଲେ ମଧ ମୁଁ ରହି ପାରିବି ନାହିଁ । ମଣିଷର ଡାକକୁ ମୁଁ କେବେ ଉପେକ୍ଷା ପାରିପାରିବି ନାହିଁ । ମଣିଷର ସେବାକୁ ମୁଁ ଈଶ୍ୱରଙ୍କ ସେବା ବୋଲି ମନେ କରେ ।

ସୁମତୀ - ଓଃ ହୋ ! ତୁମର ଏ ଆଦର୍ଶ, ଏ ଦାର୍ଶନିକ ତଥ୍ୟ ଭିତରେ ମୁଁ ଆଉ ପଶିପାରିବି ନାହିଁ । ହେଉ ଚାଲିଲ ଟିକିଏ ଖାଇନେଇ ବିଶ୍ରାମ କରିବ ।

ସରଳ - ବିଶ୍ରାମ ! ନିର୍ବାଚ଼ନ ପୂର୍ବରୁ ବିଶ୍ରାମ ମୋର ଆଉ କାହିଁ ? ଏବେ ତ ସୁରଥପୁର ଲୋକମାନେ ଆସିବେ । ତାଙ୍କ ସାଙ୍ଗରେ ତାଙ୍କ ଗାଁକୁ ଯିବି । ସେଠାରେ ଆଜି ତାଙ୍କର ଅଷ୍ଟପ୍ରହରୀ । ଏତେ ଶ୍ରଦ୍ଧାରେ ସେମାନେ ଡାକିଛନ୍ତି । ନଗଲେ ତାଙ୍କ ମନ ଊଣା ହୋଇଯିବନି ? ତା ଛଡ଼ା ସେମାନେ ସବୁବେଳେ ମୋତେ ସମର୍ଥନ ଜଣାଇ ଆଖିବୁଜି ଭୋଟ୍ ଦେଇ ଆସିଛନ୍ତି ଅଥଚ଼ ଆଜି....

ସୁମତୀ - ଏତେ ରାତିରେ ପୁଣି ସେ ଗାଁକୁ ଯିବ ? ତୁମେ କେମିତି ଦେଖା ଗଲଣି ନିଜକୁ ଥରେ ଦେଖିଲଣି ? ଯାଅ, ଦର୍ପଣ ସାମ୍ନାରେ ଠିଆ ହୁଅ, ନିଜକୁ ନିଜେ ବି ଚିହ୍ନି ପାରିବ ନାହିଁ ।

ସରଳ - ଓଃ ଦର୍ପଣ ସାମ୍ନାରେ ନିଜ ରୂପକୁ ଆଉ ଅଧିକ କଣ ଦେଖିବି ? ରାଜନୀତିର ଦର୍ପଣ ସାମ୍ନାରେ ରାଜନୈତିକ ରୂପ ତ କେବେ

Digitized by srujanika@gmail.com

ଗୋଟିଏ ରୂପରେ ସୀମିତ ରହେନି । ବହୁ ରୂପ ଧାରଣ କରିବାକୁ ପଡ଼ିଥାଏ । ହୁଏତ ନୀତି ଓ ଆଦର୍ଶ ଏକ ହୋଇପାରେ । ତେଣୁ ଆଉ ରୂପକୁ ଦେଖିବି କଣ ? ଏଇ ଦେଖିଲ ନାହିଁ, ମତେ ଆମ ଦଳରୁ ଟିକେଟ୍ ମିଳିଲା ନାହିଁ । ଯାହାକୁ ମୁଁ ରାସ୍ତାରୁ ଗୋଟେଇ ଆଣିଥିଲି, ଯେ ରାଜନୀତିର ଅର୍ଥକିଛି ବୁଝେନି, କଳା ପଇସା ବିନିମୟରେ ସେ ଟିକେଟ କିଣିନେଲା, ମୁଁ ତ ପୁଣି ସେ ଦଳ ଛାଡ଼ି ମୋ ସମର୍ଥକମାନଙ୍କ ସହ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ୁଛି ।

ସୁମତୀ- ଓଃ ହୋ ତୁମକୁ ଏତେ କଥା କହିବାକୁ କିଏ କହୁଛି କହିଲ ?

ଛିଟୁ - (ପ୍ରବେଶି) ବାପା ! ସୁରଥପୁରର ସରପଂଚ୍ ବାହାରେ ଅପେକ୍ଷା କରିଛନ୍ତି । ଆପଣ ତାଙ୍କ ଗାଁକୁ ଏବେ ଯିବେ ବାପା ?

ସରଳ - ହଁ ମୁଁ ତାଙ୍କ ସାଙ୍ଗରେ ଯାଉଛି । ପ୍ରଚାରରେ ଯେଉଁ କର୍ମୀମାନେ ସବୁ ଯାଇଥିଲେ ସେମାନେ ଏଯାଏଁ ଫେରି ନାହାନ୍ତି । ତାଙ୍କୁ କହିବୁ, କାଲି ସକାଳେ ସେମାନେ ମୋତେ ଦେଖା କରିବେ । ସେ ଆର୍ଟିଷ୍ଟ ଆଜି ଦଶଟା ବ୍ୟାନର୍ ଦେବ । ତାକୁ କହିବୁ, କାଲି ଆସି ଟଙ୍କା ନେଇଯିବ । ମୁଁ ଯାଉଛି । (ସରଳ ବାବୁ ବାହାରକୁ ଯାଇଛନ୍ତି)

ସୁମତୀ - କିରେ ତୁ ବି ଚାକିରି ବାକିରୀ ଛାଡ଼ି ବାପାଙ୍କ ଆଦର୍ଶରେ ରାଜନୀତି କରିବୁ ନା କଣ ?

ଛିଟୁ - କାହିଁକି ? ରାଜନୀତି ଟା କଣ କିଛି ଖରାପ ନା କଣ ? ଏଇ ଲୋକମାନେ କେବଳ ତାକୁ କଳୁଷିତ କରିଦେଉଛନ୍ତି ।

ସୁମତୀ - ବର୍ତ୍ତମାନ ଏ ଦେଶ ଦୁନିଆଁର ଅବସ୍ଥା ଯାହା ହେଲାଣି, ସେଥିରେ ରାଜନୀତି କରିବା କଣ ସହଜ ହୋଇଛି ? ଟଙ୍କା ଯାହା ପାଖରେ, ରାଜନୀତି ତାରି ପାଖରେ । ଆଜି କାଲି ତ ଗୁଣ୍ଡାଙ୍କ ରାଜୁତି । ମଦୁଆ ଓ ଗୁଣ୍ଡାକୁ ହାତରେ ରଖି ଲୋକମାନେ ରାଜନୀତି କରୁଛନ୍ତି, ଭୋଟ ଲଢ଼ୁଛନ୍ତି । ଆଦର୍ଶ ପଛରେ ଧାଇଁ ତମରି ବାପାଙ୍କ ପରି ଦଳରୁ ଟିକେଟ ନ ପାଇ କିଏ ରାଜନୀତି କରୁଛି କହିଲୁ ?

ଛିଟୁ - ଓଃ ହୋ ବୋଉ ! ତୁ ସେଥିରେ ଏତେ କାହିଁକି ମୁଣ୍ଡ ପୂରାଉଛୁ କହିଲୁ ? ମୋ ସାଙ୍ଗମାନେ କଥା ଦେଇଛନ୍ତି କୋଉ ଗୁଣ୍ଡାଫୁଣ୍ଡାକୁ ଏଠି ପୂରାଇ ଦେବେନି । ତୁ ଜାଣିଛୁ ଏ ଅଞ୍ଚଳରେ ବାପାଙ୍କ ପଛରେ କେତେ ସମର୍ଥନ ଅଛି ? ବାପା ତ ପୁଣି ଆଗରୁ ଦଳ ଟିକେଟ୍ ପାଇ

Digitized by srujanika@gmail.com

ଜିତି ଆସୁଥିଲେ। ଏଥର ସ୍ୱାଧୀନ ପ୍ରାର୍ଥୀ ହୋଇ ଜିତିଲେ, ଆମର ଗର୍ବ କରିବା କଥା। ସମସ୍ତେ କହୁଛନ୍ତି- ସରଳ ଦାସ ଏଥର ଜିତିଗଲେ ଓଡ଼ିଶାରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ରହିବେ।

ସୁମତୀ - ତୁ ସେହି ଆଶାରେ ଗଦ୍ ଗଦ୍ ହୋଇ ପଡ଼ିଛୁ ? ଛୁଟି ନେଇ ଏଠି ଭୋଟ୍ ପ୍ରଚାରରେ ଲାଗି ପଡ଼ିଛୁ। କାଲି ସକାଳେ ଯଦି ଏ ବିରୋଧୀ ଦଳରୁ କିଏ ତୋ ନାଁରେ ତୋ ଉପର ଅଫିସର୍ ପାଖରେ ତୋ ବିରୁଦ୍ଧରେ କହିବେ ? ତୁ ଭୋଟ୍ ପ୍ରଚାରରେ ଥିଲୁ ବୋଲି ଯଦି କେହି ଲେଖାଲେଖି କରେ ?

ଜିତୁ - ମୋ କଥା ମୁଁ ବୁଝିବି, ତୁ କାହିଁକି ଏତେ କଥା ଭାବୁଛୁ କହିଲୁ ? ମୋ ବାପା ନିର୍ବାଚନରେ ଲଢ଼ୁଛନ୍ତି। ମୁଁ ତାଙ୍କ କାମ କରିବି ନାହିଁ ? ଖାଲି ଚାକିରି ଧରି ବସିଥିବି ? ମୁଁ ଆଜି ଚାକିରି କାହିଁକି ପାଇଛି ? ମୋତେ ସମାଜରେ ଲୋକମାନେ କାହିଁକି ଏତେ ସମ୍ମାନ ଦିଅନ୍ତି ? କେବଳ ସରଳ ଦାସର ପୁଅ ବୋଲି ତ ? ବାପାଙ୍କର ସୁନାମର ନମୁନା ତୁ ଜାଣିନୁ ଲୋ ବୋଉ- ତୁ ଜାଣିନୁ।

ସୁମତୀ - ନା ମୁଁ କାହିଁକି ଜାଣିବି ? ମୁଁ ତ ଏ ଘରେ କୋଣରେ ତୁମରି ଚିନ୍ତା କରି କରି ମୋ ଦିନ ଗଲା...

ଜିତୁ - ତୁ ତୋର ନିଶ୍ଚିନ୍ତରେ ରହିଲୁ। ଆମ ଚିନ୍ତା କରିବା ତୋର ଦରକାର ନାହିଁ। ଏତିକି ମନେ ରଖିଥା ଯେ ଆମେ ସେମାନଙ୍କ ପରି ରାସ୍ତାରୁ ଗୋଟେଇ ଆଣିବା ମଣିଷ ନୁହେଁ। ଆମ ବଂଶର ଗୋଟିଏ ଐତିହ୍ୟ ଅଛି। ଆମର ଗୋଟାଏ ଆତ୍ମ ମର୍ଯ୍ୟାଦା ଅଛି। ଯେତେ ଯିଏ ଯାହା ଚକ୍ରାନ୍ତ କଲେ ବି ମୋ ବାପାଙ୍କ ନାମ ନିଶ୍ଚୟ ଦିନେ ଯେ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ।

(ଏ ସମୟରେ ଭିତରୁ ସ୍ଲୋଗାନ ଶୁଭିଲା- ସରଳ ଦାସ- ଜିନ୍ଦାବାଦ୍, ହାତୀ ଚିହ୍ନ- ଜିନ୍ଦାବାଦ୍, ହାତୀ ଚିହ୍ନରେ ଭୋଟ୍ ଦିଅ। ସରଳ ଦାସଙ୍କୁ ଜିତାଇ ଦିଅ।)

ସୁମତୀ - ତୁମ ଲୋକମାନେ ସବୁ ଭୋଟ ପ୍ରଚାରରୁ ଫେରି, ଆସିଲେଣି ବୋଧେ।

ଜିତୁ - ହଁ ସେମାନେ ଫେରିଲେ। ମୁଁ ଯାଏ ତାଙ୍କ କଥା ବୁଝେ। ତୁ ଘରକୁ ଯା। (ଜିତୁ ବାହାରକୁ ପଳାଇଲା)

Digitized by srujanika@gmail.com

ସୁମତୀ - ହଁ, ବାପ ଯେମିତି, ଏ ପୁଅ ବି ସେମିତି । ହଉ, ଭଗବାନ !! ତୁମେ ତାଙ୍କୁ ଜିତାଇ ଦିଅ । ଯେଉଁ ଉଚ୍ଚ ଆଦର୍ଶରେ ନିଜକୁ ଏଇ ସମାଜସେବାରେ ବିନିଯୋଗ କରିଛନ୍ତି- ସେମାନେ ସଦା ସର୍ବଦା ମଂଗଳକାମୀ ହୁଅନ୍ତୁ । (ହାତ ଯୋଡ଼ି ଈଶ୍ୱରଙ୍କୁ ନମସ୍କାର କରିଛନ୍ତି । ଠିକ୍ ସେତିକିବେଳେ ମଂଚ୍ ଅଂଧକାର ହୋଇଯାଇଛି)

ତୃତୀୟ ସୋପାନ

(ସୁରେଶ ଦଳେଇଙ୍କ ନିର୍ବାଚ଼ନ ଶିବିର । ଖଣ୍ଡିଏ ଆରାମ ଚ଼ୌକିରେ ବସିଛନ୍ତି ସୁରେଶ ଦଳେଇ । ପାଖରେ ବୀରବର ଓ ସତ୍ୟଜିତ୍)

ସୁରେଶ - କଳେ ବଳେ କୌଶଳେ ଯେମିତି ହେଲେ ମତେ ଏ ନିର୍ବାଚ଼ନରେ ଜିତିବାକୁ ପଡ଼ିବ । ଏ ସରଳ ଦାସକୁ ଦେଖେଇ ଦେବି ଯେ ମଣିଷ ପଇସା ବଳରେ କ'ଣ କରିପାରେ ?

ବୀରବର -ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ଆଜ୍ଞା । ଦିଇଟା ଦିନରେ ସବୁ ଠିକ୍ ହୋଇଯିବ । ସେ ଯେତେ ଘରକୁ ଘର ଯାଇ ବୁଲୁଛି ବୁଲୁଥାଉ, ହେଲେ ଫଳ କିଛିହେବ ନାହିଁ । ଭୋଟ ଦୁଇଦିନ ଥିବ ଆମେ ଟଙ୍କା ବାଣ୍ଟିବା ଆରମ୍ଭ କରିଦେବା ।

ସତ୍ୟ - ତୁମେ ଭୁଲ କହୁଛ ବୀରବର । ରାଜନୀତିକୁ ଏତେ ସହଜ ବୋଲି ଭାବ ନାହିଁ । ତାଙ୍କର ପ୍ରତିଟି ଗତିବିଧି ଆମକୁ ଲକ୍ଷ୍ୟ କରିବାକୁ ପଡ଼ିବ । ସେମାନେ ଯେଉଁଦିନ ଯେଉଁ ପଂଚ଼ାୟତକୁ ପ୍ରଚ଼ାରକୁ ଯାଉଛନ୍ତି, ଠିକ୍ ତାପରଦିନ ସେହି ପ୍ରଚ଼ାରକୁ ଆମକୁ ଯିବାକୁ ହେବ । ଗାଁର ମୁଖିଆ ମୁଖିଆ ଲୋକଙ୍କ ହାତରେ ବେଶ୍ କିଛି ମୋଟା ଅଙ୍କର ଟଙ୍କା ଧରାଇ ଦେଇ ଆସିବାକୁ ହେବ ।

ସୁରେଶ - କେବଳ ସେତିକି ନୁହେଁ, ପ୍ରତି ଗାଁକୁ ଯାଇ ଗୋଟାଏ ଗୋଟାଏ କଲର ଟିଭି ଦେଇଦିଅ । ଆମ ସାଙ୍ଗରେ କାମ କରୁଥିବା ପ୍ରତ୍ୟେକଙ୍କୁ ପ୍ରତ୍ୟହ ଦୁଇଶହ ଟଙ୍କା ଲେଖାଏଁ ଦିଅ ।

ବୀରବର -ଆଜ୍ଞା ସେ କଥା କଣ ଏ ବୀରବର ବୁଦ୍ଧିରୁ ଖସିଯିବ ? ମୁଁ ସେ କଥା ଚ଼ିନ୍ତା କରିସାରିଛି ନା ?

ସୁରେଶ - ଏ ନିର୍ବାଚ଼ନ ପାଇଁ ଯେତେ ଟଙ୍କା ଦରକାର, ସେଥିପାଇଁ ମୋର ଅର୍ଥକୋଷ ପୂରା ଖୋଲା । ଏତେ ଟଙ୍କା ଆଉ ମୋର କଣ ହେବ ? ଟଙ୍କାକୁ ମୁଁ ତ ପୂରାପୂରି ଆୟତ କରିସାରିଛି । ଖାଲି ସମ୍ମାନକୁ ଆୟତ କରିବାକୁ ପଡ଼ିବ ।

Digitized by srujanika@gmail.com

ସତ୍ୟ - ଖାଲି ସମ୍ମାନ ନୁହେଁ ସୁରେଶ ବାବୁ ! ଆପଣ ନିର୍ବାଚନରେ ଜିତିଲେ ଯେତେ ଟଙ୍କା ଖର୍ଚ୍ଚ କରିଥିବେ ତାର ଶହେ ଗୁଣ ପାଇ ଯିବେନି ? ରାଜନୀତି ଆଜିକାଲି କଣ ଖାଲି ରାଜନୀତି ହୋଇ ରହିଛି, ରାଜନୀତି ପରା ଏବେ ଗୋଟିଏ ବ୍ୟବସାୟ ଶିଳ୍ପରେ ପରିଣତ ହୋଇଛି ।

ସୁରେଶ - ଟଙ୍କା ଆସୁ ନ ଆସୁ କିଛି ଯାଏ ଆସେ ନାହିଁ । ଭୋଟରେ ମୋର ଜିଣିବା ଦରକାର । ମର୍ଯ୍ୟାଦା ମୋର କିଣିବା ଦରକାର ।

ବୀରବର - ସେଥିପାଇଁ ଆପଣ ନିର୍ଭୟ ରୁହନ୍ତୁ ।

ସୁରେଶ - ସେ ଆଦିବାସୀ ସାହି, ସହରପଲ୍ଲୀରୁ ଖଣ୍ଡେ ଭୋଟ ଯେମିତି ସରଳ ଦାସ ପାଖକୁ ନଯାଏ ।

ସତ୍ୟ - ସେ ଦାୟିତ୍ୱ ମତେ ଦିଅନ୍ତୁ । ସେଥିପାଇଁ କିଛି ଭାବନ୍ତୁ ନାହିଁ । ମୁଁ ଠିକ୍ ବାଟରେ ପକାଇ ଦେବି ।

ସୁରେଶ - ମୁଁ ମହମଡ଼ିୟାନ୍ ଭୋଟ୍ ଦାୟିତ୍ୱ ଗୋବର୍ଦ୍ଧନ ଆଉ ଜବାହର ଖାଁକୁ ଦେଇଛି । ମୋର ବିଶ୍ୱାସ, ସେ ଭୋଟ ସବୁ ଆମ ପକ୍ଷରେ ଆସିବ ।

ବୀରବର - ହଁ, ମୁଁ ଶୁଣିଲି ଆସନ୍ତା କାଲି ତାଙ୍କର କର୍ମୀ ସମ୍ମିଳନୀ ଅଛି । ଅସନ୍ତା ୨୪ ତାରିଖରେ କୁଆଡ଼େ ଗୋଟାଏ ବଡ଼ଧରଣର ସଭା ହେବ । ତା ପର ଦିନ କୁଆଡ଼େ ଗୋଟାଏ ବଡ଼ ର୍ୟାଲି ବାହାରି ସାରା ସହର ପରିକ୍ରମା କରିବ ।

ସତ୍ୟ - ତେବେ ଲୋକମାନଙ୍କୁ ପ୍ରଭାବିତ କରିବା ତାଙ୍କ ପକ୍ଷରେ ସହଜ ହୋଇଯିବ ।

ସୁରେଶ - ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ସତ୍ୟ ବାବୁ । ସରଳ ଦାସର ମନ୍ତ୍ର ମତେ ଭଲ ଭାବରେ ଜଣା । ଅବଶ୍ୟ ତାଙ୍କଠୁ ମୁଁ ରାଜନୀତି ଶିଖିଛି । କିନ୍ତୁ ଅର୍ଜୁନ ଯେ ଦ୍ରୋଣାଚାର୍ଯ୍ୟଙ୍କଠାରୁ ବଳିଯିବ ଏକଥା କଣ ସେ ଜାଣିଥିଲା ? ଟିକେଟ ପାଇଁ ଦିଲ୍ଲୀରେ ଡେରା ବାନ୍ଧିଥିଲା । ମୁଁ ବି ଯାଇଥିଲି । କୋଡ଼ିଏ ବର୍ଷ ମନ୍ତ୍ରୀ ଥିଲାତ ଟିକେଟ୍ ପାଇଲା ନାହିଁ କାହିଁକି ? ବୁଝିଲେ ମୁଁ ରାଜନୀତି କରୁଛି ନିଜର ଖୁସି ପାଇଁ ତା ଭଳି ଜୀବିକା ପାଇଁ ନୁହେଁ। (ବାହାରୁ ଭୀମ ସିଂ ଆସିଛି)

ଭୀମ- ନମସ୍କାର ଆଜ୍ଞା ....

ସୁରେଶ- କିରେ ଭୀମ ସିଂହ... ଏତେ ଡେରି କଲୁ ଯେ ?

ଭୀମ- ନାଇଁ ଆଜ୍ଞା, ଡେରି ଆଉ କଣ ? ଡ୍ରିଙ୍କ୍ସ୍ ତ ଖାଲି ନେଇ ଆସିଲେ ହେବନି, ଚିକେନ୍ ପକୋଡ଼ା, ଚିଲି ଚିକେନ୍ ପାଇଁ ଗିରିଜା ରେଷ୍ଟୁରାଣ୍ଟ ଗଲି । ସେଠି ଖୁବ୍ ଭିଡ଼ । ଫେରିଆସି କାଳୁ ହୋଟେଲ୍‌ରୁ ନେଇ ଆସିଲି ।

Digitized by srujanika@gmail.com

ସୁରେଶ- ଆଚ୍ଛା ବୀରବାବୁ ! ସେ କଥା କଣ ହେଲା ?

ବୀର- କେଉଁ କଥା କହିଲେ ? ଓଃ ସେଇକଥା । ହଁ ହଁ ମୁଁ ସବୁ ବନ୍ଦୋବସ୍ତ କରି ଦେଇଛି । ନିଜେ ସେ କାମିନୀ ବାଈକୁ ସାଙ୍ଗରେ ଧରି ଆସିବେ ।

ସୁରେଶ- ତାକୁ ଜାଗାଟା ଠିକ୍ ବତେଇ ଦେଇ ଆସିଛ ତ ?

ବୀରବର- ବୀରବର ବଳିୟାର ସିଂ ସେଥିରେ ଖିଲାପ କରିବ ? ବେଶୀ ପାଠସିନା ପଢ଼ିନି, ହେଲେ ଶାଠରେ ମୋତେ କଣ କିଏ ବଳେଇ ଯିବ ?

ସୁରେଶ- ତେବେ ଆଉ ଡେରି କାହିଁକି ? ଭୀମ ସିଂହ ! ଡ୍ରିଙ୍କ୍‌ସ୍‌ଟା ଏଇଠି ରେଡି କରି ଦେ । ବୀରବାବୁ ଆପଣ ତେଣେ ରେଡି କରନ୍ତୁ ।

ଭୀମ ସିଂ- ମୁଁ ତ ସବୁ ଆଣିଛି, ଏଇଠି ସଜ୍ଜିଲ୍ କରିଦେବି, ବୀରବାବୁ ପୁଣି କଣ କରିବେ ?

ସୁରେଶ- ଆରେ ବୋକା, ମଦ ପିଇବା ପରେ କ'ଣ ହୁଏ ଜାଣିନୁ ? ମଦ୍ୟପାନ ପରେ ମୋର ରାଜନର୍ତ୍ତକୀ ସବୁବେଳେ ଦରକାର ।

ଭୀମ ସିଂ- ଏଁ ରାଜନର୍ତ୍ତକୀ ? କିହୋ ବୀରବାବୁ, କାହିଁ ମୋତେ ତ ଏକଥା କହିନଥିଲେ ? ମୁଁ ତ ବେଳେବେଳେ ଟିକେ ଟିକେ ଖାଏ, ହେଲେ ମୁଁ ତ କାହିଁ ରାଜନର୍ତ୍ତକୀ ଲୋଡ଼େ ନାହିଁ ?

ବୀର- ଆରେ ତୁ ପୁଣି ଆମ ନେତାଙ୍କ ସାଙ୍ଗରେ ନିଜକୁ ତୁଳନା କରୁଛୁ ? ଯାଆ, ତୁ ତୋ ନିଜ କାମ କର, ବେଶୀ କଥାରେ ମୁଣ୍ଡ ଖେଳାନି ।

ଭୀମ- ହଁ ଯାହା କହିଲ ଏକା । ମୁଁ ଚକୁଳି ଖାଇବା ଲୋକ ଏତେ କଥାରେ ମୋର ଯାଏ କେତେ ଆସେ କେତେ ?

(ଭୀମ ସିଂ ମଦ ଗ୍ଲାସ୍ ସମସ୍ତଙ୍କ ହାତକୁ ଦେଇଛି । ସମସ୍ତେ ଖାଇଛନ୍ତି ।)

ସତ୍ୟ- (ମଦ ଖାଇ) ମୋ ମନକୁ ଗୋଟାଏ ଆଶଙ୍କା ଛୁଉଁଛି ସୁରେଶ ବାବୁ ।

ସୁରେଶ- ଆଶଙ୍କା ! କି ଆଶଙ୍କା ?

ସତ୍ୟ- ଆଶଙ୍କା କ'ଣ କି ଯଦି ସରଳ ଦାସର ସଭାଟା ସକ୍‌ସେସ୍ ହେଇଯାଏ, ତେବେ ଏ ଅଂଚଳର ଜନସାଧାରଣ ହୁଏତ ତା ଆଡ଼କୁ ଢଳିଯାଇ ପାରନ୍ତି ।

ସୁରେଶ- କଣ କହିଲେ ? ଲୋକେ ତା ଆଡ଼କୁ ଢଳିବେ ? ଲୋକେ ଢଳିବେ, ଆଉ ମୁଁ ଏଠି ରାଜନୀତି କରୁଛି ମାହାଳିଆକୁ । ମୁଁ ଭୋଟରେ ଛିଡ଼ା ହେବି ଆଉ ସେ ସଭା କରି, ର୍‌ୟାଲି କରି ଜନମତ ବଦଳାଇ ଦେବ ? ଆଚ୍ଛା, ଦେଖିବା, ପୁଅ କେଡ଼େ ବୁଦ୍ଧିଆ । ସେମିତି ହେଲେ ମୁଁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କୁ ଅଣାଇ

Digitized by srujanika@gmail.com

ଏଠି ସଭା କରିବି । ନିଜେ ପ୍ରଧାନମନ୍ତ୍ରୀ ମୋ ପାଇଁ ଭୋଟ ପ୍ରଚାର କରିବେ । ଏମାନେ ମତେ ଭୋଟ ଦେବେନି ? ହଉ ଦେଖିବା ? (ମଦ୍ୟପାନ କରୁଥାନ୍ତି । ନିଶାରେ ଉନ୍ମତ୍ତ ହୋଇ)

ସୁରେଶ- କି ବେ ଭୀମ ସିଂ, କି ବେ ଆଉ ଦଉନୁ ? (ଭୀମ ସିଂ ଦେଇଛି ମଦ)

ସୁରେଶ- ହେଉ ଚାଲନ୍ତୁ ଯିବା । ନା, ଆଉ ନୁହେଁ, ମତେ ପୁଣି କାମିନୀ ବାଈ ପାଖକୁ ଯିବାକୁ ହେବ । ତାର ମୋର ହିସାବ ଅଛି, ହିସାବ । ।

ସତ୍ୟ- ହେଉ ଚାଲନ୍ତୁ । ବୁଢ଼ା ବୟସରେ ଏ ରଙ୍ଗ ପାଣି ଆଉ ଚାଲୁ ନଥିଲା ତ, ତେଣୁ ମତେ କାହିଁକି ଏ ପୃଥିବୀଟା ଘୂରିଲା ଭଳି ଲାଗୁଛି ।

ସୁରେଶ- ହେଉ, ଚାଲନ୍ତୁ, ଚାଲନ୍ତୁ, ଗାଡ଼ି ଅଛି, ଡ୍ରାଇଭର ନେଇ ଆମକୁ ଛାଡ଼ି ଦେଇ ଆସିବ । ତୁମେ ବି ଆସ ବୀରବାବୁ । (ଟଳି ଟଳି ଯାଉଛନ୍ତି କିଛି ସମୟ ଚାହିଁ ରହିଛି ଭୀମ ସିଂହ)

ଭୀମ ସିଂ- ହୁଁ, ଭାରି ବାହାଦୁରିଆ ଗୁଡ଼ାକ । ଏମାନେ ପୁଣି ସରଳ ଦାସଙ୍କଠାରୁ ବଳେଇଯିବେ । ହଉ ଦେଖାଯାଉ କେଉଁ ପାଣି କୁଆଡ଼ୁ ଯାଉଛି ।

(ମଂଚ ଅଂଧାର)

ଚତୁର୍ଥ ସୋପାନ

(ସରଳ ଦାସଙ୍କ ବାସଭବନ । ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲହାର ଦେଇ ସରଳ ବାବୁ ନମସ୍କାର କରୁଛନ୍ତି । ବାହାରୁ ଆସିଛନ୍ତି ଶରତ, କମଳ ଓ ଜଣେ ବୟସ୍କ କର୍ମୀ ଯାମିନୀ ବାବୁ)

ଶରତ- ନମସ୍କାର ସାର୍ !

ସରଳ- (ମୁହଁ ଫେରାଇ) ବସନ୍ତୁ ବସନ୍ତୁ । ଭୁବନେଶ୍ୱରରୁ କେତେଟା ଫୋନ୍ ଆସିଲା, ତା ଛଡ଼ା ଦିଲ୍ଲୀକୁ କେତେଟା ଟ୍ରଙ୍କ କଲ୍ ବୁକ୍ କଲି । ସେଥିପାଇଁ ବାହାରିବାକୁ ଡେରିହେଲା ।

କମଳ- ଖବର ଜାଣିଲେଣି ତ ସାର୍ ?

ସରଳ- ଖବର?

ଶରତ- ଦିଲ୍ଲୀରୁ କୁଆଡ଼େ କେନ୍ଦ୍ରୀୟ ନେତାମାନେ ଏଠିକି ଭୋଟ ପ୍ରଚାର କରିବାକୁ ଆସିବେ ।

ସରଳ- ଆସନ୍ତୁ । ସେଥିରେ ଭୟ କରିବାର କଣ ଅଛି । ସୁରେଶ ଦଳୀୟ ତ ଦଳୀୟ ଟିକେଟ୍ ପାଇ ନିର୍ବାଚନ ଲଢୁଛି । ତା ପାଇଁ ତ ବର୍ଷୀୟାନ୍

Digitized by srujanika@gmail.com

ନେତାମାନେ ଆସିବେ ହିଁ ଆସିବେ । ମୁଁ ସେଇଥିପାଇଁ କହୁଥିଲି ସୁରେଶ ଯଦି ଟିକେଟ୍ ପାଇଲା, ପାଉ, ଭଲ କଥା । ତାକୁ ଆମେ ସମର୍ଥନ ଦେବା । ସେ ହୁଏତ ଜିତିପାରେ ।

କମଳ- ଏ କଣ କହୁଛନ୍ତି ସାର ?

ସରଳ- ହଁ ସେ ବି ତ ମୋରି ହାତର ଗଢ଼ା । କାରୀଗର ଠାକୁର ଗଢ଼େ, ତାର ସାମାନ୍ୟ ଅନ୍ୟମନସ୍କତା ଯୋଗୁଁ ଠାକୁର ଗଢୁ ଗଢୁ ଏମିତି ବାନ୍ଦର ଯେ ଗଢ଼ି ହୋଇଯିବ ସେ କଥା କାରୀଗର କଣ କେବେ ଚିନ୍ତା କରିଥାଏ ?

ଯାମିନୀବାବୁ-ସୁରେଶ କିନ୍ତୁ କେବଳ ଆପଣଙ୍କ ହାତ ଗଢ଼ା ବାନ୍ଦର ନୁହେଁ, ସେ ଗୋଟାଏ ନିମକହାରମ୍ କୁକୁର ।

ସରଳ- ମୁଁ ଯେତେ ବାରଣ କଲେ ବି ଆପଣମାନେ ମାନିଲେ ନାହିଁ । ସ୍ୱାଧୀନଭାବେ ନିର୍ବାଚନ ଲଢ଼ିବାକୁ ବାଧ୍ୟ କଲେ । କାଲି ସକାଳେ ଯେତେବେଳେ ମୁଁ ନିର୍ବାଚନରେ ହାରିଯିବି, କେମିତି ଲାଗିବ କହିଲେ ? କାହା ଆଗରେ ମୁଁହ ଦେଖାଇବା କୁହନ୍ତୁ । କେଉଁ ଟାଣପଣ, କେଉଁ ଦମ୍ଭୋକ୍ତି ଆମର ରହିବ କହିଲେ ?

କମଳ- ହାରଜିତ୍ ତ ରାଜନୀତିର ଖେଳ । ସବୁଦିନେ ଆପଣ ଜିତୁଥିଲେ, ଥରେ ହାରିଗଲେ ଆପଣଙ୍କ ବ୍ୟକ୍ତିତ୍ୱ, ଆପଣଙ୍କ ମଣିଷପଣିଆ କୁଆଡ଼େ ବଦଳିଯିବ ନା କଣ ?

ଶରତ- ହାରିବାର ପ୍ରଶ୍ନ ଉଠୁଛି କେଉଁଠି ? ଆମେ ନିଶ୍ଚୟ ଜିତିବା ଏଥିରେ ନିଃସନ୍ଦେହ ରୁହନ୍ତୁ ।

ସରଳ- ଜିତିଲେ ବିଶେଷ କିଛି ଖୁସି ହେବାର ନାହିଁ କି ହାରିଲେ କିଛି ଦୁଃଖ କରିବାର ନାହିଁ ।

କମଳ- ଏବେ ସେକଥା ସବୁ ଛାଡ଼ନ୍ତୁ । ଆଜିର କାର୍ଯ୍ୟକ୍ରମ ଏବେ କଣ କରିବାକୁ ହେବ, ସେହି ବ୍ୟବସ୍ଥା କରନ୍ତୁ ।

ସରଳ- ଆଜି ସଂଧ୍ୟାରେ ଇନ୍ଦୁପୁର ଚାରିଛକ ପାଖରେ ସଭା । ମୁଁ ରତନପୁର ପଞ୍ଚାୟତ ଆଜି ସାରିବି । ସଂଧ୍ୟାରେ ଆସି ପହଞ୍ଚିବି । ମୁଁ ଦୈନିକ 'ଦିନରାତି'ର ସଂପାଦକଙ୍କୁ ଡାକିଛି, ମୁଖ୍ୟ ଅତିଥି ଭାବରେ । ପେପର୍ କଭରେଜ୍‌ଟା ତ ଭଲ କି ହେବ ?

ଯାମିନୀ- ଆପଣ ସଭା ପାଇଁ ନିଶ୍ଚିତ ରୁହନ୍ତୁ । ଆମେ ସବୁ ବ୍ୟବସ୍ଥା କରି ଦେଇଥିବୁ ।

Digitized by srujanika@gmail.com

ସରଳ- ହଁ ଆଉ ଗୋଟିଏ କଥା । ଡି.ଏସ୍.ପି. ଙ୍କୁ କହି ବେଶ୍ କିଛି ପୋଲିସ୍ ଯୋଗାଡ଼ କରିଦେଇଥିବେ ।

ଜିତୁ- (ପ୍ରବେଶ)- ବାପା ଆପଣଙ୍କ ରେଜିଷ୍ଟ୍ରି ଚିଠି ।

ସରଳ- ରେଜିଷ୍ଟ୍ରି ଚିଠି ? କେଉଁଠୁ ?

ଜିତୁ- କେଉଁ ଲୋହିଆ ଏକାଡେମୀରୁ ଆସିଛି ।

ସରଳ- ଏଁ ଲୋହିଆ ଏକାଡେମୀ ? (ଚିଠି ଖୋଲିଲେ ଓ ନୀରବରେ ବସି ପଡ଼ିଲେ । ସମସ୍ତେ ଉତ୍କଣ୍ଠିତ)

ଯାମିନୀ- କଣ ହେଲା ? କି ଚିଠି ? କେଉଁଠୁ ଆସିଛି ଯେ ? (ସରଳ ବାବୁ ଯାମିନୀଙ୍କ ହାତକୁ ଚିଠିଟା ବଢ଼ାଇ ଦେଲେ)

ଯାମିନୀ- (ଚିଠି ପଢ଼ି) ଆରେ ଏ ତ ଅତ୍ୟନ୍ତ ଆନନ୍ଦର କଥା ।

କମଳ- କଣ ଆଜ୍ଞା ? କଣ ହେଲା ?

ଯାମିନୀ- ସରଳ ବାବୁଙ୍କୁ ଲୋହିଆ ଏକାଡେମୀ ପକ୍ଷରୁ ଅସନ୍ତା ୨୫ ତାରିଖ ସଂଧ୍ୟାରେ କଟକର ଶହୀଦ ଭବନଠାରେ ନାଗରିକ ସମ୍ବର୍ଦ୍ଧନା ଦିଆଯିବ ।

ଶରତ- ବେଶ୍ ଖୁସିର କଥା । କାଂଚି ଅଭିଯାନରେ ନିଜେ ଜଗନ୍ନାଥ, ବଳଭଦ୍ର ସୈନିକ ସାଜି ଯୁଦ୍ଧକୁ ଗଲାପରି ବୋଧହୁଏ ଭଗବାନ୍ ଦେବଦୂତ ଭଳି ଏ କାର୍ଯ୍ୟ କରାଇଛନ୍ତି । ଏ ନାଗରିକ ସମ୍ବର୍ଦ୍ଧନା ତ ଏ ଭୋଟ ପ୍ରଚାର ପରି କାମ ଦେବ ।

ସରଳ- କ'ଣ କେତେ କଥା ତୁମେ ସବୁ ଏମିତି ଭାବି ଯାଉଛ ?

ଯାମିନୀ- କେତେ କଥା ମାନେ ?

ସରଳ- ରାଜନୀତି ଅତ୍ୟନ୍ତ ଜଟିଳ । ସେ ଘୋଡ଼ା ଦୌଡ଼ ଭିତରେ ପଶିବା ଏତେ ସହଜ ନୁହେଁ । ଏହା ହୁଏତ କାହାର ଏକ ରାଜନୈତିକ ଚାଲ ହୋଇପାରେ । ଏହା ପଛରେ ହୁଏତ କାହାର ମୋ ପ୍ରତି ମନ୍ଦ ଅଭିଳାଷ ଥାଇପାରେ । ଏଥିପାଇଁ ଏତେ ଆନନ୍ଦରେ ଅଧୀର ହେବା ଆବଶ୍ୟକ ନାହିଁ ।

ଶରତ- ନାହିଁ ଆଜ୍ଞା କିଛି ଆଶଙ୍କା କରନ୍ତୁ ନାହିଁ । ଏହା କାହାର ପ୍ରତାରଣା ନୁହେଁ, ଏହା ଆମକୁ ଭଗବାନଙ୍କର ସାହାଯ୍ୟ ।

ସରଳ- ହେଉ ଅପେକ୍ଷାକର, ଦେଖିବା କଣ ହେଉଛି ।

କମଳ- ଏ ସଂବାଦ ଆଜି ସଂଧ୍ୟା କାଗଜରେ ବାହାର କରାଇ ଦେଲେ କେମିତି ହୁଅନ୍ତା ?

Digitized by srujanika@gmail.com

ସରଳ - ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ। ହୁଏତ ଏହା ଆମ ବିପକ୍ଷରେ ଯାଇପାରେ। ଯଦି କଥା ସତ ହୋଇଥାଏ ତେବେ ଆପେ ମନକୁ ଛାଏଁ ସବୁ କାଗଜ, ରେଡ଼ିଓ ଓ ଦୂରଦର୍ଶନରେ ପ୍ରଚାରିତ ହେବନି ? ଆମକୁ ଚେଷ୍ଟା କରିବା କଣ ଦରକାର ?

ଯାମିନୀ - ହେଉ ତେବେ ଆମେ ଆସୁଛୁ ଆଜ୍ଞା।

ସରଳ - ହଁ ଆପଣମାନେ ଯାଆନ୍ତୁ। ମୁଁ ମଧ ଏଇ ୧୦ ମିନିଟ୍ ଭିତରେ ରତନପୁର ପଂଚାୟତ ଚାଲିଯିବି। (ସେମାନେ ଚାଲି ଯାଉଥିଲେ) ହଁ ଶୁଣନ୍ତୁ- ମୁଖ୍ୟ ଅତିଥିଙ୍କ ପାଇଁ ସେ କ୍ଲବ ଘରେ କଣ ଟିକିଏ ଖାଇବା ପିଇବା ବନ୍ଦୋବସ୍ତ କରିଥିବେ। (ସେମାନେ ଚାଲି ଯାଉଥିଲେ ସେମାନଙ୍କ ବାଟକୁ ଚାହିଁ ରହିଥିଲେ ସରଳ ବାବୁ।)

(ମଂଚ ଅନ୍ଧାର)

ପଞ୍ଚମ ସୋପାନ

(ସରଳ ବାବୁଙ୍କ ବାସଭବନ। ଫୋନ୍ ବାଜି ଉଠିଛି। ଫୋନ୍ ଧରିଛନ୍ତି ସୁମତୀ ଦେବୀ)

ସୁମତୀ - (ଫୋନ୍ ଧରି) ହ୍ୟାଲୋ ହ୍ୟାଲୋ- କିଏ ? ଛିତୁ ? ହଁ କଣ ହେଲା ? କଣ କହିଲୁ ? ଏଁ, ସୁରେଶ ତୋ ବାପାଙ୍କ ଠାରୁ ସାତ ହଜାର ଆଗୁଆ ଅଛି ? ତୁ ଘରକୁ ଚାଲି ଆସୁନୁ ? ଆଉ କାହିଁକି ସେଠି ବସିଛୁ ? ଆଉ ଜିତିଯିବେ ବୋଲି ଆଶା ରଖିଛନା କଣ ? ଏଁନା- ନା- ତୁ ଘରକୁ ଚାଲିଆ। ରଖିଲି (ଫୋନ ରିସଭର୍ ରଖିଛନ୍ତି। ଭିତରୁ ଆସିଛନ୍ତି ସରଳ ବାବୁ)

ସରଳ - କିଏ ? ଛିତୁ ଫୋନ୍ କରିଥିଲା ?

ସୁମତୀ - ହଁ !

ସରଳ - କଣ କହିଲା- ସାତ ହଜାର ସୁରେଶ ଆଗୁଆ ଅଛି ?

ସୁମତୀ - ସେ ଦଳ ଟିକେଟ୍ ପାଇଛି। ମାଟି ଗୋଡ଼ି ଭଳି ଟଙ୍କା ବିଂଚିଛି। ସେ ପାଆନ୍ତା ନାହିଁ ଆଉ କଣ ତୁମେ ପାଆନ୍ତ ? ଆଜି କାଲିଯୁଗରେ ଆଦର୍ଶ ଶୁଣିବାକୁ କିଏ ଅଛି ?

ସରଳ - ମୁଁ କଣ ଖାଲି ଲୋକ ଦେଖାଣିଆ ଆଦର୍ଶ ଦେଖାଏ ? ମୁଁ ନିଜେ କାମ କରି ଦେଖାଇ ଦିଏନାହିଁ ?

ସୁମତୀ - ସେ ତ ଭୋଟ୍ ପାଇଲା, ତୁମେ ତୁମର କାମ ଦେଖାଉଥାଅ।

Digitized by srujanika@gmail.com

ସରଳ - ମୁଁ ସେଥିପାଇଁ ଦୁଃଖିତ ନୁହେଁ । ଦୀର୍ଘ ୪୦ ବର୍ଷ ରାଜନୀତି କଲି । ଲୋକମାନଙ୍କ ସେବା କଲି । ୨୦ ବର୍ଷ ମନ୍ତ୍ରୀ ହେଲି । ପ୍ରାୟ ସବୁ ବିଭାଗର ଦାୟିତ୍ୱ ଗ୍ରହଣ କରି ଓଡିଶାର ଯଥାସମ୍ଭବ କାର୍ଯ୍ୟ କରିଛି । ଏବେ ମୁଁ ନପାଇଲେ ଦୁଃଖ କଣ ? ମୁଁ କଣ ସବୁଦିନ ପାଇଁ ଶାସନକୁ ଜାବୁଡି ଧରି ବସିଥାନ୍ତି କି ? ଅନ୍ୟ ମାନେ ଶାସନକୁ ଆସନ୍ତୁ ।

ଯାମିନିବାବୁ-(ପ୍ରବେଶି) ତା ବୋଲି କଣ ଏଇମିତି କଳାବଜାରୀ, ଦାଗୀ, ଖୁଣୀମାନେ ଶାସନ କରିବେ ?

ସରଳ- ବର୍ତ୍ତମାନ ତ ସମାଜର ଅବସ୍ଥା ସେଇଆ ହୋଇଛି । କଣ କରିବେ ଆପଣ ? ମଣିଷର ମାନବିକ ବ୍ୟକ୍ତିତ୍ୱ ଠାରୁ ଅର୍ଥ ପ୍ରାଧାନ୍ୟ ଲାଭ କରିଛି । ଅର୍ଥ ବିନା ସତେ ଯେମିତି ଆଉ କୌଣସି କଥା ହେବା ସଂଭବ ନୁହେଁ ।

ସୁମତୀ- , ସେହି ବିଲୁଆ ବିଚାର ଆପଣମାନେ କରନ୍ତୁ । ଏବେ ସମୟ ଆସିଛି ସମାଜର ସମୀକ୍ଷା ଛାଡି ଆତ୍ମ ସମୀକ୍ଷା କରନ୍ତୁ । ଚାରି ମାସ ହେଲା ଭୋଟ ପାଇଁ ଖଟି ଖଟି ନୟାନ୍ତ ହେଲ, ଟଙ୍କା ପଇସା ବି କିଛି ଶ୍ରାଦ୍ଧ କଲ, ହେଲେ ପ୍ରତିବଦଳରେ ପାଇଲ କ'ଣ ?

ସରଳ- ରାଜନୀତିକୁ ସେପରି ମାନଦଣ୍ଡରେ ବିଚାର କରିବା ଉଚିତ ନୁହେଁ ସୁମତୀ ! ରାଜନୀତି ଏକ ଜଟିଳ ଭଗ୍ନାଂଶର ଅବଶେଷ ମାତ୍ର ।

ସୁମତୀ- ଜଟିଳ ହେଉ ବା ସରଳ ହେଉ । ହାରିଯିବାର ଦୁଃଖ, ଲାଜ ଓ ମର୍ଯ୍ୟାଦାବୋଧ କଥା ପାଇଁ ମୁଁ ଭାବୁଛି ।

ଯାମିନୀ- ଆପଣ ଏତେ ଭାଂଗି ପଡୁଛନ୍ତି କାହିଁକି ? କାହିଁ ସରଳ ବାବୁ ତ ବେଶ୍ ନିର୍ବିକାର, ନିର୍ଭୟ, ନିଲିପ୍ତ ହୋଇ ବସିଛନ୍ତି ।

ସୁମତୀ- ଆପଣ ପରା ସେଦିନ କହୁଥିଲେ ମାନବସମ୍ପଦ ମନ୍ତ୍ରୀଙ୍କଠାରୁ ଏତେ ବଡ ନାଗରିକ ସମ୍ବର୍ଦ୍ଧନା ପାଇବା ପରେ ତାଙ୍କ ନିର୍ମଳ ଭାବମୂର୍ତ୍ତି ସାରା ରାଜ୍ୟରେ ପ୍ରମାଣିତ ହୋଇଯାଇଛି । କୌଣସି ଶକ୍ତି ଆମକୁ ହଟାଇ ପାରିବ ନାହିଁ । କିନ୍ତୁ ଏବେ କ'ଣ ହେଲା ?

ଯାମିନୀ- ହଁ ମୁଁ କଣ ମିଛ କହିଥିଲି ? ନାଗରିକ ସମ୍ବର୍ଦ୍ଧନା ପରେ ସମ୍ବାଦପତ୍ର ମାନଙ୍କରେ ଯେଉଁ ଉଚ୍ଛ୍ୱସିତ ପ୍ରଶଂସାମାନ ପ୍ରକାଶ ପାଇଲା, ସେଥିରେ ହାରିବାର କଥା କିଏ କାହିଁକି ଭାବିବ ?

ସୁମତୀ- ତୁମେ ସିନା ଭାବୁନଥିଲ, ହେଲେ ହାରିଲ ତ ?

Digitized by srujanika@gmail.com

ଯାମିନୀ- ଆଉ ଦୁଇ ରାଉଣ୍ଡ ବାକି ଅଛି ।

ସୁମତୀ- ସେ ଏତେ ଆଗୁଆ ଅଛି । ଏତେ ଗୁଡାଏ ଭୋଟକୁ ଟପିବ ବୋଲି ତୁମେ ସବୁ ଭାବୁଛ କେମିତି ?

ସରଳ- ଓଃ ହୋଃ ହାରିଲେ ହାରିଯିବା । ତୁମେ ଏତେ ବ୍ୟସ୍ତ ହୋଇପଡୁଛ କାହିଁକି ? ତୁମେ ବୋଧେ ମୋ ମୁଣ୍ଡ ଖରାପ କରିଦେବ ଦେଖୁଛି ?

ଯାମିନୀ - ଆଜ୍ଞା ! ଶରତ ବାବୁ, କମଳବାବୁ, ଜିତୁ ବାବୁ ସମସ୍ତେ କାଉଣ୍ଟିଂ ପାଖରେ ଅଛନ୍ତି । ମୁଁ ଆପଣଙ୍କ ପାଖକୁ ଚାଲି ଆସିଲି । (ହାତ ଘଣ୍ଟାକୁ ଦେଖି) ନିଉଜ୍ ସମୟ ହୋଇଗଲାଣି ଆଜ୍ଞା । ଟିକିଏ ଟି.ଭି. ଖୋଲିଲେ । (ସୁମତୀ ଦେବୀ ଟି.ଭି. ଖୋଲିଛନ୍ତି ଟି.ଭି.ର ସମାଚାର ପ୍ରସାର ହୋଇଛି)

-କେନ୍ଦୁଝରେ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସେନାରାମ ମୁଣ୍ଡା ବିଜେପି ପ୍ରାର୍ଥୀ ନୀଳମଣି ସୋରେନଙ୍କଠାରୁ ପାଂଚ ହଜାର ଭୋଟରେ ଆଗୁଆ ଅଛନ୍ତି । ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ସରଳ ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରେଶ ଦଳାଇଙ୍କଠାରୁ ୩ ହଜାର ଭୋଟରେ ବିଜୟୀ ହୋଇ ତାଙ୍କର ପୂର୍ବ ସ୍ଥିତି ବଜାୟ ରଖିଛନ୍ତି ।

ଯାମିନୀ- ଶୁଣିଲେ ? ଶୁଣିଲେ ଆଜ୍ଞା ? କିଛି ବିଶ୍ୱାସ କରିପାରୁଛନ୍ତି ? ସତ୍ୟର ଜୟ କେମିତି ହୁଏ ? ନିଷ୍ଠାର ଫଳ କେମିତି ମିଳେ, ପ୍ରମାଣ ପାଇଲେତ ? ଗୀତା କହିଛି-

କର୍ମେଣ୍ୟ ବ୍ୟାଧିକାରସ୍ତୁ ମାଫଳେସୁ କଦାଚନ
ଆଗ କାମ କରନ୍ତୁ- ଫଳ ନିଶ୍ଚୟ ମିଳିବ ।

(ବାହାରେ ବିଜୟ କଳେରୋଳ ଶୁଭୁଥିଲା । ସରଳବାବୁ ନିର୍ବାକ୍ ପରି ବସି ରହିଥିଲେ । ସୁମତୀ ଓ ଯାମିନୀ ବାବୁ ଝରକାରେ ବାହାରକୁ ଚାହିଁଥିଲେ । କର୍ମୀମାନେ ସ୍ଲୋଗାନ୍ ଦେଇ ଘରକୁ ପଶି ଆସି ସରଳ ବାବୁଙ୍କ ଗଳାରେ ଫୁଲ ହାର ପିନ୍ଧାଇ ଦେଲେ । ସ୍ଲୋଗାନ୍ ଦେଇ ଘରୁ ବାହାରି ଆସିଲେ । ସ୍ଲୋଗାନ୍ ଥିଲା ଆମର ନେତା - ସରଳ ଦାସ । ସରଳ ଦାସ - ଜିନ୍ଦାବାଦ୍) । ସତ୍ୟବାଦୀର ହସ-ଅମର ରହେ, ଦୁଷ୍ଟ ପାଜୀ ନରକ ଯାଏ । (ସରଳ ବାବୁଙ୍କର ଦୁଇ ଆଖିରୁ ବୋହି ଯାଉଥିଲା ଲୁହ ଧାର । ଧିରେ ଧିରେ ନଇଁ ଆସିଲା ଯବନିକା) ।

❑❑❑

Digitized by srujanika@gmail.com

ଉଦୟ ରାଗ

ସ୍ୱାଗତମ୍ ନବବର୍ଷ କାର୍ଯ୍ୟକ୍ରମ ଉପଲକ୍ଷେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ୧୯୯୭, ଜାନୁଆରୀ ପହିଲା ସନ୍ଧ୍ୟାରେ ପ୍ରଚାରିତ ଓ ପ୍ରସାରିତ

ପ୍ରଯୋଜନା ଓ ନିର୍ଦ୍ଦେଶନା : ଚିତ୍ତରଞ୍ଜନ ଜେନା
ସହଯୋଗିତା : ଶାନ୍ତି ମହାପାତ୍ର
ସଂଗୀତ : ବାସୁଦେବ ରଥ

ଚରିତ୍ର ଲିପି

ବ୍ରଜବଂଧୁ (ବୃଦ୍ଧ, ବୟସ ଷାଠିଏରୁ ଊର୍ଦ୍ଧ୍ୱ)

ରହେମନ୍ (ବ୍ରଜବନ୍ଧୁଙ୍କ ଅନ୍ତରଙ୍ଗ ବନ୍ଧୁ)

ଜେମସ୍ (ବ୍ରଜବନ୍ଧୁଙ୍କ ଅନ୍ୟତମ ଅନ୍ତରଙ୍ଗ ବନ୍ଧୁ)

କରୁଣାମୟୀ (ବ୍ରଜବନ୍ଧୁଙ୍କ ଧର୍ମପତ୍ନୀ)

ଝରଣା (ବ୍ରଜବନ୍ଧୁଙ୍କ ତରୁଣୀ କନ୍ୟା)

ଅସୀତ (ବ୍ରଜବନ୍ଧୁଙ୍କ ଶିକ୍ଷିତ ପୁତ୍ର)

ହେନା (ବ୍ରଜବନ୍ଧୁଙ୍କ ପୁତ୍ରବଧୂ)

ସେଲି (ବ୍ରଜବନ୍ଧୁଙ୍କ ଆଠବର୍ଷର ନାତୁଣୀ)

Digitized by srujanika@gmail.com

ଦୃଶ୍ୟାରମ୍ଭ

(ବ୍ରଜବଂଧୁ ବାବୁଙ୍କ ଦ୍ୱିତଳ ପ୍ରାସାଦ । ତଳ ତାଲାରେ ବୈଠକ ଖାନା । ଉନ୍ନତ ସାଜସଜ୍ଜା । ଦାମିକା ସୋଫାସେଟ୍ । ଟେଲିଫୋନ୍, ବୁକସେଲଫ, ଟିଭିସେଟ୍। ଘରର ସାଜସଜ୍ଜା ଏକ ଉନ୍ନତ ଆଭିଜାତ୍ୟ ଭରା ରୁଚି ସଂପନ୍ନ ପରିବାରର ସୂଚ଼ନା ଦିଏ ।

ଦୃଶାରଂଭ ବେଳକୁ ଦେଖାଗଲା ଉପର ତାଲାରୁ ସିଡିରେ ତଳକୁ ଓହ୍ଲାଇ ଆସୁଛନ୍ତି ଗୃହକର୍ତ୍ତା ବ୍ରଜବନ୍ଧୁ ମହାପାତ୍ର ।

ବ୍ରଜବନ୍ଧୁ-ବୃଦ୍ଧ । କେଶର ଅଧିକାଂଶ ପକ୍ୱ। ଦରପାଚ଼ିଲା ଲମ୍ବା ନିଶ । ଦେହରେ ସଫା ପରିଛନ୍ନ ଧୋତି, ଗେଞ୍ଜି ଓ ସାଲ୍ । ବୈଠକ ଖାନାରେ ଅଛି ଏକ ଟ୍ରାନ୍‌ଜିଷ୍ଟର ରେଡିଓ । ରେଡିଓରୁ ଭାସିଆସୁଛି ଏକ ଦର୍ଶନ ସଂବଳିତ ଜୀବନ ସଂଗୀତ) (ଗୀତ) -

ଝରି ଝରି ଯାଏ ଜୀବନର ଫୁଲ
ମରି ମରି ଯାଏ ରଂଗ
ମନ ଅଇନାରେ ଦେଖିହୁଏ ନାହିଁ
କେଉଁଠି ବା କେତେ ଦାଗ ।୦।
ଆଭିଜାତ୍ୟର ମୋହରେ ମଣିଷ
ହୋଇଯାଏ ସିନା ଅଂଧ
ପଢ଼ିପାରେ ନାହିଁ ଆଜି ଏ ମଣିଷ
ମାନବିକତାର ଛନ୍ଦ
ଧନ ଆଜି ଏଠି ସପନ ବିକୁଛି
ହାତେ ଧରିଅଛି ମଂଗ
ମରି ମରି ଯାଏ...........।୧।
ପ୍ରେମର ସଉଦା କରିବାକୁ ହେବ
ଯାତନାର ଗୀତି ଗାଇ
ସହିବାକୁ ହେବ ସମାଜର ତାଡି
ସରସ ଜୀବନ ପାଇଁ
ମରମ ତଳର କଥା ଶୁଭେ ନାହିଁ
ହଜିଯାଏ ରାଗ ରଂଗ
ମରି ମରି ଯାଏ.............।୨।

Digitized by srujanika@gmail.com

ଜୀବନ ଫୁଲର ପାଖୁଡା ମଉଳେ
ହଜିଗଲେ ବି ତା ବାସ
ତଥାପି ଆଶାର ତାଜ ଗଢ଼ି ଆମେ
ଓଠରେ ଭରିବା ହସ
ଅନନ୍ତ କାଳକୁ ବଂଚିବାକୁ ଇଛା
ଦେଖିବା ପ୍ରତିଟି ଦିଗ ।୩।

(ବ୍ରଜବାବୁଙ୍କ ମୁଖ ମଣ୍ଡଳରେ ଚିନ୍ତାର ପ୍ରଲେପ ନଥିଲେ ହେଁ ବେଶ୍ ଭାବ ଗଂଭୀର ଜଣାଯାଉଥିଲା । ସତେ ଯେମିତି ସେ ଶୁଣୁଥିବା ଜୀବନ ସଂଗୀତର ଦାର୍ଶନିକ ଭାବକଳ୍ପକୁ ମନେ ମନେ ସମୀକ୍ଷା କରୁଥିଲେ । ସିଡିରୁ ଓହ୍ଲାଇ ଆସି ବ୍ରଜବଂଧୁ ବାବୁ ସୋଫା ଉପରେ ବସିଲେ । ଟିକିଏ ଖୁଁ ଖୁଁ ହୋଇ କାଶି ଉଠିଲେ । ମାତ୍ର କେତୋଟି ମୁହୂର୍ତ୍ତ ପରେ ପୁଣି ଉଠି ଝରକାରେ ବାହାରକୁ ଚାହିଁଲେ । ଝରକା ପାଖରୁ ଫେରିଆସି ସିଗାରେଟରେ ନିଆଁ ଧରାଇଲେ। ସିଗାରେଟ ଦୁଇଚାରି ଢ଼ୋକ ପିଇଛନ୍ତି କି ନାହିଁ ଟେଲିଫୋନ ରିଙ୍ଗ୍ ହେଲା । ଫୋନ ଧରିଲେ ବ୍ରଜବଂଧୁ ବାବୁ ।)

ବ୍ରଜ- ହ୍ୟାଲୋ ! ହଁ ହଁ ମୁଁ ଅଛି । ଅଧଘଣ୍ଟାଏ ଭିତରେ ଆସ । ଓ.କେ.
(ରିସିଭର ରଖିଲେ । ପୁଣି ଗୀତରେ ମନ ଦେଲେ । ଗୀତ ଶୁଣୁ ଶୁଣୁ ବୁକ୍ ସେଲଫରୁ ପ୍ୟାଡ୍‌ଟାଏ ଟାଣିଆଣି ପକେଟରୁ କଲମ ବାହାର କରି କଣ ଲେଖି ବସିଲେ । ତାପରେ ବାହାରୁ କଲିଂବେଲ୍ ବାଜି ଉଠିଲା, କବାଟ ଖୋଲିଦେଲେ ବ୍ରଜବନ୍ଧୁ ବାବୁ । ବ୍ରଜବନ୍ଧୁଙ୍କ ବଂଧୁ ରହେମନ ଓ ଜେମ୍‌ସ୍‌କୁ ଦେଖି ଆନନ୍ଦିତ ହୋଇ କହି ଉଠିଲେ ।)

ବ୍ରଜ- ଆରେ ରହେମନ୍ ! ଜେମସ୍ !

ରହେମନ- କିରେ ବ୍ରଜ ! ଆଜି ନୂଆ ବର୍ଷଟାରେ କୁଆଡେ ନଯାଇ ଏ ଘରଟା ଭିତରେ ବସି କଣ କରୁଛୁ ?

ବ୍ରଜ- କୁଆଡ଼େ ଆଉ ଯିବି ?

ରହେମନ୍- କୁଆଡେ ଆଉ ଯିବୁ ମାନେ ? କିରେ ଆଜି ନୂଆବର୍ଷରେ ଲୋକ କାହିଁ କୁଆଡେ କେତେ ମଜା କରୁଛନ୍ତି ଅଥଚ ତୁ କହୁଛୁ କୁଆଡେ ଯିବୁ ?

ବ୍ରଜ- ହଉ ଆସ ଆସ ବସ ଆଗ, ତାପରେ ଯାହା କଥାବାର୍ତ୍ତା ....
(ତିନିହେଁ ଆସି ବସିଲେ ସୋଫାରେ ।)

ବ୍ରଜ- କଣ ସବୁ ତୁମର ମଜା କରୁଛ ।

Digitized by srujanika@gmail.com

ରହେମନ- ଆମ ସାହିରେ ଆଜି କବାଲୀ ଚାଲିଛି । ପିଲାଠାରୁ ବୁଢ଼ାଯାଏ ସବୁ ମଉଜ କରୁଛନ୍ତି । ସେଇଥିପାଇଁ ପରା ମୁଁ କହିଥିଲି ତତେ, ଆସିବୁ ତିନିହେଁ ବସି କବାଲୀ ଦେଖିବା ବୋଲି ? ଜେମସ୍ ଆସିଲା ଅଥଚ୍ ତୁ ତୋର ଏଠି ବସି....

ବ୍ରଜ- ଜେମସ୍ ! ତୁମର ସବୁ କେମିତି ଆଜି ନୂଆ ବର୍ଷ ପାଳୁଛନ୍ତି ?

ଜେମସ୍- ସକାଳୁ ସକାଳୁ କେକ୍ କାଟି କ୍ୟାଣ୍ଡେଲ୍ ଜାଳି ନୂଆ ବର୍ଷ ସେଲିବ୍ରେସନ୍ କଲେ । ତାପରେ ସବୁ ପିକନିକ୍ କରି ଯାଇଛନ୍ତି.....

ବ୍ରଜ- ମୁଁ କିନ୍ତୁ ଏଠି ଘର ଜଗିଛି ।

ରହେମନ- ଘର ଜଗିଛୁ ମାନେ ?

ଜେମସ୍- (ଚାରିଆଡେକୁ ଚାହିଁ) କାହିଁ ଘରେ ତ କାହାରି ସ୍ବର ଶବ୍ଦ ନାହିଁ ?

ବ୍ରଜ- ଘରେ କେହି ନାହାନ୍ତି ? ନୂଆବର୍ଷରେ ଯିଏ ଯାହାର ସବୁ ମଜା କରିବାକୁ ଯାଇଛନ୍ତି ।

ରହେମନ- ଆମ ଭାଉଜ କୁଆଡେ ଗଲେ ?

ବ୍ରଜ- ତୁମର ଭାଉଜ ଝରଣାକୁ ସାଂଗରେ ନେଇ ମନ୍ଦିରକୁ ଯାଇଛି ।

ଜେମସ୍- ଆଉ ପୁଅ ବୋହୂ ?

ବ୍ରଜ- ପୁଅ ବୋହୂ ତାଙ୍କର ଯାଇଛନ୍ତି -ତାଙ୍କର କେଉଁଠି ପାର୍ଟି ଅଛି । ଡିନର୍ ପରେ ଫେରିବେ ।

ରହେମନ- ଆଉ ତୋର ସେ ଗୁଲୁରୀ ନାତୁଣିଟା ?

ବ୍ରଜ- ଓଃ ତାହା କଥା କହନା କହନା....ସେ ତା ସାଂଗମାନଙ୍କ ସାଂଗରେ ନୂଆବର୍ଷ ପାଳିବା ପାଇଁ ଦିନ ଦିପହରୁ ଯାଇଛି ଯେ, ଯାଇଛି ଏଯାଏ ଦେଖାନାହିଁ । କଣ କହୁଥିଲା ସବୁ ଗୁଡାଏ ତାଙ୍କର କଲଚ଼ରାଲ ପ୍ରୋଗ୍ରାମ ଅଛି ବୋଲି...

ରହେମନ- ଆଉ ସେ ଚାକର ଟୋକା ମଧୁଆଟା କୁଆଡେ ଗଲା ? ଚା' କି କଫି କପେ କରି ଆଣି ଦେଇଥାନ୍ତା ।

ବ୍ରଜ- ଆଜି ଏ ନୂଆ ବର୍ଷରେ ତାର କବେ ବାର... ତାକୁ ଆଉ ପାରେ କିଏ ? ତିନିଦିନ ହେଲା ଗୋଡ ଟେକିଛି । ଏଠି ଟି.ଭି.ରେ ଏତେ ସିନେମା ଦେଖି ତା ମନମାନୁନି ଯେ ଯାଇଛି ସିନେମା ହଲରେ ସିନେମା ଦେଖିବ.....

ସେଲି - ଜେଜେ ! (କବାଟ ଖୋଲି ଘରକୁ ଆସିଛି) ମୁଁ ଖୁବ୍ ମଜା କରି ନୂଆ ବର୍ଷ ସେଲିବ୍ରେସନ୍ କରିଆସିଲି ।

ରହେମନ- କିରେ ସେଲି !

Digitized by srujanika@gmail.com

ସେଲି- ନମସ୍କାର ରହେମନ ଜେଜେ ! ନମସ୍କାର ଜେମସ୍ ଜେଜେ !

ରହେମନ- କିରେ ସେଲି ! ତୁ ନୂଆବର୍ଷ ସେଲିବ୍ରେସନ କରି ଫେରିଲୁ ହେଲେ ତୋ ମୁହଁ କାହିଁକି ଶୁଖିଯାଇଛି ?

ସେଲି- ମୋ ମୁହଁ କାହିଁକି ଶୁଖିଯିବ ମ....ତୁମକୁ ରାତିରେ ସେମିତି ଦେଖା ଯାଉଥିବ ।

ଜେମସ୍- ଆଚ୍ଛା ସେଲି ? ତୁମେ ଏଯାଏ କୁଆଡେ ଯାଇଥିଲ ? ଏଯାଏ କଣ ନୂଆବର୍ଷକୁ ସେଲିବ୍ରେସନ ଚାଲିଥିଲା ?

ସେଲି- ଓଃ ବୁଝିଲ ଜେମସ୍ ଜେଜେ ! ଆମେ ଆଜି ବେଶ୍ ମଜା କଲୁ ।

ରହେମନ- କଣ ସବୁ ମଜା କଲ ?

ସେଲି- ମନଖୁସିରେ ନାଚିଲୁ । ଗାଇଲୁ । ମିଳିମିଶିକି ମଜା କରି ଏକାଠି ଖାଇଲୁ ।

ରହେମନ- ଏତେ ମଜା କଲ ଆମକୁ ଡାକିଲ ନାହିଁ ଆମେ ଟିକିଏ ତୁମ ସାଂଗରେ ମଜା କରି ନଥାନ୍ତୁ ?

ସେଲି- ଉଁ ତୁମେ ସବୁ ବୁଢ଼ା ଜେଜେ ହେଲଣି ତୁମେ ପୁଣି ଆମ ସାଂଗରେ....

ରହେମନ- ବାଳ, ବୃଦ୍ଧ ପରା ଏକା କଥା ।

ବ୍ରଜ- ହଉ ତୁ ଉପରକୁ ଯା । ଗୋଡହାତ ଧୂଆ ଧୋଇ କରି ନେ ।

ସେଲି- ଅନ୍ୟମାନେ କେହି ଫେରିନାହାନ୍ତି ଜେଜେ ?

ବ୍ରଜ- ନା, ସେମାନେ ଫେରିନାହାନ୍ତି । ତୁ ଯା ଉପରକୁ ଯା...

ସେଲି- ହଉ ମୁଁ ଯାଉଛି ଜେଜେ...

(ସିଡିରେ ଉପରକୁ ଚାଲିଗଲା ସେଲି । ତାର ଗତିପଥକୁ ଚାହିଁ ରହିଲେ ବ୍ରଜ, ରହେମନ ଓ ଜେମସ୍ । କିଛି ସମୟ ପରେ ତାର ଗତିପଥରୁ ମୁହଁ ଫେରାଇ)

ରହେମନ- ଭାଉଜ ଥିଲେ କଫି ହେଉ ବା ମିଠା ହେଉ ଯାହାହେଲେ ଆସି ସାରନ୍ତାଣି...

ବ୍ରଜ- ହଉ ଆସିବା ଯାଏ ଅପେକ୍ଷା କର । ନିଅ ସିଗାରେଟ ଖଣ୍ଡେଲେଖା ଲଗାଅ ।

ରହେମନ- ନା, (ପାଟିରେ ଆଙ୍ଗୁଳି ବନ୍ଦ କରି) ସିଗାରେଟ ଖାଇବା ମନା...।

ବ୍ରଜ- ସିଗାରେଟ୍ ମନା? ହଇରେ କୋଉ ଦିନରୁ ତୁ ଏମିତି ସାଧୁ ବୈଷ୍ଣବ ପାଲଟି ଗଲୁଣିବା ?

ରହେମନ- ଓହୋ କହନା କହନା ଆଉ ସେକଥା । ଆଜି ସକାଳେ ମୋ ବଡଝିଅ ଆଉ ବଡବୋହୁ ଦିଜଣ ପରା ଆଲ୍ଲାଙ୍କ କସମ ଦେଇ

Digitized by srujanika@gmail.com

ନିୟମ କରାଇ ଦେଇଛନ୍ତି । ଏ ନୂଆ ବର୍ଷରେ ଆଜିଠାରୁ ମୁଁ ସିଗାରେଟ ଛାଡିଦେଇଛି ।

ବ୍ରଜ- ଆଛା, ଏମିତି କଥା ? ମତେ କାହିଁକି ବିଶ୍ୱାସ ହେଉନି । ଯିଏ ଦିନକୁ ପକେଟ୍ ପକେଟ୍ ସିଗାରେଟ୍ ଉଡ଼େଇ ଦିଏ, ସିଏ ପୁଣି.....

ରହେମନ- ତୋତେ ବି ଆଜିଠାରୁ ସିଗାରେଟ୍ ଛାଡ଼ି ଦେବାକୁ ହେବ । ଏଇ ସିଗାରେଟ୍ ପାଇଁ ତୋର କାଶ ଛାଡୁନି ।

ବ୍ରଜ- ହଁ କାଶଟା ଟିକିଏ ହେଉଛି, ହଉଥାଉ । ଜୀବନଟା ତ ଏଇମିତି ଚାଲିଗଲା ଆଉଅବା କେତେଦିନ ? ପାଚିଲା ବେଲ କେତେବେଳେ ଖସି ପଡ଼ିବ କିଏ କହିବ ।

ଜେମସ୍- କିରେ ବ୍ରଜ ! ତୁ ପରା ଗୋଟାଏ ନାମଜାଦା କବି ? ତୁ ପୁଣି ଏମିତି ନୈରାଶ୍ୟ ବାଦୀ ହେଲେ ଚ଼ଳିବ ?

ରହେମନ- ନା...ନା... ଏମିତି ଭାଙ୍ଗିପଡ଼ିଲେ ଚ଼ଳିବ ? ମଣିଷ ଜନ୍ମ ପାଇଛେ, ଆଉ କହିବାକୁ ଅଛି ? କେତେ ପୁଣ୍ୟରୁ ମଣିଷ ଜନ୍ମ ପାଇ ଏମିତି ପୋକମାଛି ପରି ମରି ଝଡ଼ିପଡ଼ିବାକୁ ଦବା କାହିଁକି ?

ବ୍ରଜ- ବୁଝିଲୁ ଜେମସ୍ ! ଏ ସମାଜଟା ଏବେ ଯେମିତି କଳୁଷିତ ହୋଇଗଲାଣି, ଏ ସମାଜ ଭିତରକୁ ଅପସଂସ୍କୃତ ଯେମିତି ପଶି ଆସିଲାଣି, ମତେ ଆଉ କିଛି ଭଲ ଲାଗୁନି ।

ଜେମସ୍- ହଁ ସେ କଥା ସତ ।

ରହେମନ୍- ଏ ସମାଜରେ ଆଜି ଆଉ ନ୍ୟାୟ ଧର୍ମ ବୋଲି କିଛି ଅଛି ? ଖଞ୍ଜ ମିଛ, ଚୋରି, ଡକାୟତି ଆଦି ଚାରିଆଡ଼େ ପ୍ରାଧାନ୍ୟ ବିସ୍ତାର କରି ବସିଲାଣି ।

ଜେମସ୍- ତଥାପି ତ ଆମକୁ ବଞ୍ଚି ରହିବାକୁ ହେବ ?

ରହେମନ୍- ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା ।

ବ୍ରଜ- ଆରେ ତୁ କଣ ଖାଲି ଏକା ସଂଗ୍ରାମ କରିଦେଲେ ହୋଇଯିବ ? ସେଥିପାଇଁ ସଭିଙ୍କର ଏକତା ଦରକାର । ସେ ସଂଗଠନ ଏଠି କାହିଁ ?

ରହେମନ୍- ସଂଗଠନ କରିବାକୁ ହେବ ।

ବ୍ରଜ- ଆରେ ଆମେ ଖାଲି କରିଦେଲେ ତ ହେବ ନାହିଁ ସେଥିପାଇଁ ଯୁବସମାଜ ଦୃଢ଼ ହେବା ଦରକାର । ଶୃଙ୍ଖଳିତ ହେବା ଦରକାର ।

Digitized by srujanika@gmail.com

ଜେମସ୍- ହଁ ଯାହା କହିଲୁ ସତକଥା । ଯୁବସମାଜ ଠିକ୍ ଭାବରେ ସଂଗଠିତ ନହେଲେ ଏ ସମାଜରୁ କଳୁଷତାର ଅନ୍ଧକାରକୁ ଦୂରେଇ ହବନାହିଁ । (ବ୍ରଜବାବୁ ଖଣ୍ଡିଏ ସିଗାରେଟ କାଢ଼ିଲେ)

ରହେମନ୍- କ'ଣ ପୁଣି ସିଗାରେଟ୍ କାଢ଼ିଲୁଣି ?
(ସିଡ଼ିରୁ ଓହ୍ଲାଇ ଆସିଛି ସେଲି । ସିଗାରେଟ୍ ଛଡ଼ାଇ ନେଇଛି)

ସେଲି- ନା ଜେଜେ ! ଆଜିଠୁ ତୁମର ସିଗାରେଟ୍ ବନ୍ଦ ।

ବ୍ରଜ- ଏଁ ତୁ ବି ତୋ ରହେମନ୍ ଜେଜେ ସାଙ୍ଗରେ ମିଶିଗଲୁ ....

ଜେମସ୍- ଆଉ କବିଙ୍କର ଆଜି କିଛି କବିତା ଗଜୁରିଛି ନା ନାହିଁ ?

ରହେମନ୍- କଣ କିଛି ଲେଖିଲୁ ?

ବ୍ରଜ- ହଁ ଏଇ ତୁମେ ଆସିବା ଆଗରୁ ଲେଖୁଥିଲି....

ରହେମନ୍- କଣ ଲେଖିଲୁ ପଢ଼ିଲୁ ଦେଖି ।

ବ୍ରଜ- ଆରେ ତୁମେ ଦୁହେଁ ହେଲ ମୋ କବିତାର ପ୍ରଥମ ପାଠକ । ତୁମେ ନ କହିଥିଲେ ବି ମୁଁ ପଢ଼ିଥାନ୍ତି । ହଉ ଶୁଣ (କବିତା ପଢ଼ିଛନ୍ତି)

ପ୍ରିୟତମା ଆଗୋ ପ୍ରିୟତମା
ତୁମ ମୋ ମନର ଅରୁଣିମା
ଜୀବନ ସ୍ରୋତର ଚ଼ପଳ ଛନ୍ଦରେ
ଅନୁପମା ତୁମେ ମନୋରମା ।
ଗଲେ ମୋତେ ତୁମେ ଏକା କରି
ବିରହର ଜ୍ୱାଳା ଯାଏ ଭରି
ତୁମ ରୂପ ମୂର୍ତ୍ତି ଆଖି ଆଗେ ମୋର
ନାଚି ଉଠେ ପ୍ରୀତି ଅନୁସରି ।
ଫୁଟା ଫୁଲ ତୁମେ ମୁଁ ଭ୍ରମର
ପ୍ରୀତି କରି ଗଲା ଏ ଭମର
ଫୁଲ ପାଖୁଡ଼ାରେ ତୁମକୁ ସଜାଇ
ଗଢ଼ିବି ଆଜି ମୁଁ କାଚଘର....

ରହେମନ୍- ବାଃ ବାଃ ଚମତ୍କାର ! ଅତି ଚମତ୍କାର !

ସେଲି- ବଢ଼ିଆ ଲେଖିଛ ତ ଜେଜେ ?

ଜେମସ୍- ବାସ୍ତବିକ୍ ଖୁବ୍ ଜୀବନ୍ତ ହେଇଛି ତୋର ଏ କବିତା ।

Digitized by srujanika@gmail.com

(ବ୍ରଜବାବୁଙ୍କ ପତ୍ନୀ କରୁଣାମୟୀ ଦେବୀ ଓ ଝିଅ ଝରଣା ଆସିଛନ୍ତି ବାହାରୁ । ହାତରେ ତାଙ୍କର ଭୋଗଡାଲା)

କରୁଣା - (ତାଚ୍ଛଲ୍ୟ କରି) ହଁ, ଖୁବ୍ ଜୀବନ୍ତ ହେଉଛି ? ଏ ବୟସରେ ପୁଣି, କବିତା....

ରହେମନ୍- ଆରେ ଭାଉଜ !

ଝରଣା- ନମସ୍କାର Uncle ।

କରୁଣା - କଣ ଦିନରେ ସମୟ ପାଇଲ ନାହିଁ ଆସିଲ ନାହିଁ, ଏବେ ଆସି କବିତା ଆସର ଜମେଇ ଦେଉଛ ?

ରହେମନ୍- ଓଃ ତୁମେ ବୁଝୁନ ଭାଉଜ ! ପିଲାଟି ଦିନରୁ ଆମେ ତିନିହେଁ ସାଙ୍ଗହେଇ ପଢ଼ିଲୁ । ତିନିହେଁ ଯାକ ପୁଣି ଏଇ ଏକା ସହରରେ ଚାକିରି କରି ରିଟାୟାର୍ଡ଼ କଲୁ । ଆଜି ପରି ଦିନରେ ଟିକିଏ ନିଜ ନିଜ ଭିତରେ ନୂଆବର୍ଷ ମୁବାରକ୍ ଜଣେଇବୁନି ?

ଜେମସ୍- ତୁମେତ ତୁମର ଆଧାତ୍ମିକ ଚିନ୍ତା ଚେତନାରେ ବୁଡ଼ିରହିମନ୍ଦିରରୁ ମନ୍ଦିରକୁ ବୁଲି ଧର୍ମ କରୁଛ । ଆମେ ଆଉ କଣ କରିଥାନ୍ତୁ ଏଠି ବସି ?

କରୁଣା- ହଁ ତୁମକୁ କିଏ ମନା କରୁଛି କି ? ନୂଆ ବର୍ଷର ଆଜି ଏହି ଦିନକ କାହିଁକି, ବର୍ଷସାରା କବତା ଆସର କରୁନ ?

ଝରଣା- ଅଙ୍କଲ୍ ! ଆପଣମାନେ କାହିଁକି ଆଜି ଦିନବେଳା ଆସିଲେ ନାହିଁ ? ମୁଁ ଭାବିଥିଲି ଆପଣମାନେ ନିଶ୍ଚୟ ଆସିବେ ।

ରହେମନ୍- ଆରେ ମା; ଆମର ଏଥିରେ ଟିକିଏ ଦୋଷ ନାହିଁ, ତୋର ଏ ଯେଉଁ କବି, ଭାବୁକ ବାପା ଖଣ୍ଡକ ନା...

ଜେମସ୍- ତାରି ଯୋଗୁଁ ସବୁ ଏପାଖ ସେପାଖ ହୋଇଗଲା ।

ଝରଣା- ବାପା କଣ କଲେ ?

ରହେମନ୍- ଆମର କଥା ଥିଲା, ସାଙ୍ଗହୋଇ କବାଲୀ ଦେଖିବୁ । ତୋ ବାପା ଗଲା ନାହିଁ, ତେଣୁ ବାଧହୋଇ ଆମେ ଆସିଲୁ ।

କରୁଣା- ହଉ ଭଲ ହେଲା । ନିଅ, ଠାକୁରଙ୍କ ଭୋଗ ପାଅ ।

ଝରଣା- ସେଲି ! ତୁ କେତେବେଳୁ ଆସିଲୁଣି ?

ସେଲି- ମୁଁ ତ କେତେ ବେଳୁ ଆସିଲିଣି । (କରୁଣାମୟୀ ଦେବୀ ସମସ୍ତଙ୍କୁ ଭୋଗ ଦେଇ ଶେଷରେ ବ୍ରଜବାବୁଙ୍କୁ ଦେଉଛନ୍ତି)

ବ୍ରଜ- (ହାତରେ ଭୋଗନେଇ) ଠାକୁରଙ୍କୁ କଣ ମାଗିଲ ?

Digitized by srujanika@gmail.com

କରୁଣା - ମା.. ଠାକୁରଙ୍କୁ ଆଉ କଣ ମାଗିବି ? ତୁମରି ମଙ୍ଗଳ କଥା ଠାକୁରଙ୍କୁ ଜଣାଇଲି। ତୁମର କାଶଟା ହଉଛି, କେମିତି ଭଲ ହୋଇଯାଉ ।

ରହେମନ୍- ବୁଝିଲ ଭାଉଜ ! ବ୍ରଜର କାଶପାଇଁ ଆଉ ତୁମକୁ ଭାବିବାକୁ ପଡ଼ିବନି ।

ସେଲି- ଜେଜୀ ! ଜେଜୀ ! ଆଜି ଆମେ ଜେଜେଙ୍କୁ ସିଗାରେଟ୍ ଖିଆ ଛଡ଼ାଇ ଦେଇଛୁ । ଜେଜେ ରହେମନ୍ ଜେଜେ ଓ ଜେମସ୍ ଜେଜେଙ୍କ ଆଗରେ ପ୍ରତିଜ୍ଞା କରିଛନ୍ତି, ଆଉ ସିଗାରେଟ୍ ଛୁଇଁବେ ନାହିଁ ।

କରୁଣା- ହଉ ଦେଖ୍ ସେ ପ୍ରତିଜ୍ଞା କେତେଦିନ ରହୁଛି ।

ଝରଣା- ନା ବାପା ତାଙ୍କ ପ୍ରତିଜ୍ଞା ନିଶ୍ଚୟ ରଖିବେ । ବାବାଙ୍କ ସିଗାରେଟ୍ ବନ୍ଦ ହୋଇଗଲେ କାଶ ଆପେ ଆପେ ଛାଡ଼ିଯିବ...

କରୁଣା- ଓଃ ଏ ମହତର କାର୍ଯ୍ୟ ପାଇଁ ତୋର ରହେମନ୍ ଅଙ୍କଲ୍ ଆଉ ଜେମସ୍ ଅଙ୍କଲଙ୍କୁ ମୁଁ ମୋ ତରଫରୁ ଅଶେଷ ଧନ୍ୟବାଦ ଦଉଛି ।

ରହେମନ୍- ଉଁ ଖାଲି ମୁହଁରେ ବେଜାଏ ଧନ୍ୟବାଦ ଢାଳିଦେଲେ ତ ପେଟ ପୂରିବ ନାହିଁ ।

ଜେମସ୍- ଭାଉଜ ! ଭୋଗ ତ ଦେଇ, କିନ୍ତୁ ଏଯାଏ ନୂଆବର୍ଷ ଖାଇବାଟା...

କରୁଣା- ଆଲୋ ଝରଣା ! ଛିଡ଼ା ହୋଇ ରହିଲୁ କଣ ଫ୍ରିଜରୁ ମିଠା ଆଣି ଅଙ୍କଲ୍‌ମାନଙ୍କୁ ଦେ । (ବ୍ରଜ ବାବୁଙ୍କ ଶିକ୍ଷିତ ଅଫିସର୍ ପୁଅ ଅସୀତ୍ ଓ ବୋହୂ ହେନା ଆସିଛନ୍ତି ।)

ଅସୀତ୍- ଖାଲି ମିଠା କାହିଁକି ବୋଉ ! ଗୋଟାଏ ବଢ଼ିଆ କେକ୍ ଆଣିଛୁ। (ରହେମନ୍ ଓ ଜେମସ୍‌ଙ୍କୁ) ନମସ୍କାର ଅଙ୍କଲ୍ ! (ହେନା ସଭିଙ୍କୁ ପ୍ରଣାମ କରିଛି)

ରହେମନ୍- ତୁମ୍ଭର ଲମ୍ବା ଉମର ହେଉ ବହୂମା ।

ଜେମସ୍- God bless you my child.

ହେନା- ଆଜି ସକାଳେ ଆପଣମାନେ ଆସିବେ ବୋଲି ଆମେ ଅପେକ୍ଷା କରିଥିଲୁ ।

ରହେମନ୍- କାହିଁକି ଆସି ପାରିଲୁନି ତୋ ଶ୍ୱଶୁରଙ୍କୁ ପଚାର ।

ଅସୀତ- ବୁଝିଲୁ ବୋଉ, ଏ କେକ୍‌ଟା କିଏ ଦେଇଛି ଜାଣୁ ?

Digitized by srujanika@gmail.com

କରୁଣା- କିଏ ?

ଅସୀତ୍- ଆମେ ଆସିଲାବେଳକୁ ଜେମସ୍ ଅଙ୍କଲ ଘରବାଟ ଦେଇ ଆସୁଥିଲେ । ଆଣ୍ଟି ଆଉ ରବଟ୍ ଏ କେକ୍ ଧରି ଆମ ଘର ଆଡ଼େ ବାହାରିଥିଲେ ।

ହେନା- ନଆସି ଆମରି ହାତରେ ପଠେଇ ଦେଲେ ।

ଝରଣା- ତୁମେ ଆଣ୍ଟିକି ଡାକିଲ ନାହିଁ ଭାଉଜ ?

ହେନା- ଆମେ ଡାକିଲୁ ଯେ, କିନ୍ତୁ କାଲି ସୁବିଧା ଦେଖି ଆସିବେ ବୋଲି କହିଲେ ।

ବ୍ରଜ- ହଉ ଆଉ ଡେରି କାହିଁକି । କେକ୍‌ଟିକୁ ଏଠି ସେଲିବ୍ରେଟ୍ କରାଯାଉ ।

କରୁଣା- ଆଲୋ ଝରଣା ଯା, ଗୋଟାଏ ଟ୍ରେ ନେଇ ଆ... (ହେନାକୁ ଲକ୍ଷ୍ୟକରି) ବୋହୂ ! ତୁମେ ଡିଆସିଲ୍, କେଣ୍ଡେଲ୍ ନେଇ ଆସ ତ !

ରହେମନ୍- କିଏ ସେଲିବ୍ରେଟ୍ କରିବ ?

ଅସୀତ- ଜେମସ୍ ଅଙ୍କଲ କରନ୍ତୁ

ଜେମସ୍- ନା, ନା, ଆମ ଗେହ୍ଲେଇ ନାତୁଣୀ ସେଲି ସେଲିବ୍ରେଟ କରିବ । (ଝରଣା ଟ୍ରେ, ହେନା ଡିଆସିଲ୍ ଓ କ୍ୟାଣ୍ଡେଲ୍ ଆଣିଛନ୍ତି । ସେଲି କ୍ୟାଣ୍ଡେଲ୍ ଲଗାଇଛି । ସମସ୍ତେ Happy New year କହି ଉଠିଛନ୍ତି ।)

କରୁଣା- ଏ ନୂଆବର୍ଷ ସଭିଙ୍କ ପାଇଁ ଶୁଭଙ୍କର ହେଉ ।

ରହେମନ୍- ଏ ନୂଆବର୍ଷ ସୁଖ ଶାନ୍ତି ସମୃଦ୍ଧିର ବର୍ଷ ହେଉ ।

ସେଲି- ଏ ସମାଜରୁ ଯେତେ ସବୁ ଦୁର୍ନିତି ଯେତେ ସବୁ ଖରାପ କଥା ଲିଭିଯାଉ ଜେଜେ !

ଅସୀତ- ହଁ ସେଲି ଠିକ୍ କହିଛି ଅଙ୍କଲ୍ !

ରହେମନ୍- ତେବେ ଏ ନୂଆବର୍ଷରେ ଆମେ କେହି ମିଛ କଥା କହିବା ନାହିଁ । ଖରାପ କଥା ଦେଖିବା ନାହିଁ କିମ୍ବା ଖରାପ କଥା କହିବା ନାହିଁ । (ସମସ୍ତେ ଆନନ୍ଦରେ ହସି ହସି କେକ୍ ଖାଇଛନ୍ତି ।)

□□□

Digitized by srujanika@gmail.com

ଯୌଥ ଆସର

୧୯୭୪ରେ କେନ୍ଦୁଝର ଠାରେ ଆୟୋଜିତ ଓଡ଼ିଆ ଯୁବଲେଖକ ସମ୍ମେଳନର ଉଦ୍‌ଯାପନୀ ଉତ୍ସବର ଅବ୍ୟବହିତ ପୂର୍ବରୁ

ନିର୍ଦ୍ଦେଶନା : ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ

ଚ଼ରିତ୍ର ଲିପି

ସରୋଜ (ମେଡ଼ିକାଲ୍ କଲେଜ ଛାତ୍ର)

ରଜତ (ସରୋଜର ସହପାଠୀ)

ହିମାଂଶୁ (ସରୋଜର ଅନ୍ୟତମ ସହପାଠୀ)

ପଙ୍କଜ (ସରୋଜର ଅନ୍ୟତମ ସହପାଠୀ)

ସୁକୁମାର (ସରୋର ଅନ୍ୟତମ ସହପାଠୀ)

ଅଳକା (କଲେଜର ଏକ ସୁନ୍ଦରୀ ଛାତ୍ରୀ)

Digitized by srujanika@gmail.com

(ଚିକିତ୍ସା ମହାବିଦ୍ୟାଳୟ । ରାସ୍ତାକଡ଼ କୃଷ୍ଣଚୂଡ଼ା ମୂଳର ଏକ ସିମେଣ୍ଟ ବେଂଚ୍ । ସମୟ- ଦିନ ସାଢ଼େ ଗୋଟାଏ ହେବ ବୋଧହୁଏ । ସେହି ସିମେଣ୍ଟ ବେଂଚ୍‌ରେ ବସି କଥାବାର୍ତ୍ତା ହେଉଥିଲେ । ଏମ୍.ବି.ବି.ଏସ୍.ର ଶେଷବର୍ଷର ଦୁଇବଂଧୁ । ରଜତ୍ ଆଉ ସରୋଜ)

ସରୋଜ- ତୁ ଯାହା କହ ରଜତ୍, ମୁଁ କିଂତୁ ତାକୁ ଠିକ୍ ଚିହ୍ନିଛି । ସେ ଯେମିତି ହିମାଂଶୁର ପିଛା ଧରିଛି ନା, ତାକୁ ସହଜରେ ଛାଡୁନାହିଁ ।

ରଜତ୍- ନଛାଡ଼ି ବା କରିବ କ'ଣ ? ସୋମନାଥ ବାବୁ ତ କାଠିପାଂଚ୍‌ଣ ଛୁଆଇଁ ଦେବେ ନାହିଁ ।

ସରୋଜ- ଆରେ, ତାଙ୍କ କଥାରେ କଣ ଅଛି ? ହିମାଂଶୁର ବ୍ୟକ୍ତିଗତ ମତରେ ତ ସବୁକିଛି ।

ରଜତ୍- ସେ ଯାହାହେଉ, ପଂକଜ ୟା ଭିତରେ ବେଶ୍ ଚାଲାକ । ପଣସ ଖାଇଲା ନିଜେ; କିନ୍ତୁ ଅଠାତକ-

ସରୋଜ- ଶେଫାଳୀକୁ ଠିକ୍ ପାନେ ହୋଇଛି ଯେ; କିନ୍ତୁ ହିମାଂଶୁର ସର୍ବନାଶ ପାଇଁ ପଂକଜ ମୁଖ୍ୟତଃ ଦାୟୀ ।

ରଜତ- ନା ତ, ହିମାଂଶୁ ନିଜେ ସେ ପଥକୁ ଟାଣି ହୋଇଯାଇଛି । ଏଥିରେ ପଂକଜର ବା ଦୋଷ କଣ ?

ସରୋଜ- ଆରେ ତୁ ଜାଣିନାହୁଁ ? ପଂକଜ ଯେତେବେଳେ ଶେଫାଳୀ ଅନ୍ତସତ୍ତ୍ୱା ହେବାର ସାମାନ୍ୟ ଇଂଗିତ ପାଇଲା, ସେତେବେଳେ ସେ ଶେଫାଳୀକୁ ଆଭଏଡ୍ କଲା । ଜାଣି ଜାଣି ତାର ନିମନ୍ତ୍ରଣକୁ, ତାର ମିଳାମିଶାକୁ ସେ ପରୋକ୍ଷରେ ପ୍ରତ୍ୟାଖ୍ୟାନ କଲା । କେବଳ ସେତିକି ନୁହେଁ, ଶେଫାଳୀ କେମିତି ହିମାଂଶୁ ସହ ମିଳାମିଶା କରୁ, କେମିତି ହିମାଂଶୁ ସହ ପାର୍କ, ସିନେମା ଯାଉ, ତାହାର ଯୋଜନା ପ୍ରସ୍ତୁତ କରିବାକୁ ଲାଗିଲା ।

ରଜତ୍ - ତେବେ ଶେଫାଳୀ ପଂକଜକୁ ଏତେ ଶୀଘ୍ର ଭୁଲିଗଲା କେମିତି ?

ସରୋଜ- ସେହିତ, ଭୁଲିଗଲା କେମିତି ତା'ର ଭଲ ପାଇବାର ପରିସର ଯେମିତି । ପ୍ରେମ କରିବାର ଅର୍ଥକୁ ସେ ବୁଝିଛି ଯେମିତି ।

ରଜତ୍ - କିନ୍ତୁ ହିମାଂଶୁ ?

Digitized by srujanika@gmail.com

ସରୋଜ- ହିମାଂଶୁ ବିଚାରା ତାର ସାଂଗ-ସୁଖରେ ମାତି ନିଜର ସର୍ବନାଶ କଲା ।

ରଜତ୍- ସର୍ବନାଶ ?

ସରୋଜ- ହଁ, ନିଜ କେରିୟର୍ ନଷ୍ଟ କଲା । ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା । ପ୍ରଫେସର ତଥା ଛାତ୍ରମାନଙ୍କର ଚକ୍ଷୁଶୂଳ ହେଲା । ସମାଲୋଚନାର ଶରବ୍ୟ ହେଲା ।

ରଜତ୍- ହିମାଂଶୁଟା ନିହାତି ବୋକା ।

ସରୋଜ- ନାଇଁମ, ବୋକା ନୁହେଁ ଯେ, ହେଲେ...

ରଜତ୍- ଆଚ୍ଛା, ହିମାଂଶୁ କେମିତି ଶେଫାଳୀକୁ ଗ୍ରହଣ କଲା ଯେ ?

ସରୋଜ- ଶେଫାଳୀ ଯେତେବେଳେ ନିଜକୁ ଅନ୍ତଃସତ୍ତ୍ୱା ବୋଲି ଘୋଷଣା କଲା, ସେତେବେଳେ ହିମାଂଶୁ ପ୍ରମାଦ ଗଣିଲା । ମାତ୍ର...

ରଜତ୍- କାହିଁକି ? ହିମାଂଶୁ ତା ଭଲପାଇବାକୁ ପ୍ରତ୍ୟାଖାନ କଲା ନାହିଁ ?

ସରୋଜ- ବୁଝିଲୁ ରଜତ୍, ହିମାଂଶୁର ତ ଶେଫାଳୀ ପରି ଏତେଟା ନୈତିକ ଅଧଃପତନ ହୋଇ ନଥିଲା । ମାନବିକତା ଠାରୁ ସେ ଦୂରେଇ ରହି ପାରିଲା ନାହିଁ ।

ରଜତ୍- ତାପରେ ହିମାଂଶୁ କ'ଣ କଲା ?

ସରୋଜ- ଏଇମିତି ପରିସ୍ଥିତି ଚକ୍ରରେ ପଡ଼ି ତାକୁ ଉଦ୍ଧାର କରିବ ବୋଲି କଥା ଦେଇଥିଲା । କିନ୍ତୁ ଏବେ କୁଆଡ଼େ ତାକୁ ଶୀଘ୍ର ବିବାହ କରିବ ବୋଲି ଜିଗର ଧରିଛି । କାଂଦି କାଂଦି ହିମାଂଶୁ ପାଖରେ ଆଖି ଫୁଲାଇବାରେ ଲାଗିଛି ।

(ଏହି ସମୟରେ ପଂକଜ ଲୁଚି ଲୁଚି ଆସି ବେଂଚ୍ ପଛରେ ବସିଥିଲା ।)

ସରୋଜ- ଆଛା, ତୁ କଣ ଭାବୁଛୁ କହିଲୁ ରଜତ୍ । ଏହାର ଶେଷ ପରିଣାମ କଣ ହେବ ?

ପଂକଜ- (ପଛରେ ହସି ହସି) ହେବ ଆଉ କଣ ? କାମ ଅଲ୍‌ରେଡି ଫତେ । (ବିସ୍ମିତଭରା ଆଖିରେ ପଛକୁ ମୁହଁ ଫେରାଇଲେ ସରୋଜ ଆଉ ରଜତ୍ । ତାପରେ ପଂକଜକୁ ଦେଖି ଫିକ୍‌କିନା ହସିଦେଲେ । ହସି ହସି ରଜତ୍ କହିଲା)

ରଜତ୍- ଆରେ ପଂକଜ, ତୁ କେତେବେଳୁ ଆସି ଏଠି...

Digitized by srujanika@gmail.com

ପଂକଜ- ମୁଁ ପରା କେତେବେଳରୁ ଆସି ତୁମ ସାଙ୍ଗରେ ଲୁଚକାଳି ଖେଳୁଥିଲି । ଏତିକି ଜାଣିପାରିଲୁ ନାହିଁ ?

ସରୋଜ- ଆରେ, କେତେବେଳୁ ମ ?

ପଂକଜ- ତୁମେ ଯେତେବେଳୁ ମୋ ଛିନ୍ନ ପ୍ରେମର ଖିଅ ଯୋଡୁଥିଲ ।

ରଜତ୍- ଆବେ, ତୁ ତାହେଲେ ସବୁ ଶୁଣିଛୁ ?

ପଂକଜ- ହଁ ଡରିଯାଉଛୁ କାହିଁକି ଯେ ? ସବୁ ଶୁଣିଛି ଯେ, ହେଲେ ଏଥିରେ ମୋର ଦୁଃଖ କରିବାରେ କ'ଣ ଅଛି ?

ସରୋଜ- ମାନେ ?

ପଙ୍କଜ- ମାନେ, ଜଣେ ବ୍ୟକ୍ତି ଅଜଣାରେ ବିଷପାନ କରି ପୁଣି ପରମୁହୂର୍ତ୍ତରେ ସେ ବିଷ ବାନ୍ତି କରି ସେ ଯଦି ରକ୍ଷା ପାଇଯାଏ, ଅର୍ଥାତ୍ ଜୀବନଟାକୁ ନିଶ୍ଚିତ ମୃତ୍ୟୁରୁ ଯଦି ରକ୍ଷା କରିପାରେ ସେ ଯେମିତି ଆନନ୍ଦ ପାଏ, ମୁଁ ଶେଫାଳୀ ଠାରୁ ମୁକ୍ତି ପାଇ ସେଇମିତି....

ରଜତ୍- ଓଃ, ଏମିତିକା କଥା । (ତିନିହେଁ ହସି ଉଠିଲେ)

ସରୋଜ- ତେବେ ବର୍ତ୍ତମାନ ଶେଫାଳୀର ଅବସ୍ଥା- ?

ପଙ୍କଜ- ଅବସ୍ଥା ଆଉ କଣ ? କାମ ଅଲ୍‌ରେଡି ଫତେ ।

ସରୋଜ- କ'ଣ ହେଲା, କ'ଣ କାମ ଅଲ୍‌ରେଡି ଫତେ ?

ପଙ୍କଜ- ହଁ, ହିମାଂଶୁ ଶେଫାଳୀକୁ ବିବାହ କରିବ ବୋଲି ତାଙ୍କ ଘରେ ଜିଦ୍ ଧରିବସିଲା । କିନ୍ତୁ ଫଳ କିଛି ହେଲାନାହିଁ ।

ରଜତ୍- ମାନେ !

ପଙ୍କଜ- ମାନେ, ହିମାଂଶୁର ବାପା ସୋମନାଥ ବାବୁ ନିଜ ଆତ୍ମମର୍ଯ୍ୟାଦା ପାଇଁ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । କିନ୍ତୁ ତାପରେ ଏକ ବିରାଟ ଭୌତିକ କାଣ୍ଡ ।

ସରୋଜ- ଭୌତିକ କାଣ୍ଡ ?

ପଙ୍କଜ- ହଁ, ସେହିଦିନ ରାତିରେ ହିମାଂଶୁ ଶେଫାଳୀକୁ ନେଇ ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ବିବାହ କରିଛି ।

ରଜତ- ତେବେ ବର୍ତ୍ତମାନ ସେମାନେ କେଉଁଠି ?

Digitized by srujanika@gmail.com

ପଙ୍କଜ- Now ସେମାନେ coming from Nilachal to Somanath Baboo buiilding via Konark and Lingaraj ।

ରଜତ୍- କିରେ କୋଣାର୍କ, ଲିଙ୍ଗରାଜରେ ପୁଣି କାହିଁକି ?

ପଙ୍କଜ- ଆରେ ବୁଝୁନୁ, ବିବାହ ପରେ ତ ପୁଣି ଟିକିଏ ଦେବଦର୍ଶନ କରିବା କଥା ।

ସରୋଜ- ଅଚ୍ଛା, ତାପରେ କ'ଣ ହେଲା ? go on...

ପଙ୍କଜ- ତାପରେ ଫୁଲହାର ପକାଇ ଯେତେବେଳେ ବରକନ୍ୟା ସାଜି ଆସି ସୋମନାଥ ବାବୁଙ୍କ କୋଠାରେ ପାଦ ଦେଇଛନ୍ତି ତା'ପରେ କ'ଣ କହିବି- ଆରମ୍ଭ ହୋଇଗଲା-

ସରୋଜ- କ'ଣ ? ସାହାନାଇ ? ଶଙ୍ଖ, ହୁଳହୁଳି, ବନ୍ଦାପନାସବୁ ?

ପଙ୍କଜ- ଆରେ ବୁଦ୍ଧୁ, ନା ନା; serious scene ଅର୍ଥାତ୍ କରୁଣ ଦୃଶ୍ୟ ଆରମ୍ଭ ହୋଇଗଲା ।

ରଜତ୍- କରୁଣ ଦୃଶ୍ୟ ?

ପଙ୍କଜ- ହଁ, ଯେମିତି ସୋମନାଥ ବାବୁ ସେମାନଙ୍କୁ ଦେଖିଛନ୍ତି, ସେ ତ ଏକବାରେ ନିଆଁବରଣ । ଗର୍ଜନ ଛାଡ଼ି କହିଲେ- କୁଳାଙ୍ଗାର, ତୁ ଗୋଟାଏ ଏମିତି ଅଯୋଗ୍ୟ ହେବୁ ବୋଲି ମୁଁ ଜାଣିଥିଲେ ପାଞ୍ଚମାସ ବେଳେ ତୋ ମା' ଯେତେବେଳେ ମରିଗଲା, ମୁଁ ତୋତେ ଏମିତି ମା' ଓ ବାପା ଉଭୟଙ୍କର ସ୍ନେହ ଦେଇ ବଢ଼ାଇ ନଥାନ୍ତି, ବରଂ ସେତିକିବେଳେ ତୋ ତଣ୍ଟି ଚିପି ନଈରେ ଭସାଇ ଦେଇଥାନ୍ତି ।

ସରୋଜ- (ଉତ୍କଣ୍ଠାପୂର୍ଣ୍ଣ ହୃଦୟରେ) ତାପରେ ?

ପଙ୍କଜ- ତାପରେ ହିମାଂଶୁ ଯେତେବେଳେ କ୍ଷମା ମାଗିଲା, ସେତେବେଳେ ସୋମନାଥବାବୁ ଆଉ କ୍ରୋଧ ସମ୍ବରଣ କରି ନପାରି କେତେ କ'ଣ କହିଗଲେ । ଘରେ ପୂରାଇ ଦେଲେନାହିଁ ।

ରଜତ୍- ମୁଁ ପରା ଜାଣେ, ସାମନାଥବାବୁ ଭାରି ସେଣ୍ଟିମେଣ୍ଟାଲ୍ ।

ସରୋଜ- ଆଚ୍ଛା, ତାପରେ ସେମାନେ ଗଲେ କୁଆଡ଼େ ?

(ଏହି ସମୟରେ ସୁକୁମାର ପ୍ରବେଶ କରିଛି । ସେ ବି ଏମାନଙ୍କର ଜଣେ ସାଙ୍ଗ)

ସୁକୁମାର- କିରେ, ଆଜି କି ବିଲୁଆ ବିଚାର ପଡ଼ିଛି କି ଏଠି ? ନିଧିଆ ପାନଦୋକାନ, କଲେଜ ରେଷ୍ଟୁରେଣ୍ଟ ଛାଡ଼ି ଆଜିକାଲି ତ କ'ଣ ବେଶ୍ କୃଷ୍ଣଚୂଡ଼ା ମୂଳରେ ହାୱା ଖାଉଛ ।

Digitized by srujanika@gmail.com

ସରୋଜ- ତୋର ତ ଖାଲି ସବୁ କଥାରେ କ୍ରିଟିସାଇଜ୍। ଏଇମିତି ଏଠି ବସି ବସି ଲିଜର୍‌ଟା ଟିକେ କଟାଉଛୁ। ସେଥିରେ ପୁଣି କୈଫତ୍ ଦେବାକୁ ପଡ଼ିବ ?

ସୁକୁମାର- ବେଶ୍ କରିଛ, It is quite O.K. ଆଚ୍ଛା ଟପିକ୍‌ଟା କ'ଣ ଥିଲା ?

ପଙ୍କଜ- ସେଇମ, ସେଇ ପ୍ରେମ ସମ୍ବାଦ...

ସୁକୁମାର- ପ୍ରେମ ସମ୍ବାଦ ?

ସରୋଜ- ହଁ, ସେହି ହିମାଂଶୁ ଆଉ ଶେଫାଳୀ...

ସୁକୁମାର- ହଁ, ସେହି କଥା ତ ବର୍ତ୍ତମାନ ସମଗ୍ର ଚିକିତ୍ସା ମହାବିଦ୍ୟାଳୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ସେହି କଥା ନେଇ ସବୁଠି ସରଗରମ।

ସରୋଜ- Can you inform any more news.

ସୁକୁମାର- ତୁମେ ନାଟକର କେଉଁ ଦୃଶ୍ୟ ପର୍ଯ୍ୟନ୍ତ ଜାଣିଛ ?

ପଙ୍କଜ- ଆରେ ଆମେ ସବୁ ଜାଣିଛୁ। ତୁ ଖାଲି କହତ ତାଙ୍କର present situationଟା।

ସୁକୁମାର- ଓ, you are at the apex : ମାନେ ତୁମେ ଏକବାରେ ଶୀର୍ଷ ବିନ୍ଦୁରେ। (କଥା ବଦଳାଇ) ସେମାନଙ୍କ ବର୍ତ୍ତମାନ କଥା କ'ଣ କହିବି ? ମୁଁ ମୋର ଜଣେ guestକୁ ଛାଡ଼ିବା ପାଇଁ station ଯାଇଥିଲି, ସେଇଠି ଏ ଦୁହିଁଙ୍କୁ ଅକସ୍ମାତ ଆବିଷ୍କାର କଲି।

ରଜତ- ଷ୍ଟେସନ୍‌ରେ ସେମାନେ...

ସୁକୁମାର- ହଁ, ମୁଁ ହିମାଂଶୁକୁ ପଚାରିଲି- ସେ କହିଲା, ସେମାନେ ଶେଫାଳୀ ଘରକୁ ଯିବେ, ରାଉର୍‌କେଲା।

ପଙ୍କଜ- ଆଉସବୁ ହିମାଂଶୁ କ'ଣ କହୁଥିଲା ?

ସୁକୁମାର- ନାହିଁରେ, ଦେଖିଲି ତା ମନରେ ଗଭୀର ଦୁଃଖ, ଗଭୀର ଅନୁଶୋଚନା।

(ଏହି ସମୟରେ ଚାରିଜଣ ସେହି କଲେଜର ଛାତ୍ରୀ ଖାତାପତ୍ର ଓ ଷ୍ଟେଥୋ ଧରି ସେହି ବାଟେ ଚାଲିଗଲେ। ସେମାନଙ୍କ ଯିବା ପଥକୁ ଚାରି ବନ୍ଧୁଯାକ ନିରୀକ୍ଷଣ କରୁଥିଲେ। ହଠାତ୍ ସୁକୁମାର କହିଲା)

Digitized by srujanika@gmail.com

ସୁକୁମାର- ଆଃ ପଡ଼ିଯିବି କି ଆଉ ।

ପଙ୍କଜ- ଏ ରଙ୍ଗ ରହିଲେ ହେଲା ।

ସରୋଜ- ଏଇମାନେ ତ ଆମକୁ ସାଇଲେ ।

ରଜତ୍- ଏମାନଙ୍କ ମଧ୍ୟରେ ଏଇକଥା ନେଇ କେତେ କୌତୂହଳ ଚାଲିଥିବ ଯେ...

ସୁକୁମାର- ସେକଥା ଆଉ କହିବାକୁ ଅଛିନା ?

ପଙ୍କଜ- ଆବେ, ସେ ପଛ ଟୋକିଟା କିଏ କିରେ ?

ସୁକୁମାର- କହନା ତା କଥା, ସେ ତ ଏଇନେ କଲେଜର ପାୱାରଫୁଲ୍ ଆକର୍ଷଣ । ସେ କୁଆଡ଼େ ବାଲେଶ୍ୱରରୁ ଆସିଛି । ତା' ନାଁ ଅଳକା ଚୌଧୁରୀ । ଭଲ ଗୀତ ବି ଗାଏ ।

ରଜତ୍- ଅଳକା ? ଓଃ, ପିଲାଟା ଯେମିତି, ନାଁଟା ବି ସେମିତି ।

ପଙ୍କଜ- ଆରେ ଅଳକା ନାଁଟା ଶୁଣିଲା ବେଳୁ ମୋର ଗୋଟାଏ କବିତା ମନେ ପଡ଼ିଯାଉଛି ।

ସୁକୁମାର- ଓଃ, କବି ବାହାରି ପଡ଼ିଲେ ଏବେ ।

ସରୋଜ- ନା, ସତେ ପଙ୍କଜ; ତୋ କବିତା ଏବେ ତ ଆଉ ବହୁତ ଦିନ ହେଲା ଶୁଣାଇନୁ, ଆଜି ଶୁଣାଇଲୁ ପଦେ ।

ପଙ୍କଜ- ନା ବେ, ଆଉ କି କବିତା ଶୁଣାଇବି । ଆଉ ସେ ମନ ଅଛି, ନା ସେ ଉତ୍ତେଜନା ଅଛି ।

ରଜତ୍- ହେଉ, ଗୋଟେ ହେଉ ।

ସରୋଜ- ଯେଉଁ କବିତାଟାରେ ପ୍ରାଇଜ୍ ପାଇଥିଲୁ, ସେଇଟାରୁ ପଦେ ହେଉ ।

ସୁକୁମାର- ଶଳା, ବୋଲିବୁ ତ ଏତେ oiling ଚାହୁଁଛୁ କାହିଁକି ବେ ?

ପଙ୍କଜ- ହଉ ତେବେ ଶୁଣ । (ଖାତ୍ା ଲେଉଟାଇ ଦେଖି, କବିତା ଆବୃତ୍ତି କରିବା ଭଙ୍ଗୀରେ ପଢ଼ିବା)

ଯୌବନକୁ ପଛ କରି
ଶିଖୁଛି ମୁଁ ଗୋଡ଼ ଚିପି
ଚାଲିବାକୁ ଆଗକୁ ଆଗକୁ,
ଇଙ୍ଗିତର ଗୁପ୍ତ ଉପଦେଶେ

Digitized by srujanika@gmail.com

ଶିଷ୍ୟତ୍ୱ ବରିଛି ଏବେ
ଶିଖୁଛି ମୁଁ ମନ୍ତ୍ର ଜପିବାକୁ ।

ସୁକୁମାର- ଆବେ ଶଳା ଗୋଟେ ପକ୍କା ବ୍ରହ୍ମଚାରୀ ପାଲଟିଗଲାଣି ।

ରଜତ୍- ବ୍ରହ୍ମଚାରୀ କେବେଠୁଁ ? କ'ଣ ଶେଫାଳୀକୁ ଛାଡ଼ିଲାଠୁଁ ? (ପଙ୍କଜ ଖାଲି ହସୁଥାଏ, ଅନ୍ୟମାନେ ବି ହସୁଥାନ୍ତି ।)

ସୁକୁମାର- ଆବେ ରଖ ତୋ ଏ ବ୍ରହ୍ମଚାରୀ, ବ୍ରହ୍ମବାଦୀ କବିତା । ସେ ଅଳକା ଚୌଧୁରୀକୁ ଦେଖି ତୋର ଯେଉଁ କବିତା ମନେ ପଡୁଥିଲା, ସେଇଥିରୁ ପଦେ ହେଉ ।

ସରୋଜ- ତୁମେ ସମସ୍ତେ ତାକୁ ଏମିତି under estimate କଲେ କେମିତି ହେବ ?

ସୁକୁମାର- ହେଉ ହେଉ ତୁ ପଢ଼ିଲୁ, yes, silence please, yes go on... go on.... (ପୁଣି ପଙ୍କଜ ଆରମ୍ଭ କରିଛି)

ପଙ୍କଜ- ହେଉ ତେବେ ଶୁଣ । (ପୁଣି ଆବୃତ୍ତି ଭଙ୍ଗୀରେ)
ସେହି ସେ କଲେଜ ଛକ
ଯେଉଁଠାରେ-
ଅଳକା ମହାନ୍ତି ଚାଲେ ବେଣୀକୁ ହଲାଇ,
ଯା' ଭଙ୍ଗୀରେ କେତେ ଟୋକା ମାରନ୍ତି କଟାକ୍ଷ
ଗୋରା ଦେହେ କଳା ଶାଢ଼ୀ
ଭାରି କିନ୍ତୁ ମାନେ ତାକୁ ।

ସରୋଜ ଓ ରଜତ୍- ଇସ୍ କି ରୋମାନ୍ସ, ଚିଅର୍‌ଅପ୍ ଚିଅରଅପ୍...

ସୁକୁମାର- ଆରେ wait, wait, romance ଆଉରି ଅଛି (ପଙ୍କଜ ହସୁଥାଏ, ପଙ୍କଜକୁ ଲକ୍ଷ୍ୟ କରି) yes, go on... go on...

ରଜତ- ହଁ ଚାଲୁ, ଲାଇନ୍ କଟିଲା କାହିଁକି ?

ପଙ୍କଜ- (ପୁଣି ଆରମ୍ଭ କଲା)
ସେଲୁନ୍ ମଧ୍ୟରୁ ଥାଇ ଦିଏ ଇସାରା ମାତର
ତା'ର ବନ୍ଧୁ ଅତି ବନ୍ଧୁ ନଳିନୀ ଛୋଟରାୟ
ଅଳକା ପାରେନି ଶୁଣି
ଯେଣୁ ତା'ର ସେଥିପ୍ରତି ନଥାଏ ଭ୍ରୂକ୍ଷେପ ।

Digitized by srujanika@gmail.com

ପୁଣି ମଧ କାଳୁ ସାମଲର ରିକ୍ସା
ଟାଣିନିଏ ଅଧ୍ୟାପକ ସୁନୀଲ୍ ରାଉତରାୟଙ୍କୁ ।
ସେ ବି ବାଦ୍ ଯାଆନ୍ତି ନି
ଯୁବକ ସୁଲଭ ହୋଇ
ଟେକି ଭ୍ରୁ...
ମାରନ୍ତି କଟାକ୍ଷ ।

ସମସ୍ତେ- ଓଃ, ମାରଭ୍‌ଲେସ୍, ମାରଭ୍‌ଲେସ୍ । (କହି ସମସ୍ତେ ପଙ୍କଜକୁ କୁଣ୍ଢାଇ ପକାଇଛନ୍ତି ।)

ସୁକୁମାର- Really your poem is quite romantic.

ସରୋଜ- Really you are genius ପଙ୍କଜ ।

ସୁକୁମାର- ତେଣୁ କୁହ ସମସ୍ତେ Three cheers for poet... ପଙ୍କଜ ଦାସ ହିପ୍ ହିପ୍ ହୁର୍‌ରେ ।

(ଏହି ସମୟରେ କଲେଜ ଘଣ୍ଟା ବାଜି ଉଠିଲା)

ପଙ୍କଜ- ଏଥର ହିପ୍ ହିପ୍ ବନ୍ଦ କର, ନୈସର୍ଗିକ ଘଣ୍ଟା ଶୁଣିପାରୁଛ ତ, ଚାଲ ଏଥର, ଆଜିର ଆସର ଏଇଠି ଭଙ୍ଗ କରାଯାଉ ।

ରଜତ୍- ଏଇନେ ପରା Prof. Dubeyର ଗାଇନିକ୍ ଅଛି ।

ସୁକୁମାର- ମଲିବେ ଆଜି, ଆଜି ତ Retroveted uterusରୁ ପଚାରିବ ବୋଲି କହିଥିଲା । ମୁଁ ତ କାଲି ଅନୁରାଗ ଫିଲ୍ମ ଦେଖିବାକୁ ଚାଲିଗଲି । କିଛି ପଢ଼ିନି ।

ପଙ୍କଜ- ହଉ ଥାଉ ସେତିକି ବାହାଦୁରୀ । ପାଠ ନପଢ଼ି ସିନେମା, ହଉ ଚାଲ ଚାଲ ।

(ତିନିହେଁ ଉଠିଲେ)

ସୁକୁମାର- ହଁ, ତୋତେ ତ Criticise କରିବାକୁ ସୁବିଧା ମିଳିଗଲା । ନକରିବୁ କେମିତି ।

(କଲେଜ ଉଦ୍ଦେଶ୍ୟରେ ଯାଉଥିଲେ, ନଇଁ ଆସିଛି ଯବନିକା)

❑❑❑

Digitized by srujanika@gmail.com

ଗୋଟିଏ ଦୃଶ୍ୟ

ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜର
ଏକ ସ୍ୱତନ୍ତ୍ର ଉତ୍ସବରେ ପରିବେଷିତ

ଚରିତ୍ର ଲିପି

ଅମର (ଏକ ଶିକ୍ଷକ ସମ୍ଭ୍ରାନ୍ତ ଯୁବକ)

ମୌସୁମୀ (ଅମରଙ୍କର ପ୍ରେମିକା ଓ ନୃତ୍ୟ ବିଶାରଦା)

Digitized by srujanika@gmail.com

ଦୃଶ୍ୟାରମ୍ଭ

(କେଉଁ ଏକ ସାଗରର ବେଳାଭୂମି । ସମୟ ସନ୍ଧ୍ୟା । ଆକାଶରୁ ଧୀରେ ଧୀରେ ଲୋହିତ ବର୍ଣ୍ଣ ଲିଭି ଆସିଲାଣି । ନିର୍ମଳ ପରିବେଶ । ବାଲୁକା ଶେଜରେ ବସିଛନ୍ତି ଅମର ଓ ମୌସୁମୀ । ଏକ ଅପୂର୍ବ ଭାବାବେଗ ତଥା ପ୍ରବଣତାରେ ହଜିଯାଇଛନ୍ତି ଦୁହେଁ ।)

ଅମର- ମୌସୁମୀ !

ମୌସୁମୀ- ଉଁ

ଅମର- କହିପାରିବ ଜୀବନ ଓ ସମାଜ ଭିତରେ ସମ୍ପର୍କ କ'ଣ ?

ମୌସୁମୀ- ଗୋଟାଏ ବିନ୍ଦୁ ଏବଂ ତା ଚାରିପାଖରେ ବଳୟ ।

ଅମର- ବଳୟ ନଥିଲେ କ'ଣ ବିନ୍ଦୁର ମୂଲ୍ୟ କିଛି ନାହିଁ ?

ମୌସୁମୀ- ମୁଁ ସେ ଫିଲୋସଫି ଜାଣେନାହିଁ ।

ଅମର ଫିଲୋସଫି ନୁହେଁ, ମୁଁ ଜୀବନ କଥା କହୁଛି ।

ମୌସୁମୀ ଜୀବନ ତ ଏମିତି ଚାଲିଛି, ଏକ ଗଡ୍ଡାଳିକା ପ୍ରବାହରେ ।

ଅମର- ସେହି ପ୍ରବାହରେ ବି ଅନେକ ସମୟରେ ଝଡ଼ ଉଠେ ।

ମୌସୁମୀ- ଜୀବନଟା ସର୍ପିଳ ନହେଲେ ଜୀବନ, ଜୀବନ ଭଳି ଲାଗେ ନାହିଁ । ସୁଖ ଦୁଃଖ, ଅନ୍ଧାର ଆଲୋକ, ଏସବୁକୁ ବାଦ୍ ଦେଇ ତ କିଛି କରିହେବ ନାହିଁ ।

ଅମର- ମୁଁ ଏ ସମାଜପତିମାନଙ୍କୁ ଘୃଣା କରେ ।

ମୌସୁମୀ- ତୁମ ଘୃଣା କରିବା ନକରିବା ଉପରେ କିଛି ନିର୍ଭର କରେ ନାହିଁ ।

ଅମର- ସମାଜକୁ ବଦଳେଇ ହୁଅନ୍ତା ନାହିଁ ?

ମୌସୁମୀ- କ'ଣ କେବଳ ତୁମରି ଏକକ ଚେଷ୍ଟାରେ ?

ଅମର- ସେଇଥିପାଇଁ ତ ମୁଁ ବିବ୍ରତ । ମୁଷ୍ଟିମେୟ ଚେଷ୍ଟାରେ କିଛି କରିବା ମୁସ୍କିଲ୍ ।

ମୌସୁମୀ- ଲୋକଶକ୍ତି, ଜନସହଯୋଗ ତୁମକୁ ମିଳିବ ନାହିଁ ।

ଅମର- କାରଣ ସମାଜର ନିର୍ଦ୍ଧାରିତ ଧାରାରେ ସମସ୍ତେ ଅଭ୍ୟସ୍ତ ହୋଇପଡ଼ିଲେଣି ।

Digitized by srujanika@gmail.com

ମୌସୁମୀ- ଜନଜୀବନର ବିକାଶ ପାଇଁ ଯଦି କିଛି ଧାରା ପରିବର୍ତ୍ତନ କରାଯାଏ ?

ଅମର- ସେମାନେ କରିବାକୁ ଦେବେନାହିଁ ।

ମୌସୁମୀ- କାହିଁକି ?

ଅମର- କାହିଁକି ବୁଝିପାରୁନାହଁ ? ଶ୍ରାଦ୍ଧରେ ବିରାଡ଼ି ବାନ୍ଧି ପିଣ୍ଡ ଦେବାର ମାନସିକତା ଏଯାଏ ବି ଯାଇନି ।

ମୌସୁମୀ- ସମାଜ ଠାରୁ ଦୂରେଇ ରହିହେବନି ?

ଅମର- କେମିତି ରହିହେବ ? ପ୍ରତ୍ୟେକ ମଣିଷ ଯେ ସମାଜର ଗୋଟାଏ ଲେଖା ସଭ୍ୟ ।

ମୌସୁମୀ- ମୁଁ ଏକା ରହିବାକୁ ଭଲପାଏ ।

ଅମର- ମୁଁ ବି...

ମୌସୁମୀ- ତୁମର ଆଭିଜାତ୍ୟ ଅଛି । ସମାଜରେ ମାନସମ୍ମାନ ଅଛି ।

ଅମର- ଆଉ...

ମୌସୁମୀ- ତୁମେ ତାକୁ ଛାଡ଼ି ପାରିବ ନାହିଁ ।

ଅମର- ଆଭିଜାତ୍ୟରୁ କ'ଣ ମିଳିବ । ମଣିଷର ପ୍ରଧାନ ଲକ୍ଷ୍ୟ କ'ଣ ?

ମୌସୁମୀ- ବଞ୍ଚିବା...

ଅମର- ବଞ୍ଚିବା ପାଇଁ ଯାହା ଯାହା ଦରକାର, ସେହି ନିମ୍ନତମ ପ୍ରୟୋଜନୀୟତାରୁ ଅଧିକ କ'ଣ ଦରକାର ?

ମୌସୁମୀ- ଆଜିକାଲି ତ ଟଙ୍କାରେ, ଧନ ସମ୍ପଦ ଭିତରେ ଜୀବନକୁ ମାପ କରାଯାଏ ।

ଅମର- ଧନ ସମ୍ପଦ ଜୀବନର ସବୁକିଛି ନୁହେଁ । ଜୀବନ ପାଇଁ ମୂଲ୍ୟବୋଧ ଦରକାର । ମାନେ । mean value.

ମୌସୁମୀ- ମୂଲ୍ୟବୋଧ ଆଜିକାଲି ଅନ୍ଧ ରାଜ୍ୟରେ ଦର୍ପଣ ନ୍ୟାୟରେ ଗଣା ।

ଅମର- ଆଜି ନହେଲେ ବି କାଲି...

ମୌସୁମୀ- ଆଜି ନୁହେଁ କି କାଲି ବି ନୁହେଁ

ଅମର- ତାପର ଦିନ ?

Digitized by srujanika@gmail.com

ମୌସୁମୀ- ନା,

ଅମର- ହାରିବାରେ ବି ଆନନ୍ଦ ଅଛି ।

ମୌସୁମୀ- ହାର୍‌ଜିତ୍‌ର ପ୍ରହସନକୁ ମୁଁ ଘୃଣା କରେ ।

ଅମର- ନା, ତୁମେ ଭୁଲ୍ କହୁଛ । ପ୍ରତିଯୋଗିତାର ଗୋଟାଏ ମୂଲ୍ୟ ଅଛି ।

ମୌସୁମୀ- ମୂଲ୍ୟ ? କ'ଣ ମୂଲ୍ୟ ? କ'ଣ, ଜୀବନର ସମୃଦ୍ଧି ପଥରେ ଉତ୍ସାହିତ କରେ ?

ଅମର- କେବଳ ଉତ୍ସାହିତ ନୁହେଁ । ବିକାଶ ଘଟାଇପାରେ ।

ମୌସୁମୀ- ଜିତିବା ଯେତେବେଳେ ନିର୍ଦ୍ଦିଷ୍ଟ ନୁହେଁ, ସେତେବେଳେ....

ଅମର- ଜଣେ କିଏ ତ ଜିତିବ ?

ମୌସୁମୀ- ପକ୍ଷପାତିତା, ଅନ୍ୟାୟ ବିଚାରରେ ଯେତେବେଳେ ଜିତିବା ହାରିବା ମାପ କରାଯାଉଛି, ସେତେବେଳେ ସେ ଜିତିବା ହାରିବାର ମୂଲ୍ୟ କ'ଣ ?

ଅମର- ସବୁ ହଁ ନା ଭିତରେ ଜୀବନ ବିତେଇବାର ମାନସିକତାକୁ ବାଧ୍ୟ ହୋଇ...

ମୌସୁମୀ- ମୁଁ ତୁମକୁ ଚିହ୍ନିଛି, ଅତି ନିକଟରୁ ଦେଖିଛି । ତୁମର ପ୍ରତିବି ଭୂଗୋଳକୁ ପଢ଼ିଛି । ତୁମେ ବି... ଯଦି ଆମରି ପରି ସାର ସମାଜଟା ହେଇଯାନ୍ତା....

ଅମର- ତା'ହେଲେ ତ ଆମେ ଚାହୁଁଥିବା ସମାଜ ଆପେ ଆପେ ଗଢ଼ି ହୋଇଯାନ୍ତା ।

ମୌସୁମୀ- କିନ୍ତୁ ତା ସମ୍ଭବ ନୁହେଁ ।

ଅମର- ନା, ସମ୍ଭବ ନୁହେଁ ।

ମୌସୁମୀ- ତଥାପି ସମ୍ଭାବନାକୁ ସମ୍ବଳ କରି ମଣିଷ ବଞ୍ଚି ରହେ ।

ଅମର- ସମ୍ଭବରୁ ସମ୍ଭାବନା... ସମ୍ଭାବନାରୁ ପ୍ରାପ୍ତି ।

ମୌସୁମୀ- ସେ ତ ଅନେକ ପରିକଳ୍ପନା...

ଅମର- ସବୁ ପରିକଳ୍ପନାକୁ ସମାହିତ କରିବାକୁ ହେବ ।

ମୌସୁମୀ- ହଁ ହେବ ।

Digitized by srujanika@gmail.com

(ମୁହୂର୍ତ୍ତିଏ ଆକାଶକୁ ଚାହିଁ ନୀରବିତ ହୋଇଗଲା ମୌସୁମୀ)

ଅମର- କ'ଣ ହେଲା ? ଏପରି ନୀରବ ହୋଇଗଲ ଯେ ?

ମୌସୁମୀ- ନୀରବ ? କାହିଁ ନା'ତ ?

ଅମର- ତେବେ ? ହଠାତ୍ ଏମିତି... ମାନେ...

ମୌସୁମୀ- ସେ କିଛି ନୁହେଁ । ରକ୍ତ ଗୋଧୂଳି ହଜିଗଲାଣି । ନୀଳାଭ ଆକାଶରେ ପୁନେଇଁ ଜହ୍ନ ବିଛାଡ଼ି ଦେଲାଣି କଇଁ ଫୁଲିଆ ଜ୍ୟୋତ୍ସ୍ନା ।

ଅମର- ଓଃ, ତୁମେ ତା' ଭିତରେ ଆତ୍ମବିଭୋର ?

ମୌସୁମୀ- ନା, ଠିକ୍ ସେଇଆ ନୁହେଁ... ତେବେ...

ଅମର- ଏ ରଙ୍ଗୀନ୍ ପୃଥିବୀରେ ତ ଅନେକ ବୈଚିତ୍ର୍ୟ ପୂରି ରହିଛି, ଅଥଚ୍ ତୁମେ...

ମୌସୁମୀ- ମୁଁ ?

ଅମର- ହଁ ତୁମେ । ତୁମର କାମନା...

ମୌସୁମୀ- ମୋର କାମନା ବାସନାର ଛନ୍ଦାୟିତ ବନ୍ଧନୀ ଭିତରେ ତୁମେ କ'ଣ ଏତେଶୀଘ୍ର ପ୍ରବେଶ କରିପାରିବ ?

ଅମର- ମାନେ ?

ମୌସୁମୀ- ମୋ ଜୀବନର ରହସ୍ୟମୟ ଘନଘଟା ଭିତରେ ତୁମେ...

ଅମର- ମୁଁ ?

ମୌସୁମୀ- ତୁମେ ଅଣନିଶ୍ୱାସୀ ହୋଇପଡ଼ିବ । ତୁମର ଏ ପ୍ରବଣତା ତ ଚିରକାଳ ନଥିବ...

ଅମର- ତୁମେ କେମିତି ଜାଣିଲ ?

ମୌସୁମୀ- ଦୁଃଖର ବଳୟ ଭିତରେ ଯିଏ ଆଜନ୍ମରୁ ଜୀବନକୁ ପଢ଼ି ଆସିଛି, ତା' ପାଖରେ ଆଉ ଅଜ୍ଞାତ ହୋଇ କିଛି ଅଛି ବୋଲି ଭାବୁଛ ?

ଅମର- କେମିତି ?

ମୌସୁମୀ- କିଏ, କ'ଣ, କେମିତି ଓ କାହିଁକି, ଏସବୁ ପ୍ରଶ୍ନର ଉତ୍ତର ଅତି ସହଜ । ଅତି ସରଳ ।

Digitized by srujanika@gmail.com

ଅମର- ଜୀବନର ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ । ତୁମେ ନିଜକୁ ନିରଙ୍ଗ କରିଦେବାକୁ ଚେଷ୍ଟା କରୁଛ କାହିଁକି ?

ମୌସୁମୀ- କିଏ କ'ଣ ନିଜେ ଜାଣି ଜାଣି ନିଜକୁ ନଷ୍ଟ କରେ ? ହୁଏତ ପରିସ୍ଥିତି ଓ ପରିବେଶ ଏବଂ ଆଉ ଜଣଙ୍କର ପ୍ରଚ୍ଛନ୍ନ ଇଙ୍ଗିତ....

ଅମର- ତଥାପି ନିଜକୁ ଓ ନିଜର ହାତମୁଠାକୁ ଟାଣ କରିବାକୁ ହେବ ।

ମୌସୁମୀ- ତାହା ସମ୍ଭବ ହେବ କେମିତି ?

ଅମର- କେମିତି ମାନେ ?

ମୌସୁମୀ- ମାନେ ଏ ଦେହ, ଏ ଶରୀର କ୍ରମଶଃ ପକ୍ଷାଘାତଗ୍ରସ୍ତ ହୋଇଯାଉଛି ଯେମିତି...

ଅମର- ନା, ତା' ହୋଇପାରେନା । ଏସବୁ କେବଳ ତୁମ ଦୁର୍ବଳ ମନର ପ୍ରତିକ୍ରିୟା ।

ମୌସୁମୀ- ଯେଉଁଠି କ୍ରିୟା ନାହିଁ ସେଠି ପୁଣି ପ୍ରତିକ୍ରିୟା ଆସିବ କେଉଁଠୁ ?

ଅମର- ମୌସୁମୀ !

ମୌସୁମୀ- ମୁଁ ତ ଭୁଲ୍ କହିନାହିଁ...

ଅମର- ତୁମେ ଏ ସମାଜର ଜଣେ ସଭ୍ୟ । ସମାଜରୁ ଓହରି ଗଲେ...

ମୌସୁମୀ- ପୁଣି ଆଉ ସେହି ସମାଜ କଥା କାହିଁକି ?

ଅମର- ସମାଜ ଆମେ ଗଢ଼ିଛନ୍ତି । ସମାଜ ଆମରି ପାଇଁ: ଅଥଚ୍...

ମୌସୁମୀ- ତୁମର ସମାଜ ତତ୍ତ୍ୱ, ତୁମ ଦାର୍ଶନିକ ବିଦ୍ୟା ସେତିକି ଥାଉ ।

ଅମର- ମୌସୁମୀ !

ମୌସୁମୀ- ତୁମେ ସମାଜର ବାହ୍ୟ ସ୍ତରଟା ଦେଖୁଛ । ତୁମେ କେବଳ ରଙ୍ଗୀନ୍ ପୃଥିବୀର ଆକର୍ଷଣୀୟ ଛବି ଦେଖୁଛ କିନ୍ତୁ ତା'ର ଅନ୍ତର୍ନିହିତ ଅନ୍ତରଙ୍ଗ ସ୍ତରକୁ ଦେଖିବାକୁ ଚେଷ୍ଟା କରିନ...

ଅମର- ତୁମେ କ'ଣ ଯେ ଏତେ ସବୁ କହିଯାଉଛ, ମୁଁ କିଛି ବୁଝିପାରୁନି...

ମୌସୁମୀ- ତୁମେ ଜନ୍ମ ହେବା ଦିନରୁ ଅଧିକ ପ୍ରାଚୁର୍ଯ୍ୟ ଐଶ୍ୱର୍ଯ୍ୟ ମଧ୍ୟରେ ବଢ଼ିଛ ତ ତେଣୁ ଏ ସମସ୍ୟା ଜର୍ଜରିତ ଜୀବନର ଜଟିଳତା ବିଷୟରେ ଜାଣିବ କେମିତି ?

Digitized by srujanika@gmail.com

ଅମର- ମୌସୁମୀ ! କ'ଣ ଏମିତି ଏତେ କଥା କହିଯାଉଛ । ଆମେ ଏ ସାଗର ବେଳାଭୂମିକୁ ଆସିଥିଲେ କ'ଣ ଏଇଥି ପାଇଁ ?

ମୌସୁମୀ- ତୁମେ କେବେ କେଉଁ ନଦୀରେ ବନ୍ୟା ଦେଖିଛ ?

ଅମର- ନଦୀରେ ବନ୍ୟା ?

ମୌସୁମୀ- ହଁ, ଦେଖିଛ ?

ଅମର- ନା,

ମୌସୁମୀ- ଦେଖିଥିଲେ ଜାଣିଥାଆନ୍ତ ।

ଅମର- କ'ଣ ?

ମୌସୁମୀ- ବାସହରା ବୁଭୁକ୍ଷୁମାନଙ୍କର ବିକଳ ଅବସ୍ଥା, ମରଣର ବିଭୀଷିକା...

ଅମର- ଏଇନେ ସେକଥା କାହିଁକି ?

ମୌସୁମୀ- ସେହିପରି ଗୋଟାଏ ଅସହାୟ ମୁହୂର୍ତ୍ତର ଅସଫଳ ପ୍ରତୀକ ମୁଁ ।

ଅମର- ତୁମେ ଅତିଶୟ ନିଜକୁ ଛୋଟକରି କଥା କହୁଛ...

ମୌସୁମୀ- ମୁଁ ସତ୍ୟର ଅପଳାପ କରିନାହିଁ ।

ଅମର- ତୁମେ କ'ଣ ଏବେବି ବିଶ୍ୱାସ କରୁନ ଯେ, ତୁମକୁ ମୁଁ ଅନ୍ତର ଦେଇ ଭଲପାଏ । ତୁମେ କଣ ବିଶ୍ୱାସ କରୁନ ଯେ ମୋର କେଉଁ ଅଜାଣତ ମୁହୂର୍ତ୍ତରେ ମୁଁ ମୋର ସ୍ନେହ ପ୍ରେମର ଅର୍ଘ୍ୟ ତୁମଠି ଅଜାଡ଼ି ଦେଇସାରିଛି ବୋଲି ?

ମୌସୁମୀ- ତା' ଯଦି କରିଥାଅ, ତୁମେ ଭୁଲ୍ କରିଛ ।

ଅମର- ଭଲ୍ କରିଛି ?

ମୌସୁମୀ- ନୁହେଁ ତ ଆଉ କ'ଣ ?

ଅମର- ତୁମକୁ ଭଲପାଇ ମୁଁ ଭୁଲ୍ କରିଛି ? ଏକଥା ତୁମେ କହିପାରୁଛ ?

ମୌସୁମୀ- ମୁଁ ଗୋଟାଏ ପରିଚୟହୀନା....

ଅମର- ପରିଚୟହୀନା କାହିଁକି ?

ମୌସୁମୀ- କ'ଣ ଅଛି ମୋର ସମାଜରେ ପରିଚୟ ? ଗୋଟାଏ ନାମଧାମହୀନ ପତିତାର ଝିଅ ସେ ପୁଣି ତୁମପରି ଶିଳ୍ପପତିଙ୍କ ପୁତ୍ର ସହିତ....

Digitized by srujanika@gmail.com

ଅମର- ସେ ସବୁ ବାଜେ଼୍ୟକଥା ବନ୍ଦ କର ।

ମୌସୁମୀ- ବାଜେ଼୍ୟକଥା ?

ଅମର- ନୁହେଁ ତ ଆଉ କ'ଣ ?

ମୌସୁମୀ- ଆଜି ନହେଲେ ବି କାଲି ଏ କଳଙ୍କ ତୁମ କପାଳରେ ପ୍ରଲେପିତ ହେବ । ଥରେ କଳଙ୍କ ଓ ଅପବାଦର ଟୀକା ପ୍ରଚାରିତ ହୋଇଗଲେ ନା ତୁମେ ଶାନ୍ତି ପାଇବ ନା ମୁଁ ?

ଅମର- ଅପବାଦ କାହିଁକି ? ମୁଁ ତ ତୁମକୁ ମଥାରେ ସିନ୍ଦୁର ଦେଇ ଗଳାରେ ମଙ୍ଗଳସୂତ୍ର ଲମ୍ବାଇ ନିଜର କରିନେବି ।

ମୌସୁମୀ- ତୁମ ପରିବାର ମୋତେ ବୋହୂର ସ୍ୱୀକୃତି ଦେବ ?

ଅମର- କାହିଁକି ?

ମୌସୁମୀ- ତୁମେ ପ୍ରବଣତାରେ ହଜିଯାଇଛ । ପରବର୍ତ୍ତୀ ପରିଣତି କଥା କେବେ ଚିନ୍ତା କରିନ ?

ଅମର- ପରବର୍ତ୍ତୀ ପରିଣତି ?

ମୌସୁମୀ- ତା'ପରେ ମୋ ପାଇଁ କୌଣସି ରାସ୍ତା ନଥିବ ।

ଅମର- ରାସ୍ତା ନଥିବ ?

ମୌସୁମୀ- ଆତ୍ମହତ୍ୟା ଛଡ଼ା ଆଉ କ'ଣ ଥିବ ମୋ ପାଇଁ ?

ଅମର- ମୌସୁମୀ ?

ମୌସୁମୀ- ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଅମର- ତୁମେ ତେବେ କ'ଣ କହିବାକୁ ଚାହୁଁଛ ?

ମୌସୁମୀ- ସୃଷ୍ଟି ପ୍ରଳୟ ହୋଇଗଲେ ବି, ସୂର୍ଯ୍ୟ ପୂର୍ବଦିଗ ଛାଡ଼ି ପଶ୍ଚିମରେ ଉଦୟ ହେଲେ ବି, ପଦ୍ମ ପଙ୍କ ଛାଡ଼ି ପର୍ବତ ଶିଖରରେ ଜନ୍ମ ନେଲେ ବି ତୁମର ଜୀବନସାଥୀ ହେବାର ସୌଭାଗ୍ୟ ମୋ ପାଇଁ କେବେ ବି ଆସିବ ନାହିଁ ।

ଅମର- ତୁମର କ'ଣ ତଥାପି ମତେ ସନ୍ଦେହ ହେଉଛି ?

ମୌସୁମୀ- ମୋର ତୁମକୁ ସନ୍ଦେହ ହେଉନି । ସନ୍ଦେହ ହେଉଛି ଏ ସମାଜକୁ । ସନ୍ଦେହ ହେଉଛି ସମାଜର ବଡ଼ପଣ୍ଡାମାନଙ୍କୁ । ସନ୍ଦେହ ହେଉଛି ତୁମର ବାପା-ମା'ଙ୍କୁ ।

Digitized by srujanika@gmail.com

ଅମର- ମୌସୁମୀ !

ମୌସୁମୀ- ନିଜକୁ ଆଉ ଥରେ ଭଲ କରି ପଚାରି ନିଅ ଅମର ।

ଅମର- ମୁଁ ତ ନିଷ୍ପତ୍ତି ନେଇସାରିଛି । ଆଉ ନିଜକୁ ପଚାରିବି କ'ଣ ?

ମୌସୁମୀ- ଏଁ କ'ଣ କହିଲ, ନିଷ୍ପତ୍ତି ନେଇସାରିଛ ? ମାନେ ସବୁଦିନ ପାଇଁ ?

ଅମର- ମୋତେ ଏତେ ଦୁର୍ବଳ କରିଦିଅନି ମୌସୁମୀ ! ମୁଁ.... ମାନେ... ମୁଁ ତୁମର ସବୁ ସର୍ତ୍ତରେ ରାଜି.....

ମୌସୁମୀ- ମୋର କିଛି ସର୍ତ୍ତ ନାହିଁ । ତୁମର ଭୁଲିଯିବା ଉଚିତ୍ ନୁହେଁ ମୋର ମାଆ ଗୋଟାଏ... ସମାଜରେ ଘୃଣାର ନର୍କ ।

ଅମର- ତୁମ ମାଆଙ୍କର ଦୋଷ ନାହିଁ । ତୁମର ତ ଦୋଷ ନାହିଁ । ତୁମକୁ ଏ ସମାଜ ଶାସ୍ତି ଦେଉଛି । ମଣିଷର ସାଧାରଣ ସର୍ବନିମ୍ନ ପ୍ରୟୋଜନୀୟତାକୁ ସମାଜ ତୁମର ମାଆଙ୍କୁ । ଦେଇନି ବଞ୍ଚିବା ପାଇଁ ସଂଗ୍ରାମ କରିଛନ୍ତି ସେ ।

ମୌସୁମୀ- ଗୋଟାଏ ପତିତା କନ୍ୟାର କଳଙ୍କ ମୋ ଦେହର ପ୍ରତିଟି ଲୋମ କୂପରେ ଲିପିବଦ୍ଧ ।

ଅମର- କିନ୍ତୁ ତୁମେ ଶିକ୍ଷିତା, ନୃତ୍ୟ ବିଶାରଦା, ତୁମର ଯତିମତି ହରା ରୂପ ଅଛି, ଲାବଣ୍ୟ ଅଛି ।

ମୌସୁମୀ- ବାସ୍ ସେତିକି । ସେତିକି ପାଇଁ ତୁମେ....

ଅମର- ନା କେବଳ ସେତିକି ନୁହେଁ । ପରକୁ ଆପଣାର କରିବାର ବିମୋହିନୀ ଶକ୍ତି ଅଛି । ତୁମେ ଅସାଧାରଣ । ଅତି ସୋସିଏବ୍ଲ । ତୁମକୁ ପାଇଲେ ଜଣେ ନିଜକୁ ପରମ ସୌଭାଗ୍ୟବନ୍ତ ମନେ କରିବ ।

ମୌସୁମୀ- କହିଲି ତ କ୍ଷଣିକ ଉତ୍ତେଜନାରୁ ତୁମେ ଯାହା କହୁଛ ବା ଯାହା ଭାବିନେଇଛ ।

ଅମର- ଉତ୍ତେଜନାରୁ ତ ସବୁ ପ୍ରଗତିର ପଥ ପ୍ରସ୍ତୁତ ହୁଏ । ଉତ୍ତେଜନାରୁ ତ ଉତ୍ତର ସାଧକ ସୃଷ୍ଟି ହୁଅନ୍ତି ।

Digitized by srujanika@gmail.com

ମୌସୁମୀ- ଥାଉ, ସେ ଦର୍ଶନ ସେଇଠି ରଖ। ତୁମେ ସମାଜଛଡ଼ା ହେଇପାରିବ ?

ଅମର- ତୁମ ପାଇଁ ମୁଁ ସବୁକିଛି କରିବାକୁ ପ୍ରସ୍ତୁତ।

ମୌସୁମୀ- ତଥାପି ତୁମେ ଦୁର୍ବଳ। ତୁମ ଶକ୍ତି ସାମର୍ଥ୍ୟ ସଂପର୍କରେ ଏବେବି ମୋର ସନ୍ଦେହ ଜାତ ହୁଏ।

ଅମର- ମତେ ପରୀକ୍ଷା କରୁଛ ?

ମୌସୁମୀ- ପରୀକ୍ଷା ଆଉ କଲି କେଉଁଠି ? ପ୍ରଥମରୁ ପରୀକ୍ଷାର ପ୍ରଶ୍ନପତ୍ର ପାଉ ପାଉ ତ ତୁମେ...

ଅମର- ମୁଁ ଯଦି କହେ ମୁଁ ତୁମର କୌଣସି ପରୀକ୍ଷା ଦେବାକୁ ପ୍ରସ୍ତୁତ ନୁହେଁ ? ତୁମ ନିକଟରେ ଅନେକ ଅଗ୍ନି ପରୀକ୍ଷା ଦେଇସାରିଛି.... ଆଉ ନୁହେଁ।

(ମୌସୁମୀ ଅମରର କୋଳରେ ଲୋଟି ପଡ଼ିଛି। ତାର ମୁହଁକୁ ହାତରେ ଟେକି ଧରିଛି ଅମର। ମୌସୁମୀ ଅମରର ଆଖିରେ ଆଖି ମିଶାଇ କହିଛି।)

ମୌସୁମୀ- ହଜାରେ ନାକଟେକା ଭିତରେ ମୁଁ ତୁମ ସହିତ ବଞ୍ଚି ରହିପାରିବି ତ ଅମର ? ତୁମେ ମୋତେ ନିଜର କରିନେଇ ପୁଣି ପର କରି ଦେବନି ତ ? ଅମର ! କୁହ ଅମର ! କୁହ ! ଜବାବ ଦିଅ ?

ଅମର- ମୌସୁମୀ ! ଆଃ ମୋ ମନର ମୌସୁମୀ ! ବିବ୍ରତ ହୁଅନି ମୌସୁମୀ। ମୁଁ ତୁମର, ଏକାନ୍ତ ଭାବରେ ତୁମର।

(ନିବିଡ଼ ଭାବରେ ଅମର ଜାବୁଡ଼ି ଧରିଛି ମୌସୁମୀକୁ। ଅନ୍ତରାଳରୁ ଭାସିଆସିଛି ଏକ ପ୍ରେମାୟିତ ସଂଗୀତର ମୂର୍ଚ୍ଛନା। ଧୀରେ ଧୀରେ ନଇଁ ଆସିଛି ଯବନିକା।)

॥ ଦୃଶ୍ୟ ଶେଷ ॥

❑❑❑

Digitized by srujanika@gmail.com

ମନମୋହନ ମେସ୍

ଚ଼ରିତ୍ର ଲିପି

ମୁରାରୀମୋହନ	-	ମଧ୍ୟବୟସ୍କ ବ୍ୟକ୍ତି
ମନମୋହନ	-	ମୁରାରୀଙ୍କ ଶିକ୍ଷିତ ପୁତ୍ର
ବିକ୍ରମ	-	ଉଦ୍ଧତ ଛାତ୍ର
ଫିରୋଜ	-	ଅନ୍ୟତମ ବିଶୃଙ୍ଖଳ ଛାତ୍ର
ପଦ୍ମନାଭ	-	କଲେଜ ଛାତ୍ର
ପ୍ରଶାନ୍ତ	-	କଲେଜ ଛାତ୍ର
ହଳଧର	-	କଲେଜ ଛାତ୍ର
ପ୍ରତାପ	-	ମଧ୍ୟବୟସ୍କ, ବିକ୍ରମର ପିତା
ଦାମୋଦର	-	ମଧ୍ୟବୟସ୍କ, ସୁଷମାର ପିତା
ହାରାମଣି	-	ମୁରାରୀମୋହନଙ୍କ ଧର୍ମପତ୍ନୀ
ସୁଷମା	-	ମନମୋହନଙ୍କ ପ୍ରଣୟିନୀ

Digitized by srujanika@gmail.com

ପ୍ରଥମ ଦୃଶ୍ୟ

(ମୁରାରୀ ମୋହନ ବାବୁଙ୍କ ଘର । ବୈଠକଖାନାରେ ବସି ପେପର୍ ପଢୁଥିଲେ ମୁରାରୀ ବାବୁ । ମୁରାରୀ ବାବୁଙ୍କ ବୟସ ଅନ୍ଦାଜ ପଞ୍ଚାବନ ହେବ । ଭିତରୁ ଆସିଛନ୍ତି ଚ଼ା ନେଇ ମୁରାରୀ ବାବୁଙ୍କ ଧର୍ମପତ୍ନୀ ହାରାମଣି)

ହାରାମଣି- ଏଇ ଚ଼ା ନିଅ

ମୁରାରୀ- (ପେପର୍‌ରୁ ମୁହଁ ଟେକିଛନ୍ତି । ହାତ ବଢ଼ାଇ ଚ଼ା ଆଣିଛନ୍ତି । ଢୋକେ ପିଇଛନ୍ତି)

ହାରାମଣି- ଆଜି ଚ଼ା ଟା କେମିତି ହେଇଛି ?

ମୁରାରୀ- ଖୁବ୍ ଭଲ ହେଇଛି ଯେ, ହେଲେ ....

ହାରାମଣି- ହେଲେ ?

ମୁରାରୀ- ମୁଁ ତୁମକୁ ଅନେକ ବାର କହିଲିଣି ନା, ଏଇ ଗତାନୁଗତିକ କ୍ଷୀରଦିଆ ଚ଼ା ଆଉ କରିବ ନାହିଁ । ନାଲି ଚ଼ାରେ ଟିକେ ଲେମ୍ବୁ ପକାଇ ଲିମନ୍‌ଟି କରିବ ।

ହାରାମଣି- ହୁଁ, ତୁମର ଯୋଉ କଥା... ଦୁନିଆଁ ସାରା ତ ଏଇମିତି ଚ଼ା ଖାଆନ୍ତି, ତୁମର ଇୟେ ଗୋଟାଏ ନୂଆ କଥା ।

ମୁରାରୀ- ନୂଆ କଥା ?

ହାରାମଣି- ନୁହେଁ ତ ଆଉ କଣ ? ମୁଁ ମୋ ପିଲାବେଳେ ଆମ ଗାଁରେ ଦେଖିଛି ଆମ ଗାଁର ଗୋଖା କଣ୍ଡରାମାନେ ସେମିତି ନାଲି ଚ଼ା କରି ଖାଆନ୍ତି ।

ମୁରାରୀ- ହେ, ସେ ବାଜ୍ୟେ କଥା ବନ୍ଦକର । ଗୋଖା, କଣ୍ଡରା କ'ଣ ? କହୁନ, ହରିଜନ ବୋଲି । ଆରେ ସେମାନେ ଯଦି ଏମିତି ନାଲି ଚ଼ା ଖାଆନ୍ତି ତେବେ ତ ଠିକ୍ ଜିନିଷ ଖାଆନ୍ତି ।

ହାରାମଣି- ଠିକ୍ ଖାଆନ୍ତି ? ମାନେ ?

ମୁରାରୀ- ଓଃ ବୁଝି ପାରିଲ ନାହିଁ ? ଆରେ ସେମିତି ଚ଼ା ଖାଇଲେ ଚ଼ା ଖାଇବାକୁ ଚ଼ା ଖାଇବା ହେବ । ଖର୍ଚ୍ଚ କମ୍, ତା ଛଡ଼ା ସ୍ୱାସ୍ଥ୍ୟ ପାଇଁ ହିତକର ।

ହାରାମଣି- ତୁମର ସେ କୃପଣ ସ୍ୱଭାବ ଗଲାନି । ସବୁବେଳେ ଖାଲି ସେହି ଖର୍ଚ୍ଚ କାଟ କଥା । ହଇହୋ; ଚ଼ା ଟିକକରେ କେତେ କ୍ଷୀର ଲାଗିବ ଯେ ଏଥିରେ ତୁମର ଖାଲି ଖର୍ଚ୍ଚ ବଢ଼ି ଯାଉଛି ।

Digitized by srujanika@gmail.com

ମୁରାରୀ- ଖର୍ଚ୍ଚ ବଢ଼ିବ ନାହିଁ ? ହଇ ହୋ ଏଇମିତି କପେ କପେ କରି ଦିନରେ କେତେ କପ୍ ଚା ହଉଛି କହିଲ ? ଘର ଲୋକଙ୍କ ଠାରୁ ଅତିଥି ଅଭ୍ୟାଗତଙ୍କ ପର୍ଯ୍ୟନ୍ତ । ତା'ଛଡ଼ା ତୁମ ମୁହଁରେ ତ ଚା କେଟିଲିଟା ବନ୍ଧା ହେଇଛି ଜାଣ...

ହାରାମଣି- ଓଃ ମୁଁ କେଇଥର ଚା ଖାଉଛି, ତୁମର ସେଇଟା ଦିହରେ ଯାଉନି । ଅସଲ କଥାଟା ନକହି ଏତେ ବୁଲେଇ ବାଙ୍କେଇ କଣ କହୁଛ ମ ?

ମୁରାରୀ- ଓଃ ହୋଃ ମୁଁ କଣ କିଛି ଭୁଲ୍ କହିଲି ?

ହାରାମଣି- ହଁ ତୁମେ କଣ କେବେ କିଛି ଭୁଲ କୁହ ?

ମୁରାରୀ- କିହୋ ଏତେ ଗୁଡ଼ାଏ ଚା ଖାଇବା ଅର୍ଥ ପଇସା ଦେଇ ରୋଗ କିଣିବା କଥା ନୁହେଁ ?

ହାରାମଣି- ମାନେ ?

ମୁରାରୀ- ମାନେ ଆଉ କଣ ? ଅତ୍ୟଧିକ ଚା ଖାଇଲେ କଣ ହୁଏ ଜାଣିଛ ?

ହାରାମଣି- ହଁ, ଚା'ରେ ତୁମର ଖାଲି ମୋ ପାଇଁ ଏତେ ଖର୍ଚ୍ଚ ହେଇ ଯାଉଛି, ସେଇ ଚା ଟିକକ ଛାଡ଼ିଦେଲେ ମୁଁ ଭାତ, ରୁଟି, ଜଳଖିଆ କେତେ ବା ଖାଏ ? ଅନ୍ୟ ସ୍ତ୍ରୀଲୋକଙ୍କ ପରି ମୁଁ କୋଉ କଂସା କଂସା ନା ଆଜି ଥାଳି ଖାଇଯାଏ ?

ମୁରାରୀ- ସେଇତ । ସେହିଥିରୁ ତ ରୋଗର ଜନ୍ମ । ଜଣେ ଲୋକର ସାଧାରଣ ଭାବରେ ଯେତିକି ଖାଇବା କଥା, ସେଥିରୁ ଊଣା ହେଲେ ନାନାଦି ରୋଗ ମାଡ଼ି ବସିବ ନାହିଁ ?

ହାରାମଣି- ହଁ ରୋଗ ଖାଲି ମାଡ଼ି ବସୁଛି ? କେତେ ଟଙ୍କା ଆଜିଯାଏ ମୋ ରୋଗ ପାଇଁ ଖର୍ଚ୍ଚ କଲଣି ଶୁଣେ ?

ମୁରାରୀ- ଟଙ୍କା ଖର୍ଚ୍ଚ ହେଲାଣି କେଉଁଠି, ଟଙ୍କା ଖର୍ଚ୍ଚ ସମୟ ଆସୁଛି । ତୁମେ ଯେମିତି ସାଧାରଣ ଭାବରେ ଖାଦ୍ୟ, ଭୋଜନ ଛାଡ଼ି ଏହି ସର୍ବଗ୍ରାସୀ ଚା' ପଛରେ ଧାଇଁଛ, ବଳେ ଦେଖିବ ନାହିଁ ତାର ପରିଣତି ? କେମିତି ଭାବରେ ତୁମକୁ ଭୋଗ କରିବାକୁ ପଡ଼ିବ ?

Digitized by srujanika@gmail.com

ହାରାମଣି- ସତ କହୁଛ ? ମତେ ଏଥିପାଇଁ ପୁଣି ରୋଗ ଭୋଗ କରିବାକୁ ପଡ଼ିବ ?

ମୁରାରୀ- ମୁଁ କଣ ମିଛ କହୁଛି ବୋଲି ଭାବୁଛ ? ଆରେ ଏ ଚା, ପାନ, ବିଡ଼ି ପରା ଛୋଟିଆ ନିଶା, ଢ଼ଣା ଢ଼ାଠ ନାହିଁ ଟାଣେ ପଇସା ।

ହାରାମଣି- ତୁମର ତ ଖାଲି ସେହି ପଇସା ଉପରେ ଆଖି ।

ମୁରାରୀ- ଆରେ ପଇସା ଉପରେ ଆଖି ରଖିବିନି ? ଏହି ଟଙ୍କା ପଇସା ମୋର କେତେ ବର୍ଷର ନିଷ୍ଠା ଆଉ କଷ୍ଟର ଫଳ କହିଲ ?

ହାରାମଣି- ନିଷ୍ଠା ! ଏଥିପାଇଁ କି ନିଷ୍ଠା ବା ତୁମେ କରିଛ ?

ମୁରାରୀ- କି ନିଷ୍ଠା କରିଛି ଜାଣି ପାରୁନ ? ତୁମେ ଆସିଲାବେଳେ ଆମ ଘରକୁ, ସେତେବେଳେ ଏମିତିକା ଘରଟାଏ ଥିଲା ? ତୁମେ ସେତେବେଳେ ଭଲରେ ଦୁଇଓଳା ଦୁଇମୁଠା ଖାଇବାକୁ ପାଉଥିଲ ? ଭଲ ଖଣ୍ଡେ ପିନ୍ଧିବାକୁ ପାଉଥିଲ ? ଆଜି ଭଳିଆ ଗାଡ଼ି ଚଢୁଥିଲ ?

ହାରାମଣି- ଓହୋଃ ସେଗୁଡ଼ା କୋଉ ତୁମର ଝାଳବୁହା ପଇସା କି ? ଠିକାଦାରୀ କରି କଳାକୁ ଧଳା ଧଳାକୁ କଳା କରି ରାତାରାତ୍ ବଡ଼ ଲୋକ ହେବାର ନିଶାରେ ପାଗଳ ହୋଇ ଯେତେ ଯାହା କଳାଧନ ଠୁଳେଇଛ । ସେଥିରେ ତୁମର କି ନିଷ୍ଠା ବା ?

ମୁରାରୀ- କଣ କହିଲ ? ଏସବୁ ମୋର କଳାଧନ ?

ହାରାମଣି- ନୁହେଁ ତ ଆଉ କଣ ?

ମୁରାରୀ- କିହୋ ମୁଁ କଣ ଘରେ ବସିଥିଲି ମତେ କିଏ ଆଣି ଦେଇଦେଲା ।

ହାରାମଣି- ଦୁନିଆରେ କେତେ ଲୋକ କେତେ ପାଠ ପଢ଼ି ଅତି ବେଶୀରେ ଚାକିରି ଖଣ୍ଡେ କରି ବେଶ୍ ଟିକିଏ ଭଲରେ ଖାଇ ପିନ୍ଧି ରହୁଛନ୍ତି । ତୁମେ କଳା ପଇସା ନଠୁଳେଇ ଥିଲେ ଏତେ ସବୁ ଘର ଦ୍ୱାର କରିପାରିନଥାନ୍ତ ?

ମୁରାରୀ- ଆରେ ଯିଏ ଚାକିରି କରୁଛି ସେ କଣ ମୋଭଳି ପରିଶ୍ରମ କରୁଛି ? ଛାଇ ତଳେ ବସି ଫାଇଲ୍‌ରେ ଦିଧାଡ଼ି ଲେଖିଦେଲେ ସେମାନଙ୍କର କଥା ସରିଲା । ସେମାନେ କଣ ମୋ ପରି ....

ହାରାମଣି- ହଉ ଛାଡ଼ ତୁମ କଥା- ତୁମ ସହିତ ଏତେ ଯୁକ୍ତି କରି ଲାଭ ନାହିଁ । ତୁମେ ହଉଛ କୃପଣଙ୍କ ଗୁରୁ ...

Digitized by srujanika@gmail.com

ମୁରାରୀ- ଯେ ବୁଝିଲ, ମତେ ତୁମେ କୃପଣ ବୋଲି କହି ପାରିବ ନାହିଁ। ଯେତିକି ଖାଇବା କଥା ମୁଁ ଖାଏ ନାହିଁ ନା ଯାହା ପିନ୍ଧିବା କଥା ପିନ୍ଧେ ନାହିଁ ? ନାଁ ଯାହାର ଯାହା ପ୍ରାପ୍ୟ ତାକୁ ଦିଏ ନାହିଁ ?

ହାରାମଣି- ହଁ ତୁମ ଭଳି ଦାନୀକର୍ଣ୍ଣ ଆଉ କଣ ଏ ଦୁନିଆଁରେ କିଏ ଅଛି ?

ମୁରାରୀ- ତୁମରି ପାଇଁ ତ ଠିକାଦାରୀ ଛାଡ଼ିଲି। ତୁମରି କଥାରେ ଏତେ ଗୁଡ଼ାଏ କୋଠାଘର କଲି। ତୁମରି ପାଇଁ ...

ହାରାମଣି- ହଁ କହୁନ, ଅଟକି ଗଲ କାହିଁକି। ତୁମରି ପାଇଁ ମୁଁ ସର୍ବସ୍ୱାନ୍ତ ହୋଇଗଲି। ତୁମରି ପାଇଁ ମୋର କଳାକନା ଉଡ଼ିଗଲା। ତୁମରି ପାଇଁ ମୋର ଘରୁ ଲକ୍ଷ୍ମୀ ଛାଡ଼ିଗଲା। ତୁମରି ପାଇଁ ...

ମୁରାରୀ- ବାସ୍ ବାସ୍ ବାସ୍, ଥାଉ ବନ୍ଦକର।

ହାରାମଣି- କାହିଁକ ? ବନ୍ଦ କାହିଁକି କରିବି ?

ମୁରାରୀ- ମୁଁ କଣ କେବେ କହିଛି ତୁମ ପାଇଁ ମୋ ଘରୁ ଲକ୍ଷ୍ମୀ ଛାଡ଼ିଗଲା ବୋଲି ? ତୁମେ ତ ମହା ଲକ୍ଷ୍ମୀମନ୍ତୀ। ତୁମେ ଆସିବା ପରଠାରୁ ମୋର ଯେତେ ଯାହା ଉନ୍ନତି ହୋଇଛି।

ହାରାମଣି- କି ଉନ୍ନତିଟା ହେଇଛି ? ଯେ ଧନଠୁଳେଇବାକୁ ମୁଁ ଉନ୍ନତି ବୋଲି ମନେ କରେ ନାହିଁ। ମୁଁ ଆସିବା ପରେ ପ୍ରକୃତରେ ତୁମେ ଯଦି କିଛି ଅଧିକ ଜ୍ଞାନ ଆହରଣ କରିଥାନ୍ତ, କିଛି ଅଧିକା ପାଠ ପଢ଼ିଥାନ୍ତ, ଉଚ୍ଚ ଶିକ୍ଷା ପାଇଁ ଦେଶ ବିଦେଶକୁ ଯାଇଥାନ୍ତ, ତାହେଲେ ମୁଁ ମନେକରିଥାନ୍ତି ଯେ ହଁ ମୋ ଆସିବା ପରେ ତୁମର କିଛି ବିକାଶ ଘଟିଛି।

ମୁରାରୀ- ହାରାମଣି !

ହାରାମଣି- ହଁ ପଇସା ତ ମଦ ବିକି ଶୁଣ୍ଡି ବି କମଉଛି। ତାହା ବୋଲି ସେ କଣ ମଣିଷରେ ଲେଖା।

ମୁରାରୀ- ଓହୋ ହାରାମଣି ! ତୁମକୁ ଏତେ କଥା କହିବାକୁ କିଏ କହୁଛି କହିଲ ? କିହୋ ଟଙ୍କା ନଥିଲେ କେହି ତୁମକୁ ମଣିଷ ବୋଲି ମାନିବେ ?

ହାରାମଣି- କାହାର ମାନିବା କଣ ଦରକାର ? ଆମକୁ କିଏ କଣ କିଛି ଦେଇଦଉଛି ନା ନେଇଯାଉଛି। ସଭ୍ୟ ଶିକ୍ଷିତ ହୋଇ ସୁଖ ଶାନ୍ତିର ଜୀବନଟିଏ ଦରକାର। ତା ନକରି ...

Digitized by srujanika@gmail.com

ମୁରାରୀ- କିଏ ମନା କରୁଛି ସୁଖ ଶାନ୍ତି ନକରିବାକୁ ? ସେହି ତୁମରି ସୁଖ ଶାନ୍ତି ପାଇଁ ତ ମୋର ଏତେ ଧନ ସଂପତ୍ତି ଉପାର୍ଜନ ।

ହାରାମଣି- କହିଲି ପରା କେବଳ ଧନ ସଂପତ୍ତି ଠୁଳେଇଲେ ସୁଖ ଶାନ୍ତି ମିଳେ ନାହିଁ । ବରଂ ତାହା ହିଁ ଅଶାନ୍ତିର କାରଣ ହୁଏ ।

ମୁରାରୀ- ଅଶାନ୍ତିର କାରଣ ହୁଏ ?

ହାରାମଣି- ଓହୋଃ ଅଶାନ୍ତିର କାରଣ କି ନାହିଁ ତୁମେ ଜମା ବୁଝି ପାରୁ ନାହଁ ?

ମୁରାରୀ- ହାରାମଣି !

ହାରାମଣି- ଗୁଡ଼ାଏ କଳାଧନ ଅର୍ଜନ କଲ । ଇନ୍‌କମ୍ ଟାକ୍ସ ବାଲା ଚଢ଼ାଉକରି କିଛି ଧୋଇ ନେଲା । ବାକି ଯାହା ରହିଲା, ମୋ କଥା ନମାନି ସେଥିରେ ଗୁଡ଼ାଏ ଘର ତିଆରି କରି ଘର ଭଡ଼ା ଦେବାପାଇଁ ଫୁଲ୍‌ଦମ୍‌ରେ ଲାଗି ପଡ଼ିଲ । ହେଲେ ସେଥିରୁ କି ଶାନ୍ତି ମିଳିଲା ନା କେଉଁ ଯଶଟା ଅର୍ଜି ପକାଇଲ ?

ମୁରାରୀ- କଣ ଆଉ ଯଶ ଅର୍ଜନ କରିଥାନ୍ତି ?

ହାରାମଣି- କେବଳ ଦୁଃଶ୍ଚିନ୍ତା ଗୁଡ଼ିଏ ଘରେ ପୁରାଇବା ସାର ହେଲା ଯାହା.... ତୁମେ ସେତେବେଳେ ମୋ କଥା ଯଦି ମାନିଥାନ୍ତ ...

ମୁରାରୀ- ତୁମ କଥା ମାନିଥାନ୍ତି ? ମାନେ ?

ହାରାମଣି- ପ୍ରଥମେ ମୁଁ ତୁମକୁ କହିଲି- ଏତେ ଟଙ୍କା ଅଛି ଆମେ ଗୋଟାଏ ଆଦର୍ଶ ଶିକ୍ଷାନୁଷ୍ଠାନ କରିବା । ସେଥିରେ ତୁମ ନାଆଁ ରହିବ । ମରି ବି ଅମର ହେଇଯିବ । ମୋ କଥାଟା ତୁମ ମନକୁ ଗଲା ନାହିଁ, ମୁହଁ ମୋଡ଼ି ଦେଲ ।

ମୁରାରୀ- ସମସ୍ତେ ଖାଲି ନିଜ ଟଙ୍କାରେ ଶିକ୍ଷାନୁଷ୍ଠାନ କରି ପକାଉଛନ୍ତି ?

ହାରାମଣି- ମୋ କଥା ନମାନି ଭଡ଼ା ଲଗାଇବା ପାଇଁ ଘର କଲ । ମୁଁ କହିଲି ସେ ଘରସବୁ ଚାକିରି କରିଥିବା ଲୋକମାନଙ୍କୁ ଭଡ଼ା ଦିଅ । ତାହା ବି ମାନିଲ ନାହିଁ । ମେସ୍ କରିବା ପାଇଁ ଘର ଭଡ଼ା ଦେଲ ବେଶୀ ଟଙ୍କା ମିଳିବ ବୋଲି ?

ମୁରାରୀ- ହଁ କଣ ମୁଁ ଭୁଲ୍‌ଟା କରି ପକାଇଲି ? ହଇହୋ କେଉଁ

Digitized by srujanika@gmail.com

ଚାକିରିଆକୁ ଦେଲେ ସେ ଅତି ବେଶୀରେ ଦୁଇଟା ରୁମକୁ ଦୁଇ ହଜାର ଟଙ୍କା ଭଡ଼ା ଦେବ। କିନ୍ତୁ ମେସ୍ ପାଇଁ ଦେଲେ ଗୋଟାଏ ରୁମକୁ ମୋତେ ଦୁଇ ହଜାର ଟଙ୍କା ମିଳିବ। ଗୋଟାଏ ରୁମ୍‌ରେ ଚାରିଟା ଖଟ ପଡ଼ିପାରିବ। ଚାରିଟା ପିଲା ରହିବେ। ପ୍ରତି ପିଲା ପାଞ୍ଚଶହ କରି ଦେଲେ ଗୋଟାଏ ରୁମରୁ ମୁଁ ମାସକୁ ଦୁଇ ହଜାର ପାଇବି।

ହାରାମଣି- ପାଇବ ତ ଏବେ ପାଉନ କାହିଁକି ? ପିଲାଙ୍କୁ ମେସ୍ କରିବାକୁ ଦେଇ ବେଶୀ ଟଙ୍କା ପାଇବା ଆଶାରେ କାଳେ ପୁଣି ଇନ୍‌କମ୍ ଟାକ୍ସ ଧରିବ ବୋଲି ସେଥିପାଇଁ ମେସ୍‌ର ନାଆଁ ନିଜ ନାଆଁରେ ନରଖି ପୁଅ ନାଆଁରେ ରଖାଗଲା। କଣ ନାଁ ମୁରାରୀ ମୋହନ ମେସ୍ ନହୋଇ ହେଲା ମନ ମୋହନ ମେସ୍।

ମୁରାରୀ- ହଁ କ'ଣ ହେଇଗଲା ସେଇଠୁ ? ତୁମେ ଯେମିତି ଶିକ୍ଷାନୁଷ୍ଠାନ କଥା କହୁଥିଲ ସେମିତି ଗୋଟାଏ ମେସ୍‌ର ନାଆଁରେ ବି ଜଣେ ଅମର ହେଇଯାଇ ପାରେ।

ହାରାମଣି- ତେବେ ତୁମ ନାଆଁରେ ମୁରାରୀ ମୋହନ ମେସ୍ ନାଆଁ ରଖିଲ ନାହିଁ ?

ମୁରାରୀ- ମୁଁ ମୋଠାରୁ ମୋ ପୁଅକୁ ବେଶୀ ଭଲପାଏ। ସେଥିପାଇଁ ପୁଅ ନାଆଁରେ ରଖିଲି- କ'ଣ ଭୁଲ୍ ହେଇଗଲା ?

ହାରାମଣି- ଭୁଲ ହେଲା ନାହିଁ ଯଦି ଏବେ ଘରେ ବସି ନାକରେ କାନ୍ଦୁଛ କାହିଁକି ?

ମୁରାରୀ- ନାକରେ କାନ୍ଦୁଛି ?

ହାରାମଣି- ନୁହେଁ ତ ଆଉ କଣ ? ସେ ପିଲାଏ ପ୍ରଥମେ କିଛିଦିନ ବେଶ୍ ସୁନା ପିଲା ପରି ଘର ଭଡ଼ା ଟଙ୍କା ଗଣିଦେଲେ। ତାପରେ ?

ମୁରାରୀ- ମୁଁ କଣ ଜାଣିଥିଲି ଏମିତି ମୋ ଭାଗ୍ୟ ଖରାପ ହେବ ବୋଲି ? ସେ ଦିଟା ବାକୁଙ୍ଗା ଲଫଙ୍ଗା ଟୋକା ନ ଜୁଟନ୍ତି। ଏତେ କଥା ନହୁଏ।

ହାରାମଣି- ତାଙ୍କୁ ଦୋଷ ଦେବା ପୂର୍ବରୁ ନିଜ ଦୋଷଟାକୁ ନିଜେ ସମୀକ୍ଷା କରି ନିଅ।

Digitized by srujanika@gmail.com

ମୁରାରୀ- ନିଜ ଦୋଷ ?

ହାରାମଣି- ନିଜ ଦୋଷ କିଛି ଜାଣି ପାରୁନ ? ଏଇ ଏକାଥରେ ହାଡ଼ଗିଳା ନୀତି ।

ମୁରାରୀ- ହାଡ଼ଗିଳା ନୀତି ? ମାନେ ? କଣ ତୁମେ କହୁଛ ମୁଁ କିଛି ବୁଝି ପାରୁନି ।

ହାରାମଣି- କ'ଣଟା ଆଉ ବୁଝିବ ? ତୁମେ ଯେମିତି ଚ଼ଢ଼ା ଦରରେ ଘରଭଡ଼ା ଦେଇ ତାହାର ଫଳ ପାଇଲ ।

ମୁରାରୀ- କିଛି ଫଳ ପାଇନାହିଁ । ଦେଖିବ- ଯେମିତି ହେଲେ ଟମର ଏ ମନ ମୋହନ ମେସ୍ ବଂଚ଼ି ରହିବ ଆଉ ମୋ ଟଙ୍କା ମୋ ପାଖକୁ ଦିନେ ନା ଦିନେ ଫେରି ଆସିବ ।

ହାରାମଣି- କେମିତି ? କେମିତି ଆସିବ କହିଲ ? କିହୋ ସେମାନେ ପରା ବର୍ଷେ ହେଲା ଘର ଭଡ଼ା ଦଉ ନାହାନ୍ତି । ଖରାପ କରି ଉତର ଭାବରେ କଥାବାର୍ତ୍ତା କରୁଛନ୍ତି, ଆଉ ଘରଭଡ଼ା ଦେବେ କ'ଣ ?

ମୁରାରୀ- ଉଁ ଭାରି ବୁଦ୍ଧିଆ ଗୁଡ଼ାକ, ମୁଁ କିଛି କହୁନି ବୋଲି ନା ? ହଉ ଦେଖିବା, ସେମାନେ କେମିତି ଏ ମୁରାରୀ ମୋହନ ଶତପଥୀଠାରୁ ବଞ୍ଚେଇ ଯିବେ ? ତାଙ୍କୁ ମୁଁ ମାମୁଁଘର ଦେଖେଇ ଦେବିନି ?

ହାରାମଣି- ଭାରି ଦେଖେଇଲାବାଲା ହୁଁ, ତାଙ୍କର ତ ପରୀକ୍ଷା ସରିଲେ ଘରକୁ ଯିବେ । ତୁମେ କୋଉ ମାମୁଁ ଘରେ ପୁରାଇବ ବା ? କଲେଜ ପିଲାଙ୍କୁ ପୁଣି ଭୟେ ପାରିବେ ।

ମୁରାରୀ- ହଇହୋ ତୁମେ ଘର କଣରେ ରହିବା ଲୋକ, ତୁମେ କଣ ଆଇନ୍ କାନୁନ୍ କଥା ଜାଣିଛ କହିଲ ?

ହାରାମଣି- ନା, ମୁଁ କିଛି ଜାଣିନି ତୁମେ ସବୁ ଜାଣିଛ । ହେଉ ଦେଖିବା, କଣ ତୁମେ ତାଙ୍କର କରି ପକାଇବ ? କେମିତି ତାଙ୍କଠୁ ପଇସା ଆଦାୟ କରିଦେବ ? ହଇହୋ ଯଦି ଆଦାୟ କରିବାର ଥାଆନ୍ତା, ତୁମେ ଆଦାୟ କରି ସାରନ୍ତଣି ?

ମୁରାରୀ- ହଉ ଅପେକ୍ଷା କର ଦେଖିବ- ମୁଁ ଆଦାୟ କରିବି କି ନାହିଁ ? ଆରେ ... ହେଁ ମୋ ନାଆଁ ମୁରାରୀ ମୋହନ ଶତପଥୀଟି ?

Digitized by srujanika@gmail.com

କାହାକୁ ଦୟା କରି ଛାଡ଼ିଦେବା ମୋ ଗୁରୁ ଶିଖେଇନାହିଁ, ବୁଝିଲ ? ଦରକାର ହେଲେ ମୁଁ ଏଥିପାଇଁ କୋର୍ଟ କଚେରୀ କରିବି ।

ହାରାମଣି- ଏଁ କଣ କହିଲ, କୋର୍ଟ କଚେରୀ କରିବ ? ହଁ କିଛି ଇନ୍‌କମ୍ ଟାକ୍ସରେ ଯାଇଥିଲା । ପୁଣି କିଛି କୋର୍ଟ କଚେରୀରେ ଯିବ । ଓକିଲ, ମୁକ୍ତାର ମାନେ ଆଉ ବଞ୍ଚିବେ କେମିତି । କଲେଜ ପିଲାଙ୍କୁ ପୁଣି କୋର୍ଟ ଧମକ ? କଣ ପ୍ରମାଣ ଅଛି, ତୁମ ପାଖରେ ନା କୋଉ ନାଆଁ ଗାଁ ସେ ପିଲାଙ୍କର ଅଛି ତୁମ ପାଖରେ ?

ମୁରାରୀ- ସବୁ ଅଛି । ସବୁ ଅଛି ମୋ ପାଖରେ । ତ୍ରିପୁରାରୀ ଶତପଥୀଙ୍କ ପୁଅ- ମୁଁ ମୁରାରୀ ଶତପଥୀଟି ? ବିନା ନାଆଁ ଗାଁରେ ତାଙ୍କୁ ଘର ଦେଇ ଦେଇଛି ? ମୁଁ ତାଙ୍କୁ ନୋଟିସ୍ ଦେଇସାରିଛି । ଏଇ ମାସ ଶେଷ ସୁଦ୍ଧା ସବୁଯାକ ଭଡ଼ା ଆଣି ପଇଠ ନକଲେ ସମସ୍ତଙ୍କୁ ଥାନାକୁ ଟାଣିବି । ତାପରେ କୋର୍ଟର କାଠଗଡ଼ାକୁ ।

ହାରାମଣି- ତୁମକୁ ବି ତ କାଠଗଡ଼ାରେ ଛିଡ଼ା ହେବାକୁ ହେବ । ଯେତେ ସବୁ ଅଶାନ୍ତି ତୁମେ ହିଁ କେବଳ ଘରେ ପୁରାଉଛ ।

(ଏହି ସମୟରେ ମୁରାରୀ ମୋହନଙ୍କ ଏକମାତ୍ର ପୁତ୍ର ମନମୋହନ ବାହାରୁ ଆସିଛନ୍ତି । ମନମୋହନ ଶିକ୍ଷିତ ଯୁବକ । ଗୋଟାଏ ବେସରକାରୀ କଲେଜରେ ଅଧ୍ୟାପକ । ପରିଧାନ ଦାମୀ ପେଣ୍ଟ, ସାର୍ଟ ଓ ଟାଇ ।)

ମନମୋହନ- କଣ ଅଶାନ୍ତି ବୋଉ ?

ମୁରାରୀ- ଆରେ ମନ ! (ପ୍ରଣାମ କରି ମନମୋହନ ମାଆ ଓ ବାପାଙ୍କ ପାଦଧୂଳି ନେଇଛି)

ହାରାମଣି- କିରେ ତୁ ଆସିବୁ ବୋଲି ତ କାହିଁ ଫୋନ୍‌ରେ କହୁନଥିଲୁ ?

ମନମୋହନ- ନାଇଁ, ମୋର ଆସିବାର ନଥିଲା । ଆମ କଲେଜର ଜଣେ ଅଧ୍ୟାପକଙ୍କର ହଠାତ୍ ଏକ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁ ହେଲା କଲେଜ ଦୁଇଦିନ ବନ୍ଦ ରହିବ । ତେଣୁ ଚାଲି ଆସିଲି ।

ହାରାମଣି- ଆହାଃ କାହିଁକି ଯେ ଏତେ ସବୁ ଦୁର୍ଘଟଣା ଘଟୁଛି, ମୁଁ କିଛି

Digitized by srujanika@gmail.com

ବୁଝିପାରୁ ନାହିଁ । ଆରେ ସେ ବାହାହୋଇ ଥିଲାଟି ?

ମନମୋହନ- ହଁ ସେ ବାହା ହୋଇଥିଲେ । ତାଙ୍କର ଦୁଇଟା ପିଲା ।

ହାରାମଣି- ଆହାଃ କି ଦୁର୍ଯୋଗ ।

ମୁରାରୀ- ତା ସ୍ତ୍ରୀ ପଢ଼ାଶୁଣା କରିଛ ? ତାକୁ ତୁମ କଲେଜରେ ଚାକିରିଟାଏ ମିଳିବ ନାହିଁ ?

ମନମୋହନ- ପ୍ରାଇଭେଟ୍ କଲେଜ । ତା ସ୍ତ୍ରୀକୁ ଚାକିରିଟାଏ ମିଳିଲେ ବି କଣ ହେବ । କେତେ ଟଙ୍କା ବା ସେ ଦରମା ପାଇବ ?

ହାରାମଣି- ଯେ ପୁଣି କେତେ ପାଉଥିଲା ? ଚଳୁଥିଲେ କେମିତି ?

ମନମୋହନ- ଘରୁ ଚାଉଳ, ଚୁଡ଼ା, ନଡ଼ିଆ ସବୁ ଆସେ । ତାଛଡ଼ା ଇଯେ ନିଚେ ଧୂମ୍ ଟିଉସନ୍ କରି ବେଶ୍ କିଛି ଟଙ୍କା ରୋଜଗାର କରେ ।

ମୁରାରୀ- ଯେତେବେଳେ ଯାହାର ଯାହା ଯୋଗ ତାକୁ କିଏ ସେଥିରୁ ରକ୍ଷା କରି ପାରିବ ?

ହାରାମଣି- ହଉ ତୁ ଯା ଲୁଗା ବଦଳାଇ ଗୋଡ଼ ହାତ ଧୋଇପକା ।

ମନମୋହନ- ହଁ ମୁଁ ଯାଉଛି, ଆଚ୍ଛା, କଣ ବାପାଙ୍କ ସାଙ୍ଗରେ ତୋର ଗୋଟାଏ ଖୁବ୍ ସରଗରମ୍ ଯୁକ୍ତିତର୍କ ଚାଲିଥିଲା, ଶୁଣେ ?

ହାରାମଣି- ତୋ ବାପାଙ୍କ କଥା ତୁ ଜାଣିନୁ ? ସବୁବେଳେ ସେହି ଅବୁଝାମଣା, ଏକ ଜିଦିଆ କଥା ।

ମୁରାରୀ- ହୁଁ ମୋରି ତ ଖାଲି ଅବୁଝାମଣା କଥା ଆଉ ତୁମର ସବୁ ବୁଝାମଣା ।

ମନମୋହନ- ବୋଉ; କଣ ହେଇଛି କଥାଟା ଖୋଲି କହୁନୁ ?

ହାରାମଣି- ଆରେ ହବ ଆଉ କଣ ? ସେହି ଯେଉଁ ତୋ ନାଆଁରେ ଗଢ଼ା ହୋଇଛି ମନମୋହନ ମେସ୍ ।

ମନମୋହନ- ହଁ କଣ ହେଲା ?

ହାରାମଣି- ମେସ୍‌ରେ ସେ କଲେଜ ପିଲାଏ ବର୍ଷେ ହେଲା ଘରଭଡ଼ା ଦଉ ନାହାନ୍ତି ।

ମନମୋହନ- ଘରଭଡ଼ା ବର୍ଷେ ହେଲା ଦଉ ନାହାନ୍ତି ? କାହିଁ ମୁଁ ତ ଏତେ କଥା ଜାଣିନାହିଁ ?

ମୁରାରୀ- ଜାଣିଥିଲେ ତୁ କ'ଣଟା କରି ପକାଇଥାନ୍ତୁ ?

Digitized by srujanika@gmail.com

ମନମୋହନ- ବାପା !

ମୁରାରୀ- ମୁଁ ତ ତତେ ମୂଳରୁ କହୁଛି- ଆରେ ମନ, ତୁ ଓକିଲାତି ପଢ଼ । ଆଇନ୍ ବିଦ୍ୟା ଟିକକ ହାସଲ କରିଥିଲେ ଏ ଦୁନିଆରେ ତୋତେ କେହି ଆଉ ବଳେଇ ଯିବେ ନାହିଁ । କେହି ତୋତେ କୌଣସି କଥାରେ ଡରେଇ ପାରିବେ ନାହିଁ । ହେଲେ ତୁ କଣ ମୋ କଥା ଶୁଣିଲୁ ?

ହାରାମଣି- ଉଁ, ତୁମରି କଥାରେ ଖାଲି ଓକିଲାତି ପଢ଼ିଥାନ୍ତା ।

ମୁରାରୀ- ସେ ଓକିଲାତି ପଢ଼ି ଓକିଲାତି କରିଥିଲେ, ଯେ କଲେଜ ଟୋକାଗୁଡ଼ା ଆଉ ମୋତେ ଏମିତି ହଇରାଣ କରୁଥାନ୍ତେ ?

ହାରାମଣି- ହୁଁ ପୁଅ ମୋର ଏତେ ଭଲ ପଢୁଥିଲା । ସେ ଯାଇଥାନ୍ତା ଓକିଲାତି ପଢ଼ିବାକୁ ? କିଏ ସବୁ ଓକିଲାତି ପଢ଼ନ୍ତି ଜାଣିଛ ? ଯାହାର ନାହିଁ ଅନ୍ୟଗତି ସେ ପଢ଼େ ଓକିଲାତି । ଯେତକ ଥାର୍ଡ଼କ୍ଲାସ ପିଲା ଯେଉଁମାନେ କେଉଁଠୁ କିଛି ସିଟ୍ ପାଆନ୍ତି ନାହିଁ ସେଇମାନେ ଯାଇ ଓକିଲାତି ପଢ଼ିବା ନାଆଁରେ ବାଳୁଙ୍ଗାଗିରି କରିନ୍ତି ।

ମୁରାରୀ- ଥାଉ ଥାଉ ବନ୍ଦକର । ତୁମେ କିଛି ନଜାଣି ବେଶୀ ଗୋଟେ ଭୁସ୍ ପଣ୍ଡିତଙ୍କ ଭଳିଆ କଥାବାର୍ତ୍ତା କରନାହିଁ । ତୁମେ ଜାଣ, ଜଣେ ଜଣେ ଓକିଲ କେତେ ରୋଜଗାର କରନ୍ତି ?

ହାରାମଣି- ଓଃ ରଖହେ ତାଙ୍କ ରୋଜଗାର । ଟଙ୍କା ଯେମିତି ଜୀବନର ସବୁକିଛି । ଯାଫ ଟାଉଟରୀ କରି, ନାଲି ଆଖି ଦେଖାଇ, ଅସୁବିଧାରେ ପକାଇ ଲୋକଙ୍କଠାରୁ ଓକିଲ ପଇସା ଛିଡ଼ିନିଏ । ଯେ କଣ ଗୋଟାଏ ରୋଜଗାରରେ ଲେଖା ?

ମୁରାରୀ- ହେ କଣ ତୁମେ ସବୁ କହିଯାଉଛ ଏମିତି ? କିହୋ ଓକିଲ ପରା ମଣିଷର ସମ୍ମାନ ରକ୍ଷା କରେ ।

ହାରାମଣି- ସମ୍ମାନ ରକ୍ଷା କରେ ?

ମୁରାରୀ- ହଁ ଡାକ୍ତର ଯେମିତି ମଣିଷର ଜୀବନ ରକ୍ଷା କରେ ଓକିଲ ସେହିପରି ମଣିଷର ସମ୍ମାନ ରକ୍ଷା କରେ । ମଣିଷର ଯାହା ହକ୍, ଯାହା ନାର୍ଯ୍ୟାଦାବି, ତାହା ଆଦାୟ କରି ଦିଏ ।

ହାରାମଣି- ସେ ସବୁ ତୁମେ ସତ୍ୟ ଯୁଗର କଥା କହୁଛ । ଆଜିକାଲି ସେସବୁ

Digitized by srujanika@gmail.com

କଥା କାହିଁତ ମୁଁ ଦେଖି ପାରୁନାହିଁ । ଏଇତ ନିକଟରେ ଆରପାଖ କଲୋନୀର ସୀତାକାନ୍ତ ବାବୁଙ୍କ ଝିଅ ପାଇଁ ଗୋଟାଏ କେଉଁ ନାମକରା ଓକିଲ ସହିତ ପ୍ରସ୍ତାବ ପଡ଼ିଥିଲା । ସୀତାକାନ୍ତ ବାବୁ ବାହାଘର ଭାଙ୍ଗିଦେଲେ । ତାଙ୍କ ବଡ଼ଭାଇ କହିଲେ, ଝିଅକୁ ଗୋଟାଏ ଭିକାରୀ ସହିତ ବାହାଦେବ ବରଂ କିନ୍ତୁ କେଉଁ ଓକିଲ କି ପୋଲିସ୍ ସହିତ ବାହାଦେବ ନାହିଁ ।

ମୁରାରୀ- ଏଭଳି ମନ୍ତବ୍ୟ ଯେ ଦିଏ ସେଭଳି ଗଣ୍ଡମୂର୍ଖ ଏ ସମାଜରେ ନ ବଞ୍ଚିବା ଉଚିତ୍ ।

ହାରାମଣି- ତୁମେ ପରାଦିନେ କହୁଥିଲ- ଓକିଲ ମୁଢ଼ି ଖାଇବାକୁ ପଇସା ପାଏନି ।

ମୁରାରୀ- ମୁଁ କଥାକୁ କହିଥିଲିନା ସବୁ ଓକିଲା କଣ ସମାନ । ସେମାନଙ୍କର ସମାଜରେ ଗୋଟାଏ ସମ୍ମାନ ଅଛି । ତାଙ୍କର ଗୋଟାଏ ଅଙ୍ଗୀକାର ଅଛି । ତୁମେ ଖାଲି କହିଦେଲେ ହୋଇଗଲା ? ଆମ ମନ ଯଦି ଓକିଲାତି ପଢ଼ିଥାନ୍ତା, ମୁଁ ସବୁଠାରୁ ବେଶୀ ଖୁସି ହୋଇଥାନ୍ତି ।

ମନମୋହନ- (ହସି) ଏବେ କହୁ ନାହାନ୍ତି ପଢ଼ିଦେବି ।

ମୁରାରୀ- ହଉ ଠିକ୍ ଅଛି, ତୁ ନପଢ଼ିଲୁ ନାହିଁ । ମୁଁ ଗୋଟାଏ ଓକିଲାତି ପଢ଼ିଥିବା ବୋହୂ ଦେଖି ନିଶ୍ଚୟ ଘରକୁ ଆଣିବି ।

ହାରାମଣି- ଉଁ, ଓକିଲାତି ପଢ଼ୁଆ ବୋହୂ ଆସି କଚେରୀ ଯାଇ, ଖାଲି ଯାଙ୍କ ସପକ୍ଷରେ କେସ୍ ଲଢ଼ି ପକାଇବ ? ହୁଁ କଣ ଯେ କୁହନ୍ତି ତୁମକୁ, ତୁ ଚାଲିକୁ ମନ, ତାଙ୍କ କଥାରୁ କଣ ପାଇବୁ କହିଲୁ... ଚାଲ୍ । (ହାରାମଣି ମନମୋହନର ହାତଧରି ଘର ଭିତରକୁ ନେଇଗଲେ । ତାଙ୍କ ଗତି ପଥକୁ ଏକ ପ୍ରଶ୍ନିଳ ଆଖିରେ ଚାହିଁ ରହିଥିଲେ ମୁରାରୀ ମୋହନ । ମଂଚ ଅଂଧକାର ହେଲା ।)

ଦ୍ୱିତୀୟ ଦୃଶ୍ୟ

(ମୁରାରୀ ବାବୁଙ୍କ ପ୍ରତିଷ୍ଠିତ ମନାମୋହନ ମେସ୍ । ସାଇନ୍‌ବୋର୍ଡ଼ ଝୁଲୁଛି । ଘରର ଚାରିଟି ଦ୍ୱାର ଅଛି । ଘରର ଦୃଶ୍ୟ ସଜ୍ଜା ନରଖି ପ୍ରତୀକାତ୍ମକ ଦୃଶ୍ୟସଜ୍ଜାରେ ମଧ୍ୟ ଅଭିନୀତ ହୋଇପାରିବ । ଚାରିଟି ଚୌକି ପଡ଼ିଛି । ମେସ୍‌ର ଚାରିଜଣ ଛାତ୍ର

Digitized by srujanika@gmail.com

ବସିଛନ୍ତି । ସମସ୍ତେ ତରୁଣ । ଏକାଠି ବସି ଏକ ଗୁରୁତର ଆଲୋଚନାରେ ବ୍ୟସ୍ତ ।)

ପଦ୍ମନାଭ- କଥାଟା ଗୁରୁତର ଆକାର ଧାରଣ କରିବାକୁ ଯାଉଛି ।

ପ୍ରଶାନ୍ତ- ଗୁରୁତର ? ମାନେ ?

ପଦ୍ମନାଭ- ଘରଭଡ଼ା ଦଶମାସ ହେଲା ରହିଗଲାଣି, ବୁଢ଼ା ତ ଆଉ ରାଗରେ ମାଗୁନାହିଁ । ନିଶ୍ଚୟ ଆମ ବିରୁଦ୍ଧରେ କିଛି ଚକ୍ରାନ୍ତ କରୁଥିବ ।

ବିକ୍ରମ- ଆରେ ଯା, ସେ କି ଚକ୍ରାନ୍ତ କରିବ ମ । ଆମେ କଲେଜ ପିଲା । ଆମ ପଛରେ ବିପୁଳ ଶକ୍ତି ରହିଛି, ସେ କଣ ଆମର କରିପାରିବ ?

ପ୍ରଶାନ୍ତ- ତୁମେ କଲେଜର ଛାତ୍ର ହେଲ ବୋଲି କଣ ଯାହା ଇଚ୍ଛା ତାହା କରିବ ନା କ'ଣ ? ସବୁ କଥାରେ ତ ପୁଣି ଗୋଟାଏ ଶୃଙ୍ଖଳା ଅଛି ?

ବିକ୍ରମ- ଯା ବେ ବେଶୀ କଚ୍ଚକପାତିଆ ଭଲଲୋକଟା ଆସି ପହଞ୍ଚିଗଲା । ଉପଦେଶ ଦେଉଛି, ଉପଦେଶ ।

ପଦ୍ମନାଭ- ତୁ ଏମିତି କଣ କହୁଛୁ ବିକ୍ରମ ?

ଫିରୋଜ- ହଁ ସେ ଠିକ୍ କହିଛି, ଆମେ ତା ମେସ୍‌ରେ ଅଛୁ ବୋଲି ମନଇଚ୍ଛା ଆମ ଉପରେ ଅତ୍ୟାଚାର କରିବ ? ଯାହା ନାହିଁ ତାହା ବକିବ ? ଯେତେ ଚାହିଁବ ସେତେ ଭଡ଼ା ନେବ ?

ବିକ୍ରମ- ମୁଁ ଚାହିଁଲେ ତା ଆଗଦାନ୍ତ ଭାଙ୍ଗି ଦେବି । କଣ ଭାବିଛି କି ସେ ମୋତେ?

ପ୍ରଶାନ୍ତ- ଯେ ସବୁ ଭଲକଥା ନୁହେଁ ବିକ୍ରମ ।

ଫିରୋଜ- କଣ ଭଲ କଥା ନୁହେଁ ? ତୁମରି ମାନଙ୍କ ଭଳି ମାଇଚ଼ିଆଙ୍କ ପାଇଁ ସବୁ ଅସୁବିଧା ।

ବ୍ରିକମ- ଆରେ ଏଇଗୁଡ଼ାକ ତ ଅସଲ ଶିଖ୍ମନାଇ ।

ଫିରୋଜ- ମୁଁ କିଛି ମାନିବି ନାହିଁ । ଏ ମନ ମୋହନ ମେସ୍‌କୁ ଭାଙ୍ଗି, ଗଢ଼ିବି ଏଠି ଫିରୋଜ ମେସ୍ ।

ପଦ୍ମନାଭ- ନା, ନା, ତା ହେଇ ପାରିବ ନାହିଁ । ବିଶୃଙ୍ଖଳାର ଗୋଟାଏ ସୀମା ଅଛି । ତୁମେ ସବୁ ସୀମା ଲଘଂନ କରି ଯାଉଛ । ତାଙ୍କ ମେସ୍‌ରେ ରହି ଏତେଦିନ ଯାଏ ଭଡ଼ା ନଦେବାଟା ....

Digitized by srujanika@gmail.com

ଫିରୋଜ- ଆଉ ସେ ଯେଉଁ ଆମକୁ ସେଦିନ ଅସମ୍ମାନ କରି କଥା କହିଲା ?

ପ୍ରଶାନ୍ତ- ମୋ ଡାଡି ପ୍ରତିମାସକୁ ମାସ ଟଙ୍କା ପଠାଉଛନ୍ତି । ଯେତେବେଳେ ଜାଣିବେ ଯେ ମୁଁ ମେସ୍‌ଭଡ଼ା ବାକି ରଖିଛି....

ବିକ୍ରମ- ଜାଣିଲେ କ'ଣଟା କରି ପକାଇବେ ? ତୋତେ ଫାଶି ଦେଇଦେବେ, ନା ତେଜ୍ୟପୁତ୍ର କରିଦେବେ ?

ପଦ୍ମନାଭ- ହେ, ସେ ସବୁ ବାଜେ଼୍ୟ କଥା ବନ୍ଦ କର । ଏବେ ଏହାର ସମାଧାନ ବ୍ୟବସ୍ଥା କଣ ହେବ କୁହ ?

ବିକ୍ରମ- ସମାଧାନ ଆଉ କଣ ? ପରୀକ୍ଷା ଦେବା । ପରୀକ୍ଷା ପରେ ଘରକୁ ଯିବା । ଆମକୁ ମେସ୍ ଭଡ଼ା କେହି ମାଗିବାର ନାହିଁ କି ଆମର ଦବାର ନାହିଁ ।

ପ୍ରଶାନ୍ତ- ଯଦି ସେ ପୁଣି ମାଗନ୍ତି ?

ଫିରୋଜ- ପ୍ରଶ୍ନ ଉଠୁନାହିଁ ।

ପଦ୍ମନାଭ- ଯଦି ପୋଲିସ୍‌ର ଆଶ୍ରୟ ନିଅନ୍ତି ? କୋର୍ଟ କଚେ଼ରୀ କରନ୍ତି ?

ବିକ୍ରମ- ଆରେ ଯାଉନ- ମୁରାରୀ ଶତପଥୀ ଭଳିଆ ଗୋଟାଏ ଡରୁଆ ଛେଉଆ ଲୋକ ପୁଣି ଆମ ବିରୁଦ୍ଧରେ କୋର୍ଟ କଚେ଼ରୀ କରିବ ? ଆମକୁ ପୁଣି ପୋଲିସ୍ ହାଜତ୍‌ରେ ରଖିବ ?

ପଦ୍ମନାଭ- ତାଙ୍କୁ ଏତେ ଛୋଟ ମନେ କର ନାହିଁ । ସେ ସେତିକି ଧନ ସଂପଦ ଠୁଳେଇଛନ୍ତି କୋର୍ଟ କଚେ଼ରୀ କରିବା କଣ ତାଙ୍କ ପକ୍ଷରେ ଗୋଟାଏ ବଡ଼ କଥା ?

ଫିରୋଜ- ଆରେ ଯା ମ, ମତେ ଦେଖାଉଛି ଧନ ସଂପଦ ? ଆମ ଛାତ୍ର ଶକ୍ତି ନିକଟରେ ତା ଧନ ସଂପଦ ତା କୋର୍ଟ କଚେ଼ରୀ ସବୁ ହାର ମାନିଯିବ ।

ପ୍ରଶାନ୍ତ- ଆରେ ଭାଇ ସେସବୁ କଥା ଛାଡ଼ । ମୁଁ ଯାହା କହୁଛି, ଦୟାକରି ମୋ କଥା ଟିକିଏ ଶୁଣ ।

ବିକ୍ରମ- କଣ ତୋ କଥା ?

ପ୍ରଶାନ୍ତ- ବୁଢ଼ାଟା ସିନା ଟିକିଏ ତେଢ଼ା, କୃପଣ, ହେଲେ ମୁଁ ଯାହା ଜାଣେ ବୁଢ଼ୀଟା ଖୁବ୍ ଭଲ ଲୋକ ।

ଫିରୋଜ- ବୁଢ଼ୀ ଭଲ ହେଲେ କଣ ଟା ହୋଇଗଲା ?

ପ୍ରଶାନ୍ତ- ଘରଭଡ଼ା ଟିକିଏ କମ୍ କରି ବୁଢ଼ାକୁ କହି, କଥାଟା ମୀମାଂସା କରିଦେଲେ ଭଲ ହୁଅନ୍ତା ।

Digitized by srujanika@gmail.com

ବିକ୍ରମ- ଓହୋ, ତୁମ ମୁଣ୍ଡ କାହିଁକି ଏତେ ବଥୋଉଛି କହିଲ ?

ପଦ୍ମନାଭ- ଆମ ମୁଣ୍ଡ ବଥେଇବ ନାହିଁ ? ଆମେ ଏଠିକି ପାଠ ପଢ଼ିବାକୁ ଆସିଛୁ ନା ଏଠି କାଠଗଡ଼ାରେ ଛିଡ଼ା ହେବାକୁ ଆସିଛୁ ?

ପ୍ରଶାନ୍ତ- ଏମିତି ଏଠି ଗଣ୍ଡଗୋଳ ଲାଗି ରହିଲେ ମୁଁ ଏ ମେସ୍‌ଛାଡ଼ି ପଳେଇବି ।

ପଦ୍ମନାଭ- ହୁଁ ବୁଢ଼ା ତୋତେ ସହଜରେ ଛାଡ଼ିଦେବ ଭାବିଛୁ ? କିରେ ପ୍ରଥମରୁ ପରା ସେ ନାଆଁ ଗାଆଁ ସବୁ ଲେଖି ଆମଠୁଁ ବୁଝି ସହି ରଖିଛି ?

ଫିରୋଜ- ଉଁ, ସହି କରି ରଖି ଯେମିତି ଆମକୁ ଓଲଟାଇ ପକେଇବ । (ତାଚ୍ଛଲ୍ୟରେ) ହୁଁ, ଯାଉନ ...

ପଦ୍ମନାଭ- ତୁ ଫିରୋଜ ! ଏମିତି ଗୋଟାଏ ଏକସିଂହା ମଇଁଷୀ ଭଳି କାହିଁକି ହଉଛୁ କହିଲୁ ? କଥାଟା କେମିତି ସମାଧାନ କରିବା ସେକଥା ନଭାବି....

ବିକ୍ରମ- ସମାଧାନ ଗୋଟେ ପୁଣି କଣ ?

ପ୍ରଶାନ୍ତ- ବୁଢ଼ୀକୁ କହି ଘର ଭଡ଼ାଟା କମ୍ ରେଟ୍‌ରେ ଦେଇଦେବା...

ଫିରୋଜ- ବୁଢ଼ୀ ପାଖକୁ ଯିବା ଦରକାର ନାହିଁ । ସେମାନେ ବଳେ ଆମ ଗୋଡ଼ତଳକୁ ଆସିବେ । ଆଜି ନହେଲେ ବି କାଲି...

ହଳଧର- (ବାହାରୁ ଆସିଛି) କି ବିଚ଼ାର ପଡ଼ିଛିକିରେ ?

ବିକ୍ରମ- ଏଇ ଡରୁଆ ଗୁଡ଼ାକ ଖାଲି ଡରରେ ମରି ଯାଉଛନ୍ତି ।

ଫିରୋଜ- କହୁଛନ୍ତି କଣ ନା, ବୁଢ଼ୀ ପାଖରେ ଯାଇ ଶରଣ ପଶିବେ ।

ହଳଧର- ଏବେ ମୁଁ ଦେଖିଆସିଲି, ତାଙ୍କର ଅଧ୍ୟାପକ ପୁତ୍ରମଣି ବି ଆସିଛନ୍ତି ।

ବିକ୍ରମ- ହଁ କ'ଣ ହୋଇଗଲା ସେଇଠୁ ? ପୁଅ ଆସିଲେ କ'ଣ ଆମେ ଡରିଛୁ ? ହୁଁ, ବେଶୀ ଅଧ୍ୟାପକ ଦେଖେଇ ହଉଛି ।

ଫିରୋଜ- କେତେ ଅଧ୍ୟାପକ ଆମେ ଦେଖିଛୁ ହେ...

ହଳଧର- ଆରେ ଭାଇ; ପାଣିରେ ଘର କରି କୁମ୍ଭୀର ସାଙ୍ଗରେ କାହିଁକି କଳି କରୁଛ କହିଲ ?

ବିକ୍ରମ- କିରେ ତୋର କଣ ଆଜି ସ୍ୱର ବଦଳିଲାଣି ? ତୁ ପରା ସେଦିନ ଏତେ ଟାଣରେ କହୁଥିଲୁ, ଆମେ ମରିଯିବା ସିନା ହେଲେ ମେସ୍ ଛାଡ଼ିବା ନାହିଁ କି ସେ କୃପଣ ମୁରାରୀ ଶତପଥୀକୁ ଭଡ଼ା ଦେବାନାହିଁ ?

Digitized by srujanika@gmail.com

ହଳଧର- ଆରେ ଭାଇ ସେଦିନ ଗୋଟାଏ ଉତ୍ତେଜନାରେ କଣ କହି ଦେଇଥିଲି ବୋଲି ସେଇ କଥାକୁ କଣ ଧରି ରଖିଲେ ହେବ। ଆମେ ଛାତ୍ର, ଆମର ସୁଦୀର୍ଘ ଭବିଷ୍ୟତ ପଡ଼ିରହିଛି। ମୂଳରୁ ଏମିତି ଏ କନ୍ଦଳ ଘେରରେ ପଡ଼ିବାକୁ କିଏ ଚାହେଁ କହିଲ ?

ଫିରୋଜ- ଆରେ ସତରେ ଏଟା ଦୋମୁହାଁଟାଏ, ମୁଁ କହୁଥିଲି କଣ ନା...

ପଦ୍ମନାଭ- ତୋର ଆଉ କିଛି କହିବା ଦରକାର ନାହିଁ। ଆମେ ବୁଢ଼ା ନଥିବାବେଳେ କେତେବେଳେ ଗୋଟାଏ ସୁବିଧା ଦେଖି ବୁଢ଼ୀ ପାଖକୁ ଯିବୁ।

ବିକ୍ରମ- ହରଗିସ୍ ନେହିଁ। ତୁମେ ବୁଢ଼ୀ ପାଖକୁ ଗଲେ- ମୁଁ ଏ ମେସ୍‌ରେ ସିଧା ନିଆଁ ଲଗେଇ ଦେବି- ଜାଣିଥା।

ପ୍ରଶାନ୍ତ- ବିକ୍ରମ !

ବିକ୍ରମ- ହେ ବେ ରଖ ସେ ସବୁତାକ। ମୁଁ ଯାହା କହୁଛି ତାହାହିଁ କରିବି। ଦେଖିବା ମୋର କିଏ କଣ କରିବ ?

ପଦ୍ମନାଭ- ନା, ସେ କୋର୍ଟ କଚେରୀ ପର୍ଯ୍ୟନ୍ତ ନଗଲେ ଶାନ୍ତି ହେବେ ନାହିଁ। (ଏହି ସମୟରେ ବାହାରୁ ଆସିଛନ୍ତି- ପ୍ରତାପ ସାମନ୍ତରାୟ ବିକ୍ରମର ଡାଡି)

ପ୍ରତାପ- ଆରେ କି କୋର୍ଟ କଚେରୀ ? ତୁମେ ପାଠ ପଢ଼ିବାକୁ ଆସିଛ ନା କୋର୍ଟ କଚେରୀ କରିବାକୁ ଆସିଛ ?

ବିକ୍ରମ- ନା ଡାଡି, ଏମିତି କୋର୍ଟ କଚେରୀ କଥା ଆମେ କଥା ହେଉଥିଲୁ ନା...

ପ୍ରତାପ- କଣ କୋର୍ଟ କଚେରୀ ବିଷୟରେ କଥା ହେଉଥିଲ ଶୁଣେ ?

ଫିରୋଜ- ଆମେ କହୁଥିଲୁ କଣ କି ମଉସା, ଯେ ଚୋର ଡକାୟତ ଗୁଡ଼ାକ ଚୋରି ଡକାଇତି କରି ମଧ କୋର୍ଟ କଚେରୀରୁ ଖସି ଯାଉଛନ୍ତି।

ପ୍ରତାପ- ଆରେ ବର୍ତ୍ତମାନ ତ ସମୟ ସେଇମିତି ହେଇଛି, କାହାକୁ କଣ କହିବ ? ଆଜି କେଉଁଠି ଆଉ ନ୍ୟାୟ ବିଚାର ବୋଲି କିଛି ଅଛି ? (କଥା ବଦଳାଇ) ହଁ କଥା କଣ କି ମୁଁ ଆସିଥିଲି ତ, ତୋର ମାସିକିଆ ଖର୍ଚ୍ଚ ଟଙ୍କା ଏକାଥରେ ଦେଇଯିବି ଭାବିଲି। ପୁଣି ଆଉ କାହିଁକି ମନିଅର୍ଡ଼ରରେ ମାସୁଲ ଗଣିଥାନ୍ତି ? ଏଇନେ

Digitized by srujanika@gmail.com

ତୋ ମାସିକିଆ ଖର୍ଚ୍ଚଟଙ୍କାଟା ରଖିଦେ । (ପ୍ରତାପ ବାବୁ ଟଙ୍କା ବଢ଼ାଇଦେଲେ ବିକ୍ରମ ଟଙ୍କା ନେଇ ରଖିଲା ।)

ପ୍ରତାପ- ଆଉ ତୋର ଦେହ ପା ସବୁ, ଭଲ ତ ?

ବିକ୍ରମ- ହଁ ଭଲ ଅଛି ।

ପ୍ରତାପ- ହେଉ ତୁମେ ସବୁ ଥାଅ, ମୁଁ ଆସୁଛି ।

ହଳଧର- ମଉସା, ଆଜିକ ଏଠି ରହୁନାହାନ୍ତି କାଲି ଯିବେ ?

ପ୍ରତାପ- ନାଇଁରେ ମୋର ତେଣେ ଟିକେ ଜରୁରୀ କାମଅଛି ।

ବିକ୍ରମ- ଉଁ, ଏଠି ତ ରହିବା ପାଇଁ ଭାରି ବଢ଼ିଆ ମେସ୍‌ଟା ହେଇଛି ?

ପ୍ରତାପ- କାହିଁକି ? ଏଠି ଖରାପ କଣ ହେଇଛି ? ଯଦି ଏହି ମେସ୍‌ରେ ତୁମର ସବୁ ଅସୁବିଧା ହେଉଛି, ତେବେ ହଷ୍ଟେଲକୁ ଚାଲିଯାଉନ ?

ଫିରୋଜ- ହଷ୍ଟେଲ୍‌ରେ ସିଟ୍ କେଉଁଠି ମିଳୁଛି ମଉସା ? ବେଶୀ ନମ୍ବର ରଖିଥିବା ନାଆଁରେ ହଷ୍ଟେଲ ସିଟ୍ ଦେବାରେ ତ କଲେଜ ପ୍ରିନିସ୍‌ପାଲ, ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କ ମନମୁଖୀ କାରବାର ହେଉଛି । ସେ ଯାହାକୁ ଚାହିଁବେ ତାକୁ ଦେବେ ।

ପ୍ରତାପ- ଆରେ ନାହିଁରେ, ସେ କଣ ତୁମର ଶତ୍ରୁ ? ହୁଏ ତ ଗୋଟାଏ କିଛି ନୀତି ନିୟମ ରଖି ଦେଉଥିବେ ।

ବିକ୍ରମ- ନା, ଡାଡି, ତୁମେ ଜାଣିନ, ସେମାନଙ୍କ କଥା ।

ପ୍ରତାପ- ହଉ ଠିକ୍ ଅଛି, ହଷ୍ଟେଲ ଯଦି ନହେଇ ପାରିବ ତେବେ ଆଉ କେଉଁ ଭଲ ମେସ୍ ଦେଖିକି ଚାଲିଯାଅ । ଏଠି ଯଦି ଅସୁବିଧା ହେଉଛି ରହିବ କାହିଁକି ?

ପଦ୍ମନାଭ- ଅସୁବିଧା ସେମିତି କିଛି ନାହିଁ । ତେବେ....

(ଅଲକ୍ଷ୍ୟରେ ବିକ୍ରମ ଓ ଫିରୋଜକୁ ଆଖି ବଡ଼ ବଡ଼ କରି ଡରେଇଛନ୍ତି । କୌଣସି ସୂଚନା ଦେବାକୁ ବାରଣ କରିଛନ୍ତି ।)

ପ୍ରତାପ- ତେବେ ଆଉ କଣ ? ଯଦି ସେମିତି ବିଶେଷ କିଛି ଅସୁବିଧା ନହେଉଛି, ତେବେ ଏଠି ରହିଯାଅ । ପରୀକ୍ଷାଟା ସରିଯାଉ... (କଥା ବଦଳାଇ) ହଉ ମୁଁ ଯାଏ...

(ସମସ୍ତେ ପ୍ରତାପବାବୁଙ୍କୁ ନମସ୍କାର କରିଛନ୍ତି ।)

Digitized by srujanika@gmail.com

ପ୍ରତାପ- ହଉ ହେଲା ହେଲା.... ତୁମେ ରୁହ, ମୁଁ ତେବେ ଆସୁଛି।
(ଯିବାକୁ ବାହାରିଛନ୍ତି)

ବିକ୍ରମ- ଚାଲନ୍ତୁ ତାଡି ମୁଁ ଷ୍ଟେସନ୍‌ରେ ଛାଡ଼ି ଆସିବି। ଫିରୋଜ ତୁ ଯିବୁ ?

ଫିରୋଜ- ହଁ ଚାଲୁନ୍ତୁ....
(ପ୍ରତାପ ବାବୁଙ୍କ ସହିତ ଫିରୋଜ, ବିକ୍ରମ ବାହାରକୁ ଯାଇଛନ୍ତି। ତାଙ୍କ ଗତିପଥକୁ ଚାହିଁ ରହିଛନ୍ତି ଅନ୍ୟମାନେ। ମଂଚ ଅଂଧାର ହୋଇ ଆସିଛି।)

ତୃତୀୟ ଦୃଶ୍ୟ

(ମୁରାରୀଙ୍କ ବୈଠକଖାନା। ସମୟ ଅପରାହ୍ନ। ମୁରାରୀଙ୍କ ପତ୍ନୀ ହାରାମଣି ବସି ଉଲ୍ ବୁଣୁଥାନ୍ତି। ଭିତରୁ ଆସିଛନ୍ତି ମୁରାରୀ ମୋହନ। ବାହାରକୁ କେଉଁ କାମରେ ଯିବାକୁ ବାହାରିଛନ୍ତି। ଧୋତି ପଂଛାବୀ, କାନ୍ଧରେ ଧଡ଼ିପକା ଚଦର)

ମୁରାରୀ- ପୁଣି ଗୋଟାଏ ସ୍ୱେଟର କାହାପାଇଁ ବୁଣା ଚାଲିଲାଣି ?

ହାରାମଣି- କାହିଁକି ? ଏଥିରେ ବି ତୁମର ଅଧିକ ଖର୍ଚ୍ଚ ହୋଇ ଯାଉଛି, ନୁହେଁ ?

ମୁରାରୀ- ଓ ହୋଃ ମୁଁ କଣ ସେକଥା କହିଲି ? ସବୁଥିରେ ତୁମର ଖାଲି ସେମିତିକା କଥା ?

ହାରାମଣି- ମୁଁ ଯାହା କୁହେ, ଗୁରୁଙ୍କ ଅସଲ କଥା କୁହେ। ସେଇଥିପାଇଁ ମୁଁ ହୁଏ ଅପ୍ରିୟ।

ମୁରାରୀ- ଓଃ ସତରେ ତୁମକୁ ପାରିହବନି। ହଉ ଛାଡ଼ ସେକଥା, ମନ କୁଆଡ଼େ ଗଲା କି ?

ହାରାମଣି- ତୁମେ ଠାକୁର ପୂଜା କରୁଥିଲ, ତା ସାଙ୍ଗମାନେ ଆସିଥିଲେ, ତାଙ୍କ ସାଙ୍ଗରେ କୁଆଡ଼େ ବାହାରକୁ ଗଲା ତ ?

ମୁରାରୀ- ହଉ ଶୁଣ, ମୁଁ ଟିକିଏ ବାହାରକୁ ଯାଉଛି, ଫେରିବାକୁ ଟିକିଏ ଡେରି ହେବ।

ହାରାମଣି- ଡେରିହେବ ?

ମୁରାରୀ- ହଁ ଟିକିଏ ଓକିଲ ପାଖକୁ ଯିବି।

ହାରାମଣି- ଓକିଲ ପାଖକୁ ?

Digitized by srujanika@gmail.com

ମୁରାରୀ- ହଁ ତୁମକୁ କହୁନଥିଲି, ଯେମିତି ହେଲେ ସେ ଟୋକାକୁ ତ ଭଲକି ପାନେ ଦେବାକୁ ହେବ ।

ହାରାମଣି- ଆରେ ରୁହ, ଏତେ ବ୍ୟସ୍ତ କାହିଁକି ହଉଛ । ଦେଖ କେଉଁ ପାଣି କୁଆଡ଼କୁ ଯାଉଛି ?

ମୁରାରୀ- ଓହୋଃ ଯେଉଁ ପାଣି ଯୁଆଡ଼କୁ ଯାଉଥାଉ, ମତେ ପୁଣି ଗୋଟାଏ କିଛି ବାଟ ଦେଖିବାକୁ ପଡ଼ିବ । କୋର୍ଟ କଚେରୀ ହେଉ ବା ନହେଉ ତାପୂର୍ବରୁ ଓକିଲ ପରାମର୍ଶ କରିବା ମୋର ନିହାତି ଦରକାର ।

ହାରାମଣି- ତୁମକୁ ପରା ଏତେ କରି ବାରଣ କଲି, ତୁମେ ସେ ଓକିଲ କି କୋର୍ଟ କଚେରୀ ପଛରେ ଧାଅଁନି ବୋଲି । ଟିକିଏ ଅପେକ୍ଷା କର ଦେଖିବ, ସମୟ ବଳେ ସବୁ ସମାଧାନ କରିଦେବ ।

ମୁରାରୀ- ସମୟ ତ ଗଡ଼ି ଯାଉଛି, ସମୟ କଣ ସମାଧାନ କରିବ ? ସମୟ କ'ଣ କାହାକୁ କେବେ ଅପେକ୍ଷା କରେ ?

ହାରାମଣି- ମୁଁ ତୁମ ସାଙ୍ଗରେ ଏତେ ଯୁକ୍ତିକରି ପାରିବି ନାହିଁ । ତୁମର ଯାହା ଇଚ୍ଛା ହେଉଛି, କର । ପଛରେ କିନ୍ତୁ ନିଶ୍ଚୟ ପସ୍ତେଇବ ।

ମୁରାରୀ- ପସ୍ତେଇବି ? କ'ଣ ପସ୍ତେଇବି ?

ହାରାମଣି- ସେ କଲେଜ ପିଲା ବାଳୁଙ୍ଗା ଟୋକାଙ୍କଠୁ ଦିଇଟା ଉତ୍ତମ ମଧ୍ୟମ ଖାଇବ ଯେତେବେଳେ ସେତେବେଳେ ବଳେ ବୁଝିପାରିବ ।

ମୁରାରୀ- ଆରେ ଯା ମ... ଉତ୍ତମ ମଧ୍ୟମ ଦେବା ଏତେ ଖାଲି ଶସ୍ତା ହେଇଛି, ନୁହେଁ ?

ହାରାମଣି- ହଉ ଅପେକ୍ଷା କର ! ଶସ୍ତା କି ମହଙ୍ଗା ବଳେ ଜାଣିପାରିବନି ?

ମୁରାରୀ- ଛାଡ଼ ହେ, କାହା ଜିଭରେ ହାଡ଼ ହେଲାଣି ମୁରାରୀ ମୋହନ ଶତପଥୀ ଦେହରେ ପୁଣି ହାତ ଲଗେଇବ ?

ହାରାମଣି- ହଉ ଯାଅ, ମୋର ଆଉ କିଛି କହିବାର ନାହିଁ । ତୁମ କାମ ସାରି ଶୀଘ୍ର ଫେରି ଆସିବ । ଖାଇବାବେଳ ଯଦି ଗଡ଼ିଯିବ, ପୁଣି ତୁମର ସେ ପୁରୁଣା ଗାଷ୍ଟ୍ରିକ୍ ବାହାରି ପଡ଼ିବ ।

ମୁରାରୀ- ନା, ତୁମେ ମୋ ପାଇଁ ଅପେକ୍ଷା କରିବ ନାହିଁ, ଖାଇନେବ । ମୁଁ ବରଂ ସିଆଡ଼େ ଖାଇଦେବି ।

Digitized by srujanika@gmail.com

ହାରାମଣି- ସିଆଡ଼େ ଖାଇଦେବ ? କାହିଁକି ? କଣ ତୁମର ଓକିଲ ପରାମର୍ଶ ଏତେ ସମୟ ଲାଗିବ ?

ମୁରାରୀ- ଓକିଲ ପରାମର୍ଶ ସାରି ଗୋଟାଏ ଓକିଲାତି ପଢୁଆ ବୋହୂ ଖୋଜିବାକୁ ଯିବି ।

ହାରାମଣି- ଏଁ କ'ଣ କହିଲ ? ଓକିଲାତି ପଢୁଆ ବୋହୂ ? କଣ ବୋହୂ ଗୁଡ଼ାକ କୁଆଡ଼େ ହଜିଯାଇ କେଉଁଠି ବୁଲୁଛନ୍ତି ଯେ ତୁମେ ଯାଇ ଖୋଜି ଆଣିବ ?

ମୁରାରୀ- ହଜିବା ବୋହୂକୁ ମୁଁ ଖୋଜିବା ପାଇଁ ଯାଉନି । ମୁଁ ଯିବି ଶହିଦ ନଗରରେ ନୂଆ କରି ଖୋଲିଥିବା ଘଟସ୍ତୃତ୍ର ଅଫିସକୁ । ସେଠାରେ ଆମ ମନର ନାମଟା ରେଜିଷ୍ଟ୍ରେସନ୍ କରି ଆସିବି । ମନର ସଂପୂର୍ଣ୍ଣ ବାଇଓଡାଟା ଦେଇ ଆସିବି । ସେ ମୋତେ 'ଲ' ପଢୁଆ ବୋହୂର ସନ୍ଧାନ ଦେବେ ।

ହାରାମଣି- ଓଃ ଏମିତି କଥା ? ଘଟସ୍ତୃତ୍ର ଅଫିସ୍‌କୁ କାହିଁକି ଯିବ ? ଖବର କାଗଜରେ ଗୋଟାଏ ବିଜ୍ଞାପନ ଦେଇ ଦଉନ...

ମୁରାରୀ- ଖବରକାଗଜରେ ବିଜ୍ଞାପନ ଦେଲେ କେତେ ଖର୍ଚ୍ଚ ଲାଗିବ ଜାଣିଛ ?

ହାରମଣି- ଘଟସ୍ତୃତ୍ର ଅଫିସ୍‌ରେ କଣ ମାଗଣାରେ ହୋଇଯିବ କି ?

ମୁରାରୀ- ଆରେ ଖବରକାଗଜ ବିଜ୍ଞାପନ ତୁଳନାରେ ଘଟସ୍ତୃତ୍ର ଅଫିସ୍ ଖର୍ଚ୍ଚ ବିଶେଷ କିଛି ନୁହେଁ । ତା'ଛଡ଼ା ଥରେ ଖବର କାଗଜରେ ବିଜ୍ଞାପନଟା ବାହାରିଲେ ନା... ଆଉ ରକ୍ଷା ନାହିଁ ।

ହାରାମଣି- ଆଉ ରକ୍ଷା ନାହିଁ, ମାନେ ?

ମୁରାରୀ- କାଳୀ, କୋତିରୀ, ଗେଡ଼ି, ଡେଙ୍ଗୀ ମୋଟି ସବୁ ଆସି ପହଞ୍ଚିବେ, ତାଙ୍କଠୁ ମୁକ୍ତି ପାଇବା ପୁଣି ମୁସ୍କିଲ୍ ହୋଇପଡ଼ିବ । ତାହା ପୁଣି ମହରଗରୁ ଯାଇ କାନ୍ତାରରେ ପଡ଼ିବା କଥା ହେବ ।

ହାରାମଣି- ହଉ ଯାଅ, ଯାହା ଭଲ ଭାବୁଛ, ସେଇ ବାଟରେ ଯାଅ ।

ମୁରାରୀ- ହଉ ଠିକ୍ ଅଛି- ମୁଁ ଚାଲିଲି, କବାଟଟା ଦେଇ ଦିଅ । (ବାହାରକୁ ଚାଲିଗଲେ । ତାଙ୍କ ଯିବାବାଟକୁ କିଛି ସମୟ ଚାହିଁ ରହିଲେ ହାରାମଣି । ତାପରେ ଯାଇ ବାହାର ଦରଜା ବନ୍ଦ କଲେ । ତା'ପରେ ଆସି ପୁଣି ଉଲ୍ ବୁଣିଲେ । କେତୋଟି

Digitized by srujanika@gmail.com

ମୁହୂର୍ତ୍ତର ନୀରବତା ପରେ କଲିଂବେଲ୍ ବାଜି ଉଠିଲା । ସୋଫାରୁ ଉଠି ଠିଆ ହେଲେ ହାରାମଣି । ପୁଣି କଲିଂ ବେଲ୍ ବାଜିଲା । ବ୍ୟସ୍ତ ହୋଇ ଉଠିଲେ ।)

ହାରାମଣି- (ସ୍ୱଗତଃ) କିଏ ଆସିଲା ? ମନ କଣ ଏତେ ଶୀଘ୍ର ଫେରି ଆସିଲା ?

(କଥା ବଦଳାଇ ବଡ଼ ପାଟିରେ)

କିଏ ? ମନ କିରେ ?

(ଅନ୍ତରାଳରୁ ଏକ ମିଳିତ ସ୍ୱର ଭାସି ଆସିଲା- ନାଇଁ ମାଡାମ୍ ଆମେ । କବାଟ ଖୋଲିଲେ ହାରାମଣି । ବୈଠକଖାନା ଭିତରକୁ ପଶି ଆସିଲେ ମନମୋହନ ମେସ୍‌ର ଅନ୍ତେବାସୀ ବୃନ୍ଦ । ମନେ ମନେ ଭୟଭୀତ ହୋଇ ଉଠିଲେ ହାରାମଣି ।)

ହାରାମଣି- ଆପଣମାନେ ?

ପଦ୍ମନାଭ- ଆମେ ଆପଣଙ୍କ ପୁଅ ଭଳି, ଆମକୁ ଆପଣ ବୋଲି କ'ଣ ସମ୍ବୋଧନ କରୁଛନ୍ତି ?

ହାରାମଣି- କିଏ ତୁମେମାନେ ? ମୁଁ ଠିକ୍ କରି ଚିହ୍ନି ପାରୁନି ।

ପ୍ରଶାନ୍ତ- ଆମେ ଆପଣଙ୍କ ମନମୋହନ୍ ମେସ୍‌ରେ ରହୁଛୁ ।

ହାରାମଣି- ହଁ କଣ ହେଲା ? ସେ ତ ଘରେ ନାହାନ୍ତି ?

ହଳଧର- ଆମେ ଆପଣଙ୍କ ପାଖକୁ ଆସିଛୁ ମାଡାମ୍ ।

ହାରାମଣି- ମୋ ପାଖକୁ ଆସିଛ ? ମୋ ପାଖକୁ କାହିଁକି ? ମୁଁ ତୁମର କି କାମରେ ଆସିବି ?

ପଦ୍ମନାଭ- ଆମକୁ ବଞ୍ଚାନ୍ତୁ ମାଡାମ୍ । ଆମକୁ ବଞ୍ଚାନ୍ତୁ ।

ହାରାମଣି- ଆରେ କ'ଣ ହେଇଛି କୁହ । ମୁଁ ତୁମକୁ କଣ ବଞ୍ଚେଇବି ?

ପ୍ରଶାନ୍ତ- ମାଉସୀ ଆମର ଭୁଲ ହେଇଯାଇଛି । ଆମ ସାଙ୍ଗରେ ମେସ୍‌ରେ ଦିଇଟା ପିଲା ରହନ୍ତି । ଅତି ଉଦ୍ଧତ । ସେମାନେ ମଉସାଙ୍କୁ ଅପମାନ ଦେଇଛନ୍ତି । ଆମକୁ ଡରେଇ, ଆଖି ଦେଖେଇ ମେସ୍ ଭଡ଼ା ଦେବା ବନ୍ଦ କରିଛନ୍ତି ।

ହାରାମଣି- ତୁମେ କେମିତି ତାଙ୍କରି ବୁଦ୍ଧିରେ ପଡ଼ି ମେସ୍ ଘର ଭଡ଼ା ବନ୍ଦ କରିଦେଇଛ ?

Digitized by srujanika@gmail.com

ପଦ୍ମନାଭ- ଆମର ଭୁଲ୍ ହୋଇ ଯାଇଛି ମାଡାମ୍ !

ହାରାମଣି- ତେବେ ମତେ କଣ କହୁଛ ? ମୁଁ ତୁମକୁ କି ସାହାଯ୍ୟ କରିପାରିବି ?

ହଳଧର- ଆମେ ନରିଆ ଚା ଦୋକାନରୁ ଶୁଣିଲୁ, ମଉସା କୁଆଡ଼େ ଯାଇଛନ୍ତି, ଆମ ନାଆଁରେ ପୋଲିସ୍‌ରେ ଦେବେ ।

ପ୍ରଶାନ୍ତ- ଆମ ନାଆଁରେ କୁଆଡ଼େ କେସ୍ କରିବେ ।

ହାରାମଣି- ତୁମେମାନେ ଦଶମାସ ହେଲା ତାଙ୍କୁ ମେସ୍ ଘର ଭଡ଼ା ଦଉନାହଁ । ସେ କୋର୍ଟ କଚେରୀ ଆଶ୍ରୟ ନେବେ ନାହିଁ ଆଉ କଣ କରିବେ ?

ହଳଧର- ଆମ ଭୁଲ୍ ଆମେ ବୁଝିପାରିଛୁ ମାଡାମ୍ ! ଆମକୁ ରକ୍ଷା କରନ୍ତୁ ।

ପଦ୍ମନାଭ- ମଉସାଙ୍କୁ କହି ଆମକୁ ବଂଚାନ୍ତୁ ।

ପ୍ରଶାନ୍ତ- ଆମେ ସବୁ ଘରଭଡ଼ା ଦେଇଦେବୁ ।

ହଳଧର- କହିଦେ ଯଦି ଏବେ ଆମେ ଦେଇଦେବୁ ।

ହାରାମଣି- ନାଇଁରେ ବାବା, ସେ ନାହାନ୍ତି । ମୁଁ ତୁମ ପାଖରୁ ଟଙ୍କା ହାତରେ ଧରିବି ? ସେ ଆସିଲେ ଏ ଘରେ ଖଣ୍ଡ ପ୍ରଳୟ ସୃଷ୍ଟି କରି ଦେବେନି ?

ପ୍ରଶାନ୍ତ- ତେବେ ଆମେ କ'ଣ କରିବୁ ମାଉସୀ ! ଆମକୁ ସାହାଯ୍ୟ କରନ୍ତୁ ।

ହାରାମଣି- ମୁଁ କଣ କରିବି, ତୁମେମାନେ ସବୁ କଲେଜରେ ପାଠ ପଢୁଛ । ତୁମର ଟିକିଏ ଗୁରୁ ଗୁରୁଜନ ଜ୍ଞାନ ନହିଁ ? କାହାକୁ କିପରି ବ୍ୟବହାର କରାଯାଏ ଜଣାନାହିଁ ?

ପଦ୍ମନାଭ- ଆମର କିଛି ଦୋଷ ନାହିଁ ମାଡାମ୍ ! ସେଇ ଦିଇଟା ବଦମାସ୍‌ଙ୍କ ବୁଦ୍ଧିରେ ପଡ଼ି ....

ହରାମଣି- ହଁ ସେମାନେ ବଦ୍‌ମାସ୍ ଆଉ ତୁମେ ସବୁ ସୁନାମୁଣ୍ଡା, ଖୁବ୍ ଶାନ୍ତ, ସୁଧୀର ନୁହେଁ ?

ହଳଧର- ହଉ ଠିକ୍ ଅଛି, ତୁମେମାନେ ସବୁ ଯାଅ; ମଉସା ଆସିଲେ ତାଙ୍କ ସାଙ୍ଗରେ ଏ ବିଷୟରେ ମୁଁ କଥାହେବି ।

ପ୍ରଶାନ୍ତ- ହଉ ତେବେ ଆମେ ଆସୁଛୁ ମାଉସୀ !

Digitized by srujanika@gmail.com

ପଦ୍ମନାଭ- ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଳଧର- ଆପଣଙ୍କ ଋଣ ଆମେ ଜୀବନରେ ଶୁଝି ପାରିବୁ ନାହିଁ ।

ହଳଧର- ଆମେ ତେବେ ଆସୁଛୁ ମାଡାମ୍, ନମସ୍କାର । (ସେମାନେ ଚାଲି ଯାଉଥିଲେ)

ହାରାମଣି- ହଁ ଶୁଣ

ପଦ୍ମନାଭ- ଆମକୁ ଡାକିଲେ ମାଡାମ୍ !

ହାରାମଣି- ହଁ,

ହଳଧର- ପୁଣି କ'ଣ ମାଡାମ୍ ?

ହାରାମଣି- ତୁମେ ସବୁ ଆସିଛ, ସେ ଦୁଇ ଜଣ କାହାନ୍ତି ?

ପ୍ରଶାନ୍ତ- ସେମାନେ ଆସି ନାହାନ୍ତି ।

ହାରାମଣି- ତେବେ ? ସେମାନେ ଅସଲ ଆସାମୀ ହେଇ ତାଙ୍କର ତ ଦେଖା ନାହିଁ । ଆଉ ମୀମାଂସା ପୁଣି କଣ ହେବ ?

ହଳଧର- ସେମାନେ ବଳେ ବାଟକୁ ଆସିଯିବେ ମାଡାମ୍ !

ହାରାମଣି- ଖାଲି ତୁମେ ନିଜେ ନିଜେ କହିଦେଲେ ହେଇଗଲା ? ତାଙ୍କ ଗାରେଣ୍ଟି କିଏ ଦବ ?

ପଦ୍ମନାଭ- ତାଙ୍କ ଘରଭଡ଼ା ଆମେ ଆଦାୟ କରିବାର ବ୍ୟବସ୍ଥା କରିଦେବୁ ମାଡାମ୍ !

ହଳଧର- ଆମେ ସେ ଦିଇଟାକୁ ନିଶ୍ଚୟ ଆପଣଙ୍କ ଗୋଡ଼ ତଳକୁ ଆଣିବୁ । ନହେଲେ ....

ହାରାମଣି- ନହେଲେ ?

ପଦ୍ମନାଭ- ନହେଲେ ଆପଣ ଯାହା ଦଣ୍ଡ ଦେବାର ଦେବେ ।

ହାରାମଣି- ମୋର କିଛି ଦଣ୍ଡ ଦେବାର ନାହିଁ । ଆଇନ୍ କାନୁନ୍‌ରେ ଯାହା ତୁମକୁ ଦଣ୍ଡ ମିଳିବାର କଥା ମିଳିବ ।

ପ୍ରଶାନ୍ତ- ନାଇଁ ମାଉସୀ; ଆପଣ ଆଉ ସେକଥା କୁହନ୍ତୁ ନାହିଁ ।

ପଦ୍ମନାଭ- ପରୀକ୍ଷା ଆଉ ଅଳ୍ପଦିନ ରହିଲା । ଏ କଥାର ଗୋଟାଏ ସହଜ ମୀମାଂସା ନହେଲେ ଆମେ ଠିକ୍ ଭାବରେ ପାଠ ପଢ଼ିପାରିବୁ ନାହିଁ ଯେ ?

ହାରାମଣି- ହଉ ଯାଅ ଦେଖ, ତୁମର ସେ ଦୁଇ ବନ୍ଧୁ ତୁମ କଥାକୁ କେମିତି ଗ୍ରହଣ କରୁଛନ୍ତି ?

Digitized by srujanika@gmail.com

ହଳଧର- ମାଡାମ୍, ଆପଣ ସତରେ ମହାନ୍ ।

ପ୍ରଶାନ୍ତ- ଆପଣଙ୍କ ପାଖରୁ ଏମିତି ବିପଦ ଆଶ୍ୱାସନା ଭରା କଥା ଶୁଣିବୁ, କେବେ ବି କଳ୍ପନା କରିନଥିଲୁ ।

ହାରାମଣି- ହଉ ତୁମେ ଯାଆ । ସେମାନଙ୍କ ମତି ଗତି ଲକ୍ଷ୍ୟ କରି ମତେ ଆସି ଦୁଇଦିନ ଛାଡ଼ି କହିବ । (ସେମାନେ ଚାଲି ଯାଉଥିଲେ) ହଁ ଶୁଣ, ସମସ୍ତେ ଆସିବା ଦରାକର ନାହିଁ । ଯିଏ ହେଲେ ଦୁଇଜଣ ଆସି ମତେ ଖବରଟା ଦେଇଯିବ ।

ପଦ୍ମନାଭ- ହଁ ଆମେ ଆସି ଜଣେଇବୁ ମାଡାମ୍ !
(ସମସ୍ତେ ହାତ ଯୋଡ଼ି ନମସ୍କାର କରି ଚାଲି ଯାଉଛନ୍ତି । ସେମାନଙ୍କ ଗତି ପଥକୁ ଚାହିଁ ରହିଛନ୍ତି ହାରାମଣି । କିଛି ସମୟ ପରେ ପ୍ରକୃତିସ୍ଥ ହୋଇଛନ୍ତି)

ହାରାମଣି- ଆରେ ଗଦ ଠିକ୍ କାମ ଦେଇଛି । ମୁଁ ଯାଙ୍କ ଉପରେ ଖାଲିଟାରେ ବିଗୁଡ଼ି ଥିଲି । କୋର୍ଟ କଚେରୀକୁ କାହାର ଭୟ ନାହିଁ ?
(ଏହି ସମୟରେ ବାହାରୁ ଆସିଛନ୍ତି ମନମୋହନ)

ମନମୋହନ- କୋଉ କୋର୍ଟ କଚେରୀ କଥା କହୁଛୁ ବୋଉ ?

ହାରାମଣି- କୋଉ କଥା ଆଉ କହିବି । ଏଇ ଯେଉଁଥିପାଇଁ ତୋ ବାପାଙ୍କ ଆଖିକୁ ନିଦ ନାହିଁ ।

ମନମୋହନ- ହଁ କଣ ହେଲା ?

ହାରାମଣି- ତୋ ବାପା ଯାଇଛନ୍ତି କୋଉ ଓକିଲ ପରାମର୍ଶ କରିବା ପାଇଁ । ସେ କଥା ମେସ୍ ପିଲାଏ ଶୁଣି ମୋ ପାଖକୁ ଆସିଥିଲେ ।

ମନମୋହନ- (ବିସ୍ମୟରେ) ତୋ ପାଖକୁ ଆସିଥିଲେ ?

ହାରାମଣି- ହଁ, ମୀମାଂସା କରିବାକୁ ।

ମନମୋହନ- (ଖୁସି ହୋଇ) ତାହେଲେ ତୁ ତ ଏଇନେ ଗୋଟାଏ ବଡ଼ ବିଚାରପତି ଆସନରେ ?

ହାରାମଣି- ହଁ ତୁ କହିବୁନି କାହିଁକି ?

ମନମୋହନ- ସେମାନେ ସରେଣ୍ଡର୍ କରିଛନ୍ତି ତ ? ଆଉ ଭାବନା କଣ ?

ହାରାମଣି- ସେମାନେ ସବୁ ସର୍ତ୍ତରେ ରାଜି । କିନ୍ତୁ ....

ମନମୋହନ- କିନ୍ତୁ ? କିନ୍ତୁ ପୁଣି କଣ ?

Digitized by srujanika@gmail.com

ହାରାମଣି- ସେମାନଙ୍କ ସାଙ୍ଗରେ ସେଇ କେଉଁ ଦିଇଟା ଅତି ଉଦ୍ଧତ, ଯେଉଁମାନେ ଏ କାଣ୍ଡ ଭିଆଇଥିଲେ, ସେ ଦିଇଟା ଆସି ନଥିଲେ ।

ମନମୋହନ- ସମସ୍ତେ ଯେଉଁଠି ବାଟକୁ ଆସିଲେଣି, ସେ ଦିଇଟା କୁଆଡ଼େ ଯିବେ ? ବଳେ ବାଟକୁ ଆସି ଯିବେନି ? (କଥା ବଦଳାଇ) ବାପା କୁଆଡ଼େ ଯାଇଛନ୍ତି ?

ହାରାମଣି- କହିଲି ପରା ଓକିଲ ପରାମର୍ଶ କରିବାକୁ ।

ମନମୋହନ- କେତେବେଳୁ ଗଲେଣି ?

ହାରାମଣି- ତୋ ଯିବାର କିଛି ସମୟ ପରେ ।

ମନମୋହନ- ଏଯାଏ ଫେରିଲେ ନାହିଁ ଯେ ?

ହାରାମଣି- ସେ ଏବେ ଫେରିବେ ନାହିଁ ।

ମନମୋହନ- କାହିଁକି ?

ହାରାମଣି- ଓକିଲ ପାଖରୁ କାମସାରି ସେ ଯିବେ ବୋହୂ ଖୋଜିବାକୁ ।

ମନମୋହନ- ବୋଉ ! (ଉଚ୍ଚ ସ୍ୱରରେ)

ହାରାମଣି- ଆରେ ମୁଁ କଣ ମିଛ କହୁଛି ।

ମନମୋହନ- କଣ ଏମିତି କହୁଛୁ ?

ହାରାମଣି- ମୁଁ ଯାହା କହୁଛି ସତ କହୁଛି ।

ମନମୋହନ- ବୋହୂ, କାହାପାଇଁ ।

ହାରାମଣି- ଆଉ କାହାପାଇଁ ? ତୋ ଛଡ଼ା ଆଉ ତାଙ୍କର କେଉଁ ଛଅଟା ପୁଅ ଅଛନ୍ତି ଯେ ତାଙ୍କ ପାଇଁ ବୋହୂ ଦରକାର ପଡୁଛି ?

ମନମୋହନ- ମ... ବୋହୂ ଗୁଡ଼ା କ'ଣ ବଜାରରେ ବିକ୍ରି ହେଉଛନ୍ତି ଯେ ସେ ଯାଇଛନ୍ତି ଖୋଜି ଖୋଜି କିଣି ଆଣିବାକୁ ।

ହାରାମଣି- ଏଇ ପାଖରେ ଶହିଦ ନଗରରେ କେଉଁଠି ଗୋଟାଏ ଘଟସୁତ୍ର ଅଫିସ୍ ଖୋଲିଛି ଯେ, ସେଠିକି ଯାଇଛନ୍ତି । ତୋ ନାଆଁ ରେଜିଷ୍ଟ୍ରେସନ୍ କରିଦେଇ ଆସିବେ ।

ମନମୋହନ- (ବିରକ୍ତ ହୋଇ) ବୋଉ ! କଣ ଏମିତି ସବୁ କହି ଯାଉଛୁ ?

ହାରାମଣି- ଆରେ ମୁଁ କଣ ମିଛ କହୁଛି ?

ମନମୋହନ- ଘଟସୁତ୍ର ଅଫିସ୍‌ଟା କଣ ଏମ୍ପ୍ଲୟମେଣ୍ଟ ଏକ୍ସଚେଂଇ୍ ନା କଣ ଯେ ସେଠି ନାଆଁ ରେଜିଷ୍ଟ୍ରେସନ୍ ହେବ ?

Digitized by srujanika@gmail.com

ହାରାମଣି- ଠିକ୍ ଏମ୍ପଲୟମେଣ୍ଟ ଏକ୍ସଚେଞ୍ଜ ପରି ତ ଆଜିକାଲି ଘଟସୂତ୍ର ରେଜିଷ୍ଟ୍ରେସନ୍ ହେଲାଣି, ଏଥିରେ ତୁ ଏତେ ଆଶ୍ଚର୍ଯ୍ୟ ହୋଇ ପଡୁଛୁ କଣ ?

ମନମୋହନ- ତା ବୋଲି ? ବାପା ଯିବେ ମୋ ପାଇଁ ଏମିତି.... ମତେ କଣ କନିଆଁ ମିଳୁନି ?

ହାରାମଣି- ହୁଁ (ମୁଣ୍ଡ ହଲେଇ) ତାଙ୍କର ଏମିତି ସେମିତି ବୋହୂ ଦରକାର ନାହିଁ । ତାଙ୍କର ଗୋଟାଏ ଓକିଲାତି ପଢ଼ିଥିବା ବୋହୂ ଦରକାର ।

ମନମୋହନ- ବାପାଙ୍କୁ ତୁ କାହିଁକି ଏତେ ଥଟ୍ଟା କରୁଛୁ କହିଲୁ ବୋଉ ?

ହାରାମଣି- ଆରେ ଥଟ୍ଟା କଣ କଲି ? ସତ କଥା ତ କହୁଛି ?

ମନମୋହନ- ସତ କଥା କହୁଛୁ ?

ହାରାମଣି- ମ... ତୁ କଣ ତୋ ବାପାଙ୍କୁ ଚିହ୍ନି ନାହୁଁ ନା କଣ ? ଆରେ ସିଏ ପରା ଯାହା ବୁଝିଥିବେ ସେଇଆ ।

ମନମୋହନ- ବୋଉ !

ହାରାମଣି- ସେ ଆଜି ନିଦ୍ଧାର୍ଯ୍ୟକରି ଯାଇଛନ୍ତି ଯେମିତି ହେଲେ ଗୋଟାଏ 'ଲ' ପଢ଼ିଥିବା ବୋହୂ ଠିକ୍ କରି ଏ ଘରକୁ ବୋହୂ କରି ଆଣିବେ.... ଆଣିବେ.... ଆଣିବେ ।

ମନମୋହନ- ମୁଁ ତେବେ କଣ କରିବି ବୋଉ ?

ହାରାମଣି- ଆରେ ତୋର ପୁଣି କଣ ହେଲା ? 'ଲ' ପଢୁଆ ଶିକ୍ଷିତ ବୋହୂ ସାଙ୍ଗରେ ତୋର ବାହାଘର ହେବ । ଏଥିରେ ତ ତୋର ଖୁସି ହେବା କଥା । ଅସୁବିଧା କଣ ।

ମନମୋହନ- ବୋଉ ।

ହାରାମଣି- କିରେ କ'ଣ ହେଲା ?

ମନମୋହନ- ବୋଉ, ତୋତେ ଗୋଟେ କଥା କହିବି ବୋଉ । (ଅଳି କରିବା ଭଙ୍ଗୀରେ)

ହାରାମଣି- ମତେ କହିବୁ ? କଣ କହୁନୁ ?

ମନମୋହନ- ତୁ ମତେ କିଛି ଖରାପ ଭାବିବୁ ନାହିଁ ତ ?

ହାରାମଣି- କିରେ ଖରାପ କାହିଁକି ଭାବିବି ? କଣ କହିବାକୁ ଚାହୁଁଛୁ କହୁନୁ, କହ ।

ମନମୋହନ- ତୁ ମୋ କଥା ରଖିବୁ ତ ।

Digitized by srujanika@gmail.com

ହାରାମଣି- ଆରେ କଥାଟା କଣ ଖୋଲିକି ନକହି...

ମନମୋହନ- ତୁ ମୋ ଉପରେ ରାଗିବୁ ନାହିଁ ତ ?

ହାରାମଣି- ଆରେ ରାଗିବି କାହିଁକି ? କଣ କହୁଛୁ କହ ।

ମନମୋହନ- (ଟିକିଏ ନୀରବ ରହିଛି)

ହାରାମଣି- ନୀରବ ରହିଲୁ ଯେ ? କଣ କହିବୁ, କହୁନୁ ?

ମନମୋହନ- ମୁଁ ଆମ କଲେଜରେ ଗୋଟାଏ ଝିଅକୁ ବାହାହେବି ବୋଲି କଥା ଦେଇଛି ବୋଉ । ମୁଁ ତାକୁ ଭଲ ପାଏ ।

ହାରାମଣି- ସରିଲା ନା ଆଉ କିଛି କହିବାର ଅଛି ?

ମନମୋହନ- ବାପା ଯଦି ରାଜି ନହୁଅନ୍ତି ? ତୁ ତ କହୁଛୁ ସେ 'ଇ' ପଢୁଆ ଝିଅ ଚାହୁଁଛନ୍ତି ?

ହାରାମଣି- ହୁଁ, ତାପରେ ?

ମନମୋହନ- ତୁ ମୋତେ ଏଥିରେ ସାହାଯ୍ୟ କର ବୋଉ ।

ହାରାମଣି- ନିର୍ଲଜ ! ତୋତେ ଟିକିଏ ଲାଜ ମାଡୁନି ?

ମନମୋହନ- ବୋଉ ! (ଛଳନାରେ ହାରାମଣି ରାଗିବାର ଅଭିନୟ କରିଛନ୍ତି)

ହାରାମଣି- ବୋଉ ? କିଏ ତୋ ବୋଉ ? ଆଉ ଦିନେ ଫେର୍ ବୋଉ ବୋଲି ମୋତେ ଡାକିବୁ ନାହିଁ କହିଦଉଛି । ବୋଉକୁ ନପଚାରି ନଉଚାରି ବାହା ହେବାକୁ ଜନିଆଁ ଠିକ୍‌କରି ସାରିଲୁଣି, ଆଉ ବୋଉଠିଁ ତୋର କି କାମ ? ବଡ଼ ହୋଇଗଲୁ । ମୁଣ୍ଡକୁ ଏବେ ହାତ ପାଇଗଲା....

ମନମୋହନ- ବୋଉ; ମୋର ଭୁଲ୍ ହେଇଯାଇଛି ବୋଉ !

ହାରାମଣି- ଭୁଲ୍‌ଠିକ୍‌ର ବିଚାର କିଛି ଦରକାର ନାହିଁ, ଯା, ଦୂର୍ ହେଇଯା ମୋ ଆଗରୁ....

ମନମୋହନ- ମୋତେ ଟିକିଏ ବୁଝିବାକୁ ଚେଷ୍ଟା କର୍ ବୋଉ !

ହାରାମଣି- ମୋର କିଛି ବୁଝିବା ଦରକାର ନାହିଁ ।

ମନମୋହନ- (ଦୁଃଖରେ ମୁହଁ ତଳକୁ କରି ନୀରବରେ ସୋଫାରେ ବସି ରହିଛି । କିଛି ସମୟର ନୀରବତା ପରେ ହାରାମଣି ମନମୋହନ

Digitized by srujanika@gmail.com

ପାଖକୁ ଯାଇଛନ୍ତି । ସ୍ନେହପୂର୍ଣ୍ଣ ଭାଷାରେ ମନମୋହନଙ୍କ ମୁହଁକୁ ଟେକିଧରି ହସହସ ମୁଖରେ ପଚାରିଛନ୍ତି ।)

ହାରାମଣି- ମୋ ଘରକୁ ବୋହୂ ଆସିବ । ମୁଁ ଦେଖିବି ନାହିଁ ? ତୁ ସେ ବୋହୂକୁ ମତେ ଏଯାଏ ନଦେଖେଇ ଲୁଚେଇକି ରଖିଛୁ କାହିଁକି ? ଶାଶୁ ହିସାବରେ ବାହାଘର ପୂର୍ବରୁ ମୋର ତ ପୁଣି ତା ହାତରେ ମୁହଁଚୁହାଁ ମୁଦି ପିନ୍ଧାଇବା ଦରକାର ।

ମନମୋହନ- (ହାରାମଣିଙ୍କ କ୍ରୋଧ ଶାନ୍ତ ହେବାର ପରିବର୍ତ୍ତନ ଦେଖି ବିସ୍ମିତ ଓ ଆନନ୍ଦିତ ହୋଇଛି) ବୋଉ !

ହାରାମଣି- ସେ ସବୁ ବୋଉ ଡାକିବା ସେତିକି ଥାଉ, କେତେବେଳେ କେଉଁଠି ମୋ ବୋହୂକୁ ଦେଖି ଆସିବି କହ ?

ମନମୋହନ- ବାପା ପୁଣି 'ଲ' ପଢୁଆ ବୋହୂ କଥା କହୁଛନ୍ତି ଯେ ?

ହାରାମଣି- ସେ କଥା ମୁଁ ବୁଝିବି ନାହିଁ ? ମୁଁ ଯେଉଁଭଳି ଭାବେ କହିବି- ସେ ବୋହୂକୁ ଟିକିଏ ଓକିଲାତି ପଢ଼ି ଓକିଲ ହେବାର ଅଭିନୟ କରିବାକୁ ପଡ଼ିବ । ମୁଁ ତାକୁ ଠିକ୍ ବତେଇ ଦେବି- କିଛି ଅସୁବିଧା ହେବନାହିଁ ।

ମନମୋହନ- (ଅତ୍ୟନ୍ତ ଖୁସିହୋଇ) ଆଃ, ମୋ ବୋଉ ଭଳି କିଏ ଅଛି ଏ ପୃଥିବୀରେ । (ହାରାମଣିଙ୍କୁ କୁଣ୍ଢାଇ ଧରି ବହେ ଗୀତଗାଇ ନାଚିଯାଇଛି ।)

ମୋ ବୋଉ ଭଳି କିଏହେବ
ମତେ ସରଗ ଦେଖାଇଦେବ ।୦।
କଲେ ମୁଁ ତା ପାଖେ ଅଳି
ମୋର ସବୁ ଅଝଟକୁ କଳି
କେ ମୋ ହାତେ ଆଣି ଚାନ୍ଦ ଦେବ ।୧।
ଚନ୍ଦ୍ର ଉଦିଆ ତା ବୋହୂ
ଶାଶୁ ସେବାରେ ଜୀବନ ଯାଉ
ମନ ଦେଇ ମନ କିଣି ନେବ ।୨।

(ନାଚ ଗୀତର ତାଳେ ତାଳେ ମଞ୍ଚ ଅନ୍ଧାର ହୋଇଆସିଛି ।)

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ମଞ୍ଚ ଆଲୋକିତ ହେଲାବେଳକୁ ଦେଖାଗଲା ମନମୋହନ ମେସ୍‌ରେ ଅଳିନ୍ଦରେ ଅନ୍ତେବାସୀବୃନ୍ଦ ବସି ଆଲୋଚନାରତ)

ବିକ୍ରମ- ଆମକୁ ନଜଣାଇ ତୁମେ ସେ ବୁଢ଼ୀ ପାଖକୁ ଯାଇଥିଲ କାହିଁକି ?

ହଳଧର- (ଗମ୍ଭୀର ହୋଇ) ଯିବାର ଯଥେଷ୍ଟ ଆବଶ୍ୟକତା ଥିଲା ବୋଲି ?

ଫିରୋଜ- ଆବଶ୍ୟକତା ? କି ଆବଶ୍ୟକତା ?

ପଦ୍ମନାଭ- ଆବଶ୍ୟକତା କ'ଣ ଜମା ଜାଣି ପାରୁନ ? ଆମେ ପାଠ ପଢ଼ିବାକୁ ଏଠିକି ଆସିଛୁ । ବାପାମାଆଙ୍କ ଟଙ୍କାକୁ ଶ୍ରାଦ୍ଧକରି ଫୁର୍ତ୍ତିକରି ବୁଲିବାକୁ ଆସିନୁ ।

ହଳଧର- ଗଣ୍ଡଗୋଳ ସୃଷ୍ଟି କରି ଜେଲ୍ କି ହାଜତକୁ ଯିବା ଆମର ଦରକାର ନାହିଁ ।

ବିକ୍ରମ- ଜେଲ୍ ? ଜେଲ୍‌କୁ ଯିବାକୁ ତୁମକୁ କିଏ କହୁଛି ?

ପ୍ରଶାନ୍ତ- ତୁମେ କହୁଛ ?

ବିକ୍ରମ- ଆମେ କହୁଛୁ ?

ପଦ୍ମନାଭ- ନୁହେଁତ ଆଉ କ'ଣ । ଏତେଦିନ ଯାଏ ତାଙ୍କ ମେସ୍‌ଘର ଭଡ଼ା ବନ୍ଦକରି ରଖିଲ । ସେ ଆଜି ଯାଇଛନ୍ତି କେସ୍ କରିବାକୁ ।

ଫିରୋଜ- ହୁଁ କେସ୍ କରିବାକୁ । ତୁମକୁକିଏ କହିଲା ?

ହଳଧର- ନରିଆ ଚା'ଦୋକାନୀ ଠାରୁ ଶୁଣିଲୁ ।

ବିକ୍ରମ- (ବିଦ୍ରୂପର ସହ ହସି) ହୁଁ, ନରିଆ ଚା' ଦୋକାନୀ ଗୋଟାଏ ଲୋକ, ଅସରପା ଗୋଟାଏ ଚଢ଼େଇ । ତା କଥାକୁ ଏମାନେ ବିଶ୍ୱାସ କରି ଚାଲିଗଲେ ବୁଢ଼ୀ ପାଖରେ ଆତ୍ମସମର୍ପ କରି ଶରଣ ପଶିବା ପାଇଁ ।

ଫିରୋଜ- ତୁମେ ତୁମର ଘରଭଡ଼ା ଦେବତ ଦିଅ । ମୁଁ କିନ୍ତୁ ସୃଷ୍ଟି ପ୍ରଳୟ ହୋଇଗଲେ ବି ଦେବି ନାହିଁ ।

(ଏହି ସମୟରେ ହାରାମଣି ଓ ମନମୋହନ ଆସିଛନ୍ତି)

ହାରାମଣି- ସୃଷ୍ଟି କ'ଣ ଏତେ ଶୀଘ୍ର ପ୍ରଳୟ ହୋଇଯିବ ବୋଲି ଭାବିଛ ?

(ହାରାମଣି ଓ ମନମୋହନଙ୍କୁ ସମସ୍ତେ ଦେଖି ବିସ୍ମିତ ଓ ଆଶଙ୍କିତ ହୋଇ ପଡ଼ିଛନ୍ତି)

Digitized by srujanika@gmail.com

ପଦ୍ମନାଭ- ମାଡାମ୍ ! ଆପଣ.... ମାନେ....

ହାରାମଣି- ତୁମ ଆଡ଼େ ଟିକିଏ ଚାଲି ଆସିଲୁ । କ'ଣ କିଛି ଭୁଲ୍ କଲୁକି ?

ହଳଧର- ନାଁ ଭୁଲ୍ କ'ଣ ? ବରଂ ଆମ ଭାଗ୍ୟ ।

ହାରାମଣି- ଆରେ ନା...ନା ଭାଗ୍ୟ କ'ଣ ? ଆଛା ତୁମ ଭିତରେ ବିକ୍ରମ କାହା ନାଆଁ ? (ତଳକୁ ମୁହଁକରି ଠିଆ ହୋଇଥାନ୍ତି ବିକ୍ରମ ଓ ଫିରୋଜ । ହାରାମଣିଙ୍କ ମୁଖରୁ ବିକ୍ରମ ନାମଟା ଶୁଣି ବିକ୍ରମ ଓ ଫିରୋଜ ମୁଖ ଉପରକୁ ଟେକିଛନ୍ତି ।)

ହଳଧର- (ବିକ୍ରମ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି) ଏଇ ହେଉଛି ବିକ୍ରମ ।

ହାରାମଣି- ଫିରୋଜ କିଏ ?

ଫିରୋଜ- ମୁଁ ଫିରୋଜ୍ । କ'ଣ ହେଲା ?

ହାରାମଣି- କିଛି ହେବାର ନାହିଁ ।

ଫିରୋଜ- ତା'ହେଲେ ?

ହାରାମଣି- (ଫିରୋ ପାଖକୁ ଯାଇଛନ୍ତି) ଓହୋଃ.. ତୁମେ ଏତେ ଉଦ୍‌ବ୍ୟସ୍ତ କାହିଁକି ହେଉଛ ଫିରୋଜ ? ମୁଁ ତ ତୁମର ମାଆ ପରି ? (ବିକ୍ରମକୁ ଲକ୍ଷ୍ୟ କରି) ହଁ ତୁମେ ବି ନୀରବ କାହିଁକି ବିକ୍ରମ ? (ବିକ୍ରମ ପାଖକୁ ଯାଇ, ବିକ୍ରମ ପିଠିରେ ହାତମାରି) ମୁଁ ଶୁଣିଲି, ମଉସାଙ୍କ ସାଙ୍ଗରେ ତୁମର କୁଆଡ଼େ ମନାନ୍ତର ହେଇଛି ? ତୁମେ କୁଆଡ଼େ ଦଶମାସ ହେଲା ମେସ୍ ଘରଭଡ଼ା ଦେଇନ ? ସେଥିପାଇଁ କୁଆଡ଼େ ମଉସା ତୁମ ନାଁରେ କେସ୍ କରୁଛନ୍ତି । ଏକଥା କ'ଣ ସତ ?

(ସମସ୍ତେ ନୀରବରେ ତଳକୁ ମୁହଁ ପୋତି ଛିଡ଼ା ହୋଇ ରହିଛନ୍ତି)

ହାରାମଣି- ଆରେ ତଳକୁ ମହଁ ପୋତି ଠିଆ ହେଇ ରହିଲ କ'ଣ ? ମୋ ପ୍ରଶ୍ନର ଉତ୍ତର ଦିଅ । (ପୁଣି ସେହି ନୀରବତା । କାହାରି ମୁଖରେ ଭାଷା ନାହିଁ ।)

ହାରାମଣି- ମୁଁ ଜାଣେ, ତୁମ୍ଭେମାନେ କେହି କିଛି ଯା'ର ଉତ୍ତର ଦେଇପାରିବ ନାହିଁ । ଆଚ୍ଛା ବିକ୍ରମ ! ତୁମ ବାପା ମନେକର ତୁମକୁ କେବେ ନ୍ୟାୟରେ ହେଉ ବା ଅନ୍ୟାୟରେ ହେଉ, ଭୁଲ୍‌ରେ ହେଉ ବା ଠିକ୍ ହେଉ, ତୁମକୁ କିଛି କଟୁକଥା କହିଲେ ବା କେବେ ତୁମକୁ

Digitized by srujanika@gmail.com

ଚାପୁଡ଼ାଟାଏ ଲଗାଇଦେଲେ, ତେବେ ତୁମେ କ'ଣ ଘରଛାଡ଼ି ପଳାଇଯିବ ନା ତୁମ ବାପାଙ୍କୁ ଘରୁ ବାହାର କରିଦେବ ?

ଫିରୋଜ- ଆପଣ ଏଠି ସେକଥା କାହିଁକି ଉଠଉଛନ୍ତି ?

ହାରାମଣି- ଏଁ ? କ'ଣ କହିଲ ? ସେକଥା କାହିଁକି ଉଠଉଛି ? କାହିଁକି ଉଠଉଛି କିଛି ଜାଣିପାରୁନ ? ଆରେ; ତୁମ ପ୍ରତି ଯଦି ଆମର ଖରାପ ଧାରଣା ଥାଆନ୍ତା, ତେବେ ମୁଁ ଓ ମୋ ପୁଅ ଆଜି ତୁମ ପାଖକୁ ଏମିତି ଆସି ନଥାନ୍ତୁ । ତୁମ ଉପରେ ଯଦି ଆମର ପ୍ରତିଶୋଧ ନବାର ଥା'ନ୍ତା- ତେବେ ଏମିତି ନୀରବରେ ଦଶମାସ ହେଲା ବସି ନଥାନ୍ତୁ ? ମୋର ଏହି ପୁଅ 'ମନ' ଭଳି ତୁମେ ବି ତୁମ ବାପମାଆଙ୍କର ଗୋଟିଏ ଗୋଟିଏ ପୁଅ । ମାଆ ହେଇ ପୁଅକୁ କେମିତି ସ୍ନେହ ଶ୍ରଦ୍ଧାରେ ଲାଳନ ପାଳନ କରିବା କଥା ମୋତେ ଭଲ ଭାବରେ ଜଣା ।

ପ୍ରଶାନ୍ତ- ମାଉସୀ ! ସତରେ ଆପଣ କେତେ ମହାନ୍ ମାଉସୀ !

ପଦ୍ମନାଭ- ଆମେ ଏତେସବୁ ଭୁଲ୍ କଲାପରେ ବି ଆପଣ କେଡ଼େ ଉଦାର ମାଡାମ୍ ।

ହାରାମଣି- ଆରେ ଉଦାରତା ତ ଆର୍ଯ୍ୟ ନାରୀର ଏକ ସ୍ୱାଭାବିକ ଗୁଣ । ଉଦାର ନହୋଇ ସବୁକଥାରେ ଉତ୍ତେଜିତ ହେଲେ ସମାଜର ଅଧୋଗତି ହେବ ସିନା, ବିକାଶ ଲାଭ କରିପାରିବ ନାହିଁ ।

ହଳଧର- ମାଡାମ୍ !

ହାରାମଣି- ଗାନ୍ଧୀ ଅହିଂସା ଧର୍ମରେ ଭାରତବର୍ଷକୁ ବ୍ରିଟିଶ୍ କବଳରୁ ମୁକ୍ତ କଲେ । ଆଜି କିନ୍ତୁ ଏହି ସମାଜରେ ଦୁର୍ନୀତି, ଭ୍ରଷ୍ଟାଚାର ଅବାଞ୍ଛିତ ଉଦ୍ଭିଦ ଭଳି ଚାରି ଆଡ଼କୁ ମାଡ଼ି ଚାଲିଛି । କେବଳ ଏଇ ମଣିଷର ଅପାରଗତା, ଅସହନଶୀଳତା ପାଇଁ । ହେଲେ ତାହାର ଶେଷ ପରିଣତି କ'ଣ ?

ପ୍ରଶାନ୍ତ- ଆମର ଭୁଲ୍ ହେଇଯାଇଛି ମାଉସୀ ।

ହାରାମଣି- ତୁମେ ହେଉଛ ଛାତ୍ରସମାଜ । ଏ ଦେଶର ମେରୁଦଣ୍ଡ । ତୁମେ ଶୃଙ୍ଖଳିତ ନହେଲେ ଏ ସମାଜକୁ ନୂଆକରି ଗଢ଼ିବ କିଏ ? ଏ ସମାଜରୁ କୁସଂସ୍କାରର ଅନ୍ଧକୁ ପରିଷ୍କାର କରିବ କିଏ ?

Digitized by srujanika@gmail.com

ହଳଧର- ମାଡ଼ାମ୍... ଆପଣ ସତରେ....

ହାରାମଣି- ମୁଁ କିଛି ଭୁଲ୍ କହୁ ନାହିଁ ତ ?

ପଦ୍ମନାଭ- ଆପଣ ଭୁଲ୍ କାହିଁକି କହିବେ ମାଡାମ୍, ବରଂ ଆମ୍ଭେମାନେ ମସ୍ତବଡ଼ ଭୁଲ୍ କରି ବସିଛୁ ।
(ଇତିମଧ୍ୟରେ ବିକ୍ରମ ଓ ଫିରୋଜଙ୍କ ମାନସିକ ଉତ୍ତେଜନାର ହ୍ରାସ ଘଟିଛି । ହାରାମଣିଙ୍କ ସୁସ୍ଥ ଉପଦେଶ ଆଣିଦେଇଛି ତାଙ୍କର ମାନସିକ ପରିବର୍ତ୍ତନ)

ହାରାମଣି- ବିକ୍ରମ ! ମୁଁ ଭୁଲ୍ କହିଲି ?

ବିକ୍ରମ- ନା, ମାଉସୀ । ଆପଣ ଭୁଲ୍ କହିନାହାନ୍ତି । ଆମେ ବିରାଟ ଭୁଲ୍ କରିଛୁ ମାଉସୀ ! କୁହନ୍ତୁ ଆମକୁ କ୍ଷମା କରିଦେବେ ତ ?

ଫିରୋଜ- ହଁ ମାଉସୀ ! ଆମ ଭୁଲ୍ ଆମେ ଏବେ ଠିକ୍ ବୁଝିପାରୁଛୁ । ଆମକୁ କ୍ଷମା କରିଦିଅନ୍ତୁ ।

ବିକ୍ରମ- ମଉସାଙ୍କୁ କହିବେ- ସବୁ ଭୁଲ୍ ଆମର । (ମନମୋହନକୁ ଲକ୍ଷ୍ୟକରି) ସାର୍; ଆପଣ ତ ଜଣେ ଅଧ୍ୟାପକ । ଆମରି ପରି କେତେ ଛାତ୍ରଙ୍କୁ ମଣିଷ କରୁଛନ୍ତି । ଆମ ଭୁଲ୍‌ର କ'ଣ କ୍ଷମା ନାହିଁ ?

ମନମୋହନ- ଆରେ କିଏ କହୁଛି କ୍ଷମା ନାହିଁ ? ତୁମ୍ଭେମାନେ ବ୍ୟସ୍ତ ହୁଅନାହିଁ । ବୋଉ ମୋର ସବୁ ସମସ୍ୟାର ସମାଧାନ କରିଦେବ ।

ଫିରୋଜ- କୁହନ୍ତୁ ମାଉସୀ ! ଆମକୁ କ୍ଷମା କଲେ ତ ?

ହାରାମଣି- ଆରେ ମୁଁ ତୁମକୁ କ୍ଷମା କରିବାକୁ କିଏ ? ଯାହାଙ୍କୁ ତୁମେ ଅପମାନ ଦେଇଛ, ଯାହାଙ୍କ ପାଖରେ ଖିଲାପ କରିଛ, ସେ ସିନା କ୍ଷମା କରିବେ ?

ବିକ୍ରମ- ଆମେ ମଉସାଙ୍କୁ କ୍ଷମାଭିକ୍ଷା ମାଗିବୁ ମାଉସୀ ।

ହାରାମଣି- ହଉ ଠିକ୍ ଅଛି । ତୁମ୍ଭେମାନେ ଖୁସିରେ ରୁହ । ମୁଁ ଯାହା ଯେପରି କହିବି, ସେମିତି କରିବ । ସବୁ ସମସ୍ୟାର ସମାଧାନ ଖୁବ୍ ସହଜରେ ହେଇଯିବ । ବୁଝିଲ ?

ପଦ୍ମନାଭ- ଆମେ ତେବେ ବାକିଆ ଭଡ଼ାଟଙ୍କାଟା ଆସନ୍ତାକାଲି ନେଇ ଆପଣଙ୍କୁ ଦେଇ ଆସିବୁ ।

Digitized by srujanika@gmail.com

ହାରାମଣି- ନା, ମୁଁ ଯେବେ କହିବି, ତେବେ ଦେବ । ଯାହା କହିବି ତାହା କରିବ । କ'ଣ କରିବ ଟି ?

ବିକ୍ରମ- କରିବୁ ମାଉସୀ ।

ପ୍ରଶାନ୍ତ- ନିଶ୍ଚୟ କରିବୁ ।

ହାରାମଣି- ହଉ ତେବେ ଠିକ୍ ଅଛି । ଯାଅ, ଆନନ୍ଦରେ ରୁହ । ଏକଥା ଛିଣ୍ଡିଲେ ମତେ ଦିନେ ମେସ୍‌ରେ ଡାକି ଖାଇବାକୁ ଦେବ । (ହାରାମଣିଙ୍କ କଥାରେ ସମସ୍ତେ ଖୁବ୍ ଜୋର୍‌ରେ ହସି ଉଠିଲେ । ମଞ୍ଚ ଅନ୍ଧକାର ହେଲା)

ପଞ୍ଚମ ଦୃଶ୍ୟ

(ମୁରାରୀ ବାବୁଙ୍କ ବୈଠକଖାନା । ମୁରାରୀବାବୁ ବସି ଏକ ନିବିଷ୍ଟ ଚିତ୍ତରେ ଜାତକ ମେଳଉଥିଲେ । ଭିତରୁ ଆସିଛି ମନମୋହନ)

ମନମୋହନ- ମୁଁ ଟିକିଏ ବାହାରୁ ଆସୁଛି ବାପା !

ମୁରାରୀ- (ମୁହଁ ଟେକି) ଏଁ କ'ଣ କହିଲୁ ? ବାହାରକୁ ଯିବୁ ? ଯିବା ପୂର୍ବରୁ ମୋର ତୋ ସହିତ କେତେଟା କଥା ଥିଲା ।

ମନମୋହନ- ମୋ' ସହିତ କଥା ।

ମୁରାରୀ- ହଁ ଶୁଣ, ତୋର ବାହାଘର ମୁଁ ଏହା ଭିତରେ କରିବା ବ୍ୟବସ୍ଥା କରିଛି । କିନ୍ତୁ ମୋର ସେଥିରେ ଗୋଟାଏ ସର୍ତ୍ତ ଅଛି ।

ମନମୋହନ- ସର୍ତ୍ତ ?

ମୁରାରୀ- ହଁ ବୋହୂ ତ ସୁନ୍ଦରୀ, ବୁଦ୍ଧିମତୀ ନିଶ୍ଚୟ ହେବ, ତା'ଛଡ଼ା-ବୋହୂର ଓକିଲାତି ପଢ଼ିଥିବା ନିହାତି ଦରକାର ।

ମନମୋହନ- ଓକିଲାତି... ମାନେ...

ମୁରାରୀ- ହଁ ତତେ କହି କହି ତୁ ତ 'ଲ' ପଢ଼ିଲୁ ନାହିଁ । ଓକିଲ ବୋହୂଟାଏ ହେଲେ ଘରକୁ ଆସୁ । ଆଜିକାଲି ତ ବହୁତ ଝିଅ ଓକିଲାତି ପଢୁଛନ୍ତି । (ଭିତରୁ ଆସି ହାରାମଣି ସବୁ ଗୋପନରେ ଶୁଣିଛନ୍ତି)

ମନମୋହନ- ତେବେ ମୋତେ କ'ଣ କହୁଛନ୍ତି ?

ମୁରାରୀ- ମୋ କହିବାର କଥା ହେଲା, ତୋର ଏଥିରେ କିଛି ଆପତ୍ତି ନାହିଁ ତ ?

ମନମୋହନ- (ଥଙ୍ଗଥଙ୍ଗ ହୋଇ) ନା, ଯେ,.... ଏଥିରେ ମାନେ... ମୋର

Digitized by srujanika@gmail.com

ଆଉ ଆପତ୍ତି କ'ଣ ? ଆପଣ ଯେଉଁଠି ଠିକ୍ କରିବେ, ମୋର ଆପତ୍ତି ନାହିଁ ।

ମୁରାରୀ- ତେବେ ଠିକ୍ ଅଛି ବାହାରକୁ କୁଆଡ଼େ ଯାଉଛୁ ଯା... ଶୀଘ୍ର ଫେରିବୁ, ବୁଝିଲୁ ?

ମନମୋହନ- ହଁ ମୁଁ ଶୀଘ୍ର ଫେରିଆସିବି । (ମନମୋହନ ବାହାରକୁ ଚାଲିଗଲେ । ଧୀରେ ଧୀରେ ମୁରାରୀଙ୍କ ପାଖକୁ ଲାଗି ଆସିଲେ ହାରାମଣି ।)

ହାରାମଣି- କ'ଣ ଜାତକ ମେଳ ସରିଲା ?

ମୁରାରୀ- (ପଛକୁ ଚାହିଁ) ଆରେ ତୁମେ ? ତୁମେ କେତେବେଳୁ ଆସିଲଣି ?

ହାରାମଣି- କାହିଁକି ? ତୁମ ଜାତକ ମେଳରେ ବାଧା ପଡ଼ିଗଲା ବୋଧହୁଏ ?

ମୁରାରୀ- ଉଁ ହୁଁ, ବାଧା କ'ଣ ପଡ଼ିବ ? ତୁମର ତ ସବୁବେଳେ ସେହି ଆକ୍ଷେପମୂଳକ କଥାବାର୍ତ୍ତା ।

ହାରାମଣି- ଯେଉଁ କଥାକୁ ଯାହା କହିବା କଥା ମୁଁ ତାହାହିଁ କୁହେ- ଆକ୍ଷେପ କ'ଣ ?

ମୁରାରୀ- ହଉ ତୁମେ କ'ଣ ଜାଣିବା ପାଇଁ ଚାହୁଁଛ ? ଶୀଘ୍ର କୁହ । ମୋ ହାତରେ ସମୟ ଖୁବ୍ କମ୍ ।

ହାରାମଣି- ସମୟ କମ୍ ? ପୁଣି କୁଆଡ଼େ ଅଭିଯାନ କି ?

ମୁରାରୀ- ଓହୋଃ ତୁମକୁ ଆଉ ପାରିହେବନି ଦେଖୁଛି.. ହଇହୋ ତୁମେ ଜାଣିନ, କାଲି ପରା ତୁମକୁ କହୁଥିଲି ଏଇ ଆସନ୍ତା ତିଥିମାନଙ୍କ ଭିତରେ ମୁଁ ମନର ବାହାର କରିବି ।

ହାରାମଣି- ମ... କନିଆଁ ଠିକ୍ ନହେଉଣୁ ?

ମୁରାରୀ- ମୁଁ ସେ ଘଟସୂତ୍ର ଅଫିସ୍‌ର ମ୍ୟାନେଜର୍ ରଥଶର୍ମା ବାବୁଙ୍କୁ ଭଲକରି କହିକି ଆସିଛି । ସେ ମୋତେ ନିର୍ଭର ଜବାବ ଦେଇଛନ୍ତି । ଯେମିତି ହେଲେ ଗୋଟାଏ ଓକିଲ ବୋହୂ ଯୋଗାଡ଼ କରାଇ ଦେବେ ।

ହାରାମଣି- ଓଃ ତେବେ ଏମନ୍ତ କଥା ? ଆଛା ତୁମେ ଯଦି ଓକିଲ ବୋହୂ ଖୋଜୁଛ, ତେବେ ମୋ ବଉଳର ଝିଅ ସାଙ୍ଗରେ କରୁନ ?

ମୁରାରୀ- ତୁମ ବଉଳ ?

Digitized by srujanika@gmail.com

ହାରାମଣି- ହଁ ମ... ମୋର କଲେଜ ବେଳର ସାଥୀ- ବିଜୟା, ଯିଏ ମୋ ସାଙ୍ଗରେ ବଉଳ ବସିଥିଲା ?

ମୁରାରୀ- ଓଃ ଏମିତି ତୁମର ଜଣେ ବଉଳ ଥିଲେ ? କୋଉଠି ତାଙ୍କର ଘର ?

ହାରାମଣି- ତାଙ୍କ ଘର କେନ୍ଦ୍ରାପଡ଼ା ପାଖରେ... ଭାରି ଭଲ ଘର । ଭଲ ମଣିଷ ଗଲା ଦୁର୍ଗାପୂଜାରେ କଟକ ଚଣ୍ଡୀ ପାଖରେ ମୋ ବଉଳ ସାଙ୍ଗରେ ହଠାତ୍ ଏମିତି ଦେଖା ହେଇଗଲା । ସେତିକି ବେଳେ ତା' ଝିଅକୁ ମୁଁ ଦେଖିଥିଲି । ଓଃ ଗୋଟିଏ ଚାଉଳରେ ତ ଗଢ଼ା । କି ସୁନ୍ଦର ରୂପ । ସେହି ଦିନରୁ ସେ ଝିଅଟା ଉପରେ ମୋର କେମିତି ଟିକିଏ ଦୁର୍ବଳତା ରହିଆସିଛି । ମନେ ମନେ ଭାବିଥିଲି- ମନ ପାଇଁ ଏ ଝିଅକୁ ନିଶ୍ଚୟ ବୋହୂ କରିନେବି । ସେ ଯୋଗକୁ ଲ' ପାସ୍ କରିଛି । ତୁମେ ବି ଲ' ପଢୁଆ ଝିଅ ଖୋଜୁଛ, ଯେ ତ ହଜିଲା ବଳଦ ଖୋଜିଲା ଠାଏ । କିନ୍ତୁ ମୋ ବଉଳଟା ହତଭାଗିନୀଟାଏ । ଅକାଳରେ ଚାଲିଗଲା କିନ୍ତୁ ସେ ଝିଅଟା କୋଟିକରେ ଗୋଟିଏ ମିଳିବ ନାହିଁ ।

ମୁରାରୀ- (ଖୁସି ହୋଇଛନ୍ତି) ଆରେ ବାଃ.. ଯେତ ଖୁବ୍ ବଢ଼ିଆ ପ୍ରସ୍ତାବ....

ହାରାମଣି- ଭାଗ୍ୟରେ ଥିଲେ ମିଳେ । ତୁମେ ବଳେ ଦେଖିବ ନାହିଁ ?

ମୁରାରୀ- ଆଛା ସେ ବଉଳଙ୍କ ସ୍ୱାମୀ ? ମାନେ ଝିଅର ବାପ କ'ଣ କରେ ?

ହାରାମଣି- ସେ ପଞ୍ଚାୟତ ଅଡ଼ିଟର୍ ଅଛନ୍ତି ।

ମୁରାରୀ- ଦାନ ଯୌତୁକ କିଛି ଦେବେ ?

ହାରାମଣି- ମ.. ତୁମର ପୁଣି ଆଉରି ସେ ଜାନୀ ଯୌତୁକ ଉପରେ ଲୋଭ ? ତୁମ ମନଲାଖି ସୁନ୍ଦର ବୋହୂଟିଏ ପାଇବ... ସେଥିଲାଗି ଭଗବାନଙ୍କୁ ଧନ୍ୟବାଦ ନଦେଇ...

ମୁରାରୀ- ଓହୋ ମୁଁ କ'ଣ ସେକଥା କହିଲି ?

ହାରାମଣି- ଆଉ କଉକଥା କହିଲ ? ତୁମର ପ୍ରକୃତି ସେଇଆ । ଲୋଭ ତୁମକୁ ଛାଡ଼ିବ ନାହିଁ ।

ମୁରାରୀ- ହଇହୋ ମୁଁ କ'ଣ ସେଥିପାଇଁ ରିଜିଡ୍ ହେଉଛି ? ମୋ କହିବା କଥା ହେଲା- ଆମ ମର୍ଯ୍ୟାଦାକୁ ଦେଖି ସେମାନେ ବନ୍ଧୁ ସମ୍ମାନ ଦୃଷ୍ଟିରୁ...

ହାରାମଣି- ମ... ସେ ଝିଅ ଜନ୍ମ କରିଛନ୍ତି । ଅଣ୍ଡାରୁ ଭେଣ୍ଡା କରି ଲ'

Digitized by srujanika@gmail.com

ପଢ଼ାଇଛନ୍ତି... ସେ କ'ଣ ଆଉ ସେମିତି ଦାଣ୍ଡ ମର୍ଯ୍ୟାଦାକୁ କିଛି ନଦେବେକି ? ତେବେ ତୁମର କିଛି ଦାବି କରିବା ଉଚିତ ନୁହେଁ ।

ମୁରାରୀ- ମୁଁ ଛମା ସେକଥା ଉଠାଇବି ନାହିଁ । ତୁମେ କାହିଁକି ବ୍ୟସ୍ତ ହଉଛ ? ମୋ ବୋହୂତ ମୋର ଓକିଲାତି କରିବ । ନିତି ନିତି କଞ୍ଚା ପଇସା ରୋଜଗାର କରି ଆଣିବ । କ'ଣ ମିଳିବ ମୋତେ ଦେ ଯୌତୁକରୁ ।

ହାରାମଣି- ହଉ ଠିକ୍ ଅଛି । କେବେ ବୋହୂ ଦେଖିଯିବ କୁହ- ମୁଁ ମୋ ବଉଳର ବର ପାଖକୁ ଖବର ଦେବି ।

ମୁରାରୀ- ଶୁଭସ୍ୟ ଶୀଘ୍ରଂ- ଏଇ ଆସନ୍ତା ରବିବାରକୁ ଧାର୍ଯ୍ୟ କରୁନ ?

ହାରାମଣି- ଏଇ ରବିବାର ?

ମୁରାରୀ- ହଁ, ଆଉ ଡେରି କାହିଁକି କରିବା ?

ହାରାମଣି- କେତେଜଣ ଯିବ ?

ମୁରାରୀ- ମୁଁ, ତୁମେ, ମନ- ଆଉ କିଏ ?

ହାରାମଣି- ତିନିଜଣ ଯିବାଟା ଅଶୁଭ ।

ମୁରାରୀ- ଆଚ୍ଛା, ତେବେ ଆମ ସେ ପଡ଼ିଶାଘର ରାଘବବାବୁଙ୍କୁ ନେଇଯିବା ।

ହାରାମଣି- ହଉ ଠିକ୍ ଅଛି- ମୁଁ ସେଇ ଖବର ଦେଇଦଉଛି ।

ମୁରାରୀ- ହଁ ତୁମେ ଶୀଘ୍ର ଖବର ଦେଇଦିଅ । (ଟିକିଏ ରହି) ଆଉ ଡେରି କାହିଁକି କରୁଛ ? ଯାଅ ଫୋନ୍ ଲଗାଅ...

ହାରାମଣି- ହଁ ମୁଁ ଏବେ ଫୋନ୍‌ରେ କହିଦଉଛି । (ଯାଇ ମିଛରେ ଗୋଟାଏ ଏଣ୍ଡୁତେଣ୍ଡୁ ନମ୍ବର ଲଗାଇ) ହ୍ୟାଲୋ- କିଏ ? ଭାଇନା କହୁଛନ୍ତି ? ହଁ ହଁ ମୁଁ ହାରା କହୁଛି । ଆଚ୍ଛା ତୁମକୁ ଗୋଟାଏ କଥା କହିବି । ନାହିଁ କରିବ ନାହିଁ ତ ? ହଁ ମ କିଛି ଧନରତ୍ନ ମାଗିବି ନାହିଁ ମ । ହଁ ଆଉ ଗୋଟାଏ ଜିନିଷ ତୁମ ପାଖରୁ ଆମର ଆଣିବାକୁ ଭାରି ଆଶା । ଏଁ କ'ଣ କହିଲ? ହଁ ତୁମ୍ ଝିଅ, ଯିଏ ଓକିଲାତି ପାସ୍ କରିଛି । ତାକୁ ଆମ ମନ ପାଇଁ । ହଁ ହଁ ଏଇ ରବିବାର ଦିନ ? ହଉ ଠିକ୍ ଅଛି । ରଖୁଛି । (ରିସିଭର୍ ରଖିଲେ)

ମୁରାରୀ- କ'ଣ କଥା ପକ୍‌କା ହେଇଗଲା ତ ?

ହାରାମଣି- ହଁ ପକ୍‌କା ।

Digitized by srujanika@gmail.com

ଶ୍ରୀମୁରାରୀ- ହଉ ଠିକ୍ ଅଛି । ମୁଁ ତେବେ ଯାଏ ସେ ଡ୍ରାଇଭର୍‌ଟାକୁ ଟିକିଏ ଖବର ଦେଇଆସେ । (ମୁରାରୀବାବୁ ଖୁସିହୋଇ ବାହାରକୁ ଗଲେ । କିଛି ସମୟ ପରେ ଗୋଡ଼ ଚାପି ଚାପି ବାହାରୁ ଆସିଲେ ମନମୋହନ ।)

ମନମୋହନ- ଆଃ ବୋଉର ମୋର କେତେ ବୁଦ୍ଧି ସତେ !

ହାରାମଣି- ସବୁ ପଥ ପ୍ରସ୍ତୁତ କରି ଦେଇଛି । ଏଇ ରବିବାର ଦିନ ଦେଖିବାକୁ ଯିବା କଥା । ବାପା ତୋର ପୂରା ଖୁସି । କିନ୍ତୁ ବାକି ରହିଲା କେବଳ ଅଭିନୟ କରିବା କଥା । ଓକିଲାତି ରିହାର୍ସେଲ୍ ସେସବୁ ତୋ ଦାୟିତ୍ୱ । ତାକୁ ପୂରା ଲେଖିକି ଦେଇଦେବୁ । ଓକିଲଙ୍କ ଜେରା, ଆର୍ଗୁମେଣ୍ଟ, ଯେମିତି ସେ ଫେଲ୍ ନମାରେ ।

ମନମୋହନ- ତୁ ସେଥିପାଇଁ ନିଶ୍ଚିନ୍ତ ରହ । ଆଃ ମୋ ବୋଉ ଭଳି କେହି ହେବନି । You are like a brave mother.

(ଆନନ୍ଦରେ କୁରୁଳି ଉଠି ମନମୋହନ ହାରାମଣୀଙ୍କୁ ଟେକି ଧରିଛନ୍ତି । ମଞ୍ଚ ଅନ୍ଧାର ହୋଇଛି ।)

ଷଷ୍ଠ ଦୃଶ୍ୟ

(ସୁଷମାଙ୍କ ଘର । ସୁଷମା ଓ ମନମୋହନ ଆଳାପରତ)

ମନମୋହନ- ମୋ କଥା ଠିକ୍ ବୁଝିପାରିଲ ନା ନାହିଁ ?

ସୁଷମା- ମତେ ଡର ଲାଗୁଛି । ଯଦି ଭୁଲ୍ କରିଦିଏ ?

ମନମୋହନ- ଆରେ ଭୁଲ୍ କାହିଁକି କରିବ । ଆର୍ଗୁମେଣ୍ଟଟାତ ତୁମେ ମୁଖସ୍ଥ କରି ଦେଇଥିବ । ପଚାରିଲା ମାତ୍ରେ ସଙ୍ଗେ ସଙ୍ଗେ କହିଦେବ । ଏତିକି ଟିକିଏ ଇଣ୍ଟେଲିଜେନ୍ସି ଆପ୍ଲାଏ କରିପାରିବ ନାହିଁ ?

ସୁଷମା- ଉଁ, ଖାଲି କହିଦେଲେ ହେଇଗଲା ? ଲୋକ କୋର୍ଟ୍ କଚେରୀରେ ପାଦ ପକେଇବାକୁ ଭୟ କରୁଛନ୍ତି । ମୁଁ ଓକିଲାତିର ନାଆଁଗନ୍ଧ ନଜାଣି ଓକିଲ ବୋଲି ତୁମ ବାପା ମାଆଙ୍କ ପାଖରେ ଅଭିନୟ କରିବି । ଏଇଟା ଭାରି ସହଜ କଥା ହେଇଛି ?

ମନମୋହନ- ଆରେ ସହଜ ହେଉ ବା କଷ୍ଟ ହେଉ, ଏପରି ଏକ ଅଭିନୟ ମୋ ବାପାଙ୍କ ଆଗରେ ଯେମିତି ହେଲେ ସୁଚାରୁ ରୂପେ କରିବାକୁ ପଡ଼ିବ । ନହେଲେ ଆମର ସବୁ ଯୋଜନା ଭଣ୍ଡୁର ହୋଇଯିବ ।

Digitized by srujanika@gmail.com

ସୁଷମା- ଯୋଉକନା ଭଣ୍ଡୁର ହେଇଯିବ ?

ମନମୋହନ- ହଁ ତୁମେ ଜଣେ 'ଲ' ପଢୁଆ ଝିଅ ବୋଲି ପ୍ରମାଣିତ ନହେଲେ ତୁମେ ମତେ ପାଇପାରିବନି କି ମୁଁ ତୁମକୁ ପାଇପାରିବି ନାହିଁ ?

ସୁଷମା- ଓଃ ହୋଃ ଭଗବାନ୍ ! ଏଥିପାଇଁ ପୁଣି ଏତେ ନାଟକ କରିବାକୁ ପଡ଼ିବ ?

ମନମୋହନ- ଆରେ ବାବା ସେଥିପାଇଁ ଆଉ ଭାବନା କଲେ ଚଳିବ ? ବର୍ଷା ଯୁଆଡ଼େ ଛତା ସିଆଡ଼କୁ କରିବାକୁ ପଡ଼ିବନା...

ସୁଷମା- ପରେ ଯେତେବେଳେ କଥାଟା ଧରା ପଡ଼ିଯିବ । ତୁମ ବାପା ଯେତେବେଳେ ଜାଣିପାରିବେ ଯେ ପ୍ରକୃତରେ ମୁଁ 'ଲ' ପଢ଼ିନାହିଁ ? ଏପରିକି ବାହାଘର ପରେ ବି ?

ମନମୋହନ- ସେତେବେଳେ ଆଉ କ'ଣଟା ହେବ ? ବାପା କଣ ଆଉ ତୁମକୁ ଘରୁ ବାହାର କରିଦେବେ, ନା ମତେ ତ୍ୟେଜ୍ୟପୁତ୍ର କରିବେ ?

ସୁଷମା- ମୁଁ କିନ୍ତୁ ତୁମ ବାପାଙ୍କ ପାଖରେ ଗୋଟିଏ ମିଛେଇ ବୋଲି ସବୁଦିନେ ଅବିଶ୍ୱାସର ପାତ୍ରୀ ହୋଇରହିଯିବି ।

ମନାମୋହନ- ଓ ହୋଃ ସେସବୁ କଥା ଛାଡ଼ । ତୁମେ ଆଗ ଏହି ଇଣ୍ଟରଭିଉ ପାଇଁ ପ୍ରସ୍ତୁତ ହେଇଗଲ ?

ସୁଷମା- ପ୍ରସ୍ତୁତ ତ ହେଇଛି, ହେଲେ .....

ମନମୋହନ- ଆଉ ଆଶଙ୍କା କରନି, ମଉସା ଅଫିସ୍ ଯାଉଛନ୍ତି ?

ସୁଷମା- ହଁ ଅଫିସ୍ ଛଡ଼ା ଆଉ କୁଆଡ଼େ ଯିବେ ? ତାଙ୍କର ଅଫିସ୍ କାମ ଭଲ ତ ସେ ଭଲ ।

ମନମୋହନ- ଆମର ବାହାଘର ହୋଇଗଲେ ମଉସା ଖୁସି ହେବ ତ ?

ସୁଷମା- ଏକବାର ଖୁସି । ତୁମ ଭଳି ଜ୍ୱାଇଁ କଣ ସେ ପାଇଥାନ୍ତେ ?

ମନମୋହନ- ହେ, ତୁମେ ଅତିରଂଜିତ କରି କହୁଛ ।

ସୁଷମା- ଅତିରଂଜିତ କାହିଁକି ? ତୁମର କଣ ସେପରି ଅସାଧାରଣ ଯୋଗ୍ୟତା ନାହିଁକି ?

ମନମୋହନ- ହଉ ସେକଥା ବନ୍ଦକର । ତୁମେ ଅର୍ଗୁମେଣ୍ଟ ଘୋଷ, ମୁଁ ଚାଲିଲି ।

ସୁଷମା- ତୁମେ ପୁଣି କେତେବେଳେ ଆସିବ ?

ମନମୋହନ- କାହିଁକି ? ମୋଠି ତୁମର ଆଉ କଣ କାମ ?

Digitized by srujanika@gmail.com

ସୁଷମା- ଏଁ କଣ କହିଲ ? ତୁମଠି ମୋର କ'ଣ କାମ ? ଏଇ ତ ତୁମକୁ କେବଳ ପାଇବାପାଇଁ ମୋର ଏତେ ଅଭିନୟ ? ଏତେ ନାଟକ ।

ମନମୋହନ- ହଉ, ନାଟକ ଆଗ ସରିଯାଉ ତାପରେ ତୁମେ ମୋର, ମାନେ ଚିରକାଳ ମୋର ହୋଇ ରହିବ ।

ସୁଷମା- (କୁଣ୍ଢାଇଧରି) ମୋର କିନ୍ତୁ ତୁମକୁ ଆଦୌ ପାଖରୁ ଛାଡ଼ିବାକୁ ଇଚ୍ଛା ହେଉନାହିଁ ।

ମନମୋହନ- ହଉ କେତେ ଧରି ରଖିବ ଦେଖିବାନି ?

ସୁଷମା- ମତେ ଭାରି ଡର ଲାଗୁଛି ।

ମନମୋହନ- ଏତେ ବୁଝେଇ କହିବା ପରେ ବି ପୁଣି ଡର ଲାଗୁଛି ?

ସୁଷମା- ଡର ଲାଗୁଛି 'ଇ' ନପଢ଼ି 'ଇ' ପଢ଼ିବାର ମିଛ ଅଭିନୟ କରିବାକୁ । ମୋର ଭାବି ଶ୍ୱଶୁରଙ୍କ ସାଙ୍ଗରେ ପ୍ରତାରଣା କରିବାକୁ ?

ମନମୋହନ- ଆରେ ଯା, ଏସବୁ କାର୍ଯ୍ୟରେ ଏମିତି ଛଳନା କରିବାକୁ ହୁଏ । ତା ନକଲେ ଆମ ପ୍ରେମ, ଆମ ଭଲପାଇବାରେ ଗୋଟାଏ ବିରାଟ ଫାଟ ସୃଷ୍ଟି ହୋଇଯିବ । ଏକ ଦୀର୍ଘ ବ୍ୟବଧାନ ରହିଯିବ । ତୁମକୁ ନପାଇ ଅଖଣ୍ଡ ଶୂନ୍ୟତା ଭିତରେ ଚିରକାଳ ପାଇଁ ମୁଁ କେବଳ ହାହାକାର କରି ଉଠୁଥିବି ।

ସୁଷମା- ହଉ ବାବା ଠିକ୍ ଅଛି, ତୁମର ଶୂନ୍ୟତା ଅନୁଭବ କରିବା ଲୋଡ଼ା ନାହିଁ । ମୁଁ ଜଣେ ଦକ୍ଷ ଅଭିନେତ୍ରୀ ସାଜି ମନଛୁଆଁ ଅଭିନୟ କରିବାକୁ ଚେଷ୍ଟା କରୁଛି ।

ମନମୋହନ- ମୁଁ ତେବେ ଆସୁଛି ।

ସୁଷମା- ଉଁ, ଏମିତି ଚାଲିଯିବ ?

ମନମୋହନ- ନା, ନା, ଯିବାପୂର୍ବରୁ ଅନ୍ତତଃ ଗୋଟାଏ ସରୁ ...
(ସୁଷମାକୁ ଆଲିଙ୍ଗନ କରି ତା ଗଣ୍ଡ ଦେଶରେ ସରୁ ଚୁମ୍ବନଟିଏ ଦେବାକୁ ଚେଷ୍ଟା କରିଛି । ମନମୋହନଙ୍କ ବାହୁ ବନ୍ଧନୀ ମଧ୍ୟରୁ ମୁକୁଳି ଆସିଛି ସୁଷମା)

ସୁଷମା- ହେ... ବାହାର ଦରଜାଟା ମେଲା ଅଛି ଅଥଚ ...

ମନମୋହନ- ହଉ ଠିକ୍ ଅଛି, ତୁମକୁ ଏତେ କୁତୁକୁତୁ କରିବାକୁ ମୋ ପାଖରେ ବି ସମୟ ନାହିଁ । ମୁଁ ଚାଲିଲି ପରେ ପୁଣି .... (ମନମୋହନ

Digitized by srujanika@gmail.com

ଚାଲିଯାଉଥିଲେ । ରହିଯାଇ ପୁଣି ଫେରିଆସିଛନ୍ତି । ବ୍ୟାଗରୁ ଖୋଲି ଗୋଟାଏ ସୁଷମାଙ୍କର 'ଲ' ପାସ୍‌କରିଥିବା ମିଛ ସାର୍ଟିଫିକେଟଟା ବଢ଼େଇଛନ୍ତି ।)

ମନମୋହନ- ଆରେ ହଁ ଶୁଣ, ଏଇ ସାର୍ଟିଫିକେଟ୍‌ଟା ରଖ, ତୁମେ 'ଲ' ପାସ୍ କରିଛ ବୋଲି ଗୋଟାଏ ଫଲ୍‌ସ୍ ସାର୍ଟିଫିକେଟ୍, ମାଗିଲେ ଦେଖାଇବ । କେଉଁ କଲେଜରୁ ପାସ୍ କରିଛ କହିଲେ କହିବ ବାଣୀବିହାରରୁ... ମୁଁ ଆସିଲି (ମନମୋହନ ଚାଲି ଯାଇଛନ୍ତି । ତାଙ୍କ ଗତିପଥକୁ ଚାହିଁ ରହିଛନ୍ତି ସୁଷମା) । କ୍ରମଶଃ ସେ ଅନ୍ୟମନସ୍କା ହୋଇ ପଡ଼ିଛନ୍ତି । ସତେ ଯେମିତି ପଲକ ପଡୁନାହିଁ । ତାହାର କିଛି ସମୟ ପରେ ବାହାରୁ ଆସିଛନ୍ତି ସୁଷମାର ପିତା ଦାମୋଦର ବାବୁ)

ଦାମୋଦର- କିରେ ! ବାହାର ଦରଜାଟା କଣ ମେଲା ? ଘରକୁ କିଏ ଆସିଥିଲା କି ?

ସୁଷମା- ମନମୋହନ ବାବୁ !

ଦାମୋଦର- ମନମୋହନ ବାବୁ ଆସିଥିଲେ ? ଆଉ କଣ ସବୁ କହୁଥିଲେ ? ତାଙ୍କ ବାପା ମାଆ ଏଇ ରବିବାର ତୋତେ ଦେଖିବାକୁ ନିଶ୍ଚୟ ଆସିବେଟି ?

ସୁଷମା- ହଁ ଆସିବେ ବୋଲି କହୁଥିଲେ ଯେ...

ଦାମୋଦର- ଯେ ?

ସୁଷମା- ତାଙ୍କ ବାପାଙ୍କର ତ 'ଲ' ପଢୁଆ ବୋହୂ ଦରକାର । ଅକାରଣେ ତାଙ୍କୁ ଠକେଇ ମିଛ ସତର ଅଭିନୟ କରି..

ଦାମୋଦର- ମୁଁ କଣ ସେକଥା ଭାବୁନି ବୋଲି ଭାବୁଛୁ ? ସବୁ ଭାବୁଛି, ବାହାଘର ପରେ ଏଇ କଥାକୁ ନେଇ ଯଦି ତାଙ୍କ ପରିବାରରେ କିଛି ଝଡ଼ ଉଠେ, ତେବେ ତ ତୋର ଜୀବନ ଦୁର୍ବିସହ ହୋଇ ପଡ଼ିବ । କେବଳ ଯାହା ସେହି ମନମୋହନ ବାବୁଙ୍କ ନିଷ୍ଠା ଓ ପ୍ରତିଶ୍ରୁତିକୁ ନିଘା କରି ଏ ପ୍ରସ୍ତାବରେ ମୁଁ ହଁ ଭରୁଛି ଏବଂ ତୋର ମନମୋହନ ବାବୁଙ୍କ ପ୍ରତି ଯଥେଷ୍ଟ ଆକର୍ଷଣ ଅଛି ତାହା ମୁଁ ଭଲଭାବେ ଅନୁଭବ କରିଛି । ତୋ ଖୁସିରେ ମୋ ଖୁସି । ମୁଁ ଚାହେଁ କେମିତି ତୁ ଭଲରେ ରହ ।

Digitized by srujanika@gmail.com

ସୁଷମା- ବାପା ! (ଦାମୋଦର କାନ୍ଦି ପକାଉଛନ୍ତି । ସୁଷମା ଦାମୋଦରଙ୍କ ଛାତିରେ ମୁହଁ ଗୁଂଜି କାନ୍ଦି ଉଠିଛି । ମଂଚ ଅନ୍ଧକାର ହୋଇଛି ।)

ସପ୍ତମ ଦୃଶ୍ୟ

(ଦାମୋଦର ବାବୁଙ୍କ ଘର । ମୁରାରୀ ବାବୁ, ହାରାମଣି ଓ ମନମୋହନ ସୋଫାରେ ବସି ଜଳଖିଆ ଖାଇସାରି ଚା ପିଉଥିଲେ । ଦାମୋଦର ବାବୁ ଭିତରୁ ଆସି ସେମାନଙ୍କ ପାଖରେ ବସିଲେ ।)

ହାରାମଣି- ଓଃ ଆପଣ ଆଜି ଗୁଡ଼ାଏ ଖୁଆଇଦେଲେ ।

ଦାମୋଦର- ନାଇଁ ଆଜ୍ଞା, ଗରିବ ଲୋକ ଆପଣଙ୍କୁ କଣ ଖାଇବାକୁ ଦେବୁ ।

ହାରାମଣି- ଆପଣ ଏମିତି ଖାଲି କହିଲେ ହେବ ? ଏଇ ଯେଉଁ ଏତେଗୁଡ଼ାଏ ଆଣି ପରସି ଦେଇଗଲେ ?

ଦାମୋଦର- ସେ ସବୁ ଆମ ଝିଅ ନିଜ ହାତରେ ତିଆରି କରିଛି ।

ହାରାମଣି- ବାଃ ଖୁବ୍ ଚମତ୍କାର ପ୍ରିପାରେସନ୍ ।

ମୁରାରୀ- ଆଉ ଡେରି କାହିଁକି କରୁଛନ୍ତି ଆଜ୍ଞା; ଝିଅକୁ ଡାକନ୍ତୁ ।

ଦାମୋଦର- ହଁ ଆଜ୍ଞା, ମୁଁ ଡାକୁଛି (ଭିତରକୁ ଯାଉଛନ୍ତି ଦାମୋଦର)

ହାରାମଣି- ହଇହୋ; ତୁମକୁ ଏମାନଙ୍କ ଆଚାର ବ୍ୟବାହାର ଭଲ ଲାଗୁଛି ତ ?

ମୁରାରୀ- ଏମାନଙ୍କ ଆଚାର ବ୍ୟବହାରରେ ମୋର ବିଶେଷ କିଛି ଯାଏ ଆସେ ନାହିଁ । ମୁଁ ଯାହାକୁ ଦେଖିବାକୁ ଆସିଛି ତାକୁ ନଦେଖିଲା ଯାଏ- ତାର ଗୁଣଗ୍ରାମ ନଜାଣିଲା ଯାଏ ମୋ ମନରେ ସ୍ଥିରତା ନାହିଁ ।

ହାରାମଣି- ଝିଅକୁ ତ ନିଜ ଆଖିରେ ଦେଖିବ କିଏ ମନା କରୁଛି ? ମୁଁ ଆଚାର ବ୍ୟବହାର କଥା ପଚାରୁଥିଲିନା ? (ମନମେହନଙ୍କୁ ଲକ୍ଷ୍ୟ କରି) କିରେ ମନ- ତୋ ମନକୁ କିପରି ଲାଗୁଛି ? ଏମାନଙ୍କ ଘରଦ୍ୱାର, ଆଚାର ବ୍ୟବହାର ସବୁ ମନକୁ ପାଉଛି ତ ?

ମନମୋହନ- ମୋର କିଛି କହିବାର ନାହିଁ । ବାପା ଓ ତୁ ଯାହା ଠିକ୍ କରିବ ମୋର ସେଥିରେ ଆପତ୍ତି ନାହିଁ ।

ହାରାମଣି- ବଉଳ ମୋର ଅକାଳରେ ଚାଲିଗଲା । ଏକମାତ୍ର ଝିଅର ବାହାଘରଟା ବି ଦେଖି ପାରିଲା ନାହିଁ । ସେ ଥିଲେ ନା... ଏଇନେ ଆସି କେତେ କଣ ଗପସପ କରି ତୁମ ମନ କିଣି ଦେଇ ସାରନ୍ତାଣିନା ?

Digitized by srujanika@gmail.com

ମୁରାରୀ- ମୋ ମନ କିଣି ନେଇଥିଲେ ମହା ଅସୁବିଧା କଥା ହୋଇଥାନ୍ତା ।
(ଏହି ସମୟରେ ସୁଷମା ହାତରେ ପାନ ଥାଳିଆ ଧରି ଅସିଛି । ଟିପୟ ଉପରେ ପାନ ଥାଳିଆଟି ରଖି ସଭିଙ୍କୁ ମଥା ନଇଁ ନମସ୍କାର ଜଣାଇଛି । ସୁଷମାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଛନ୍ତି ମୁରାରୀ ବାବୁ । ମୁରାରୀ ବାବୁଙ୍କ ମନର ପ୍ରତିକ୍ରିୟା ଜାଣିବାକୁ ବାରମ୍ବାର ଲକ୍ଷ୍ୟ କରୁଛନ୍ତି ମନମୋହନ ଏବଂ ହାରାମଣି ।

ହାରାମଣି- ସେଇଠି ବସ ମା, ବସ ।
(ସୁଷମା ବସିଛି । ତା ପାଖରେ ବସିଛନ୍ତି ଦାମୋଦର ବାବୁ)

ମୁରାରୀ- ତୁମେ 'ଲ' ପାସ୍ କରିଛ ?

ସୁଷମା- (ମୁଣ୍ଡ ଟୁଙ୍ଗାରି ହଁ କରିଛି)

ହାରାମଣି- ତୁମେ ମେଡିକାଲ କି ଇଂଜିନିୟରିଂ ପଢ଼ିଲ ନାହିଁ କାହିଁକି ?

ସୁଷମା- ମୋର ମୂଳରୁ ସାଇନ୍ସ୍ ପ୍ରତି ଆଗ୍ରହ ନଥିଲା, ତେଣୁ ଆର୍ଟସ୍ ପଢ଼ିଲି । ବି.ଏ. ପରେ 'ଲ' ପଢ଼ିବାକୁ ଇଚ୍ଛା ହେଲା, ପଢ଼ିଲି ।

ମୁରାରୀ- ଖାଲି ଏମିତି ପଢ଼ିବା ପାଇଁ ପଢ଼ିଲ, ନା ପ୍ରାକ୍ଟିସ୍ କରିବ ?

ସୁଷମା- ପ୍ରାକ୍ଟିସ୍ କରିବି ।

ହାରାମଣି- ୟୁନିଭରସିଟି ସାର୍ଟିଫିକେଟ୍ ମିଳି ସାରିଛି ?

ସୁଷମା- ହଁ ପ୍ରୋଭିଜିନାଲ୍ ସାର୍ଟିଫିକେଟ୍‌ଟା ମିଳିଛି ।

ହାରାମଣି- ଆଚ୍ଛା ଠିକ ଅଛି, ପରେ ସାର୍ଟିଫିକେଟ । ମନେକର ଗୋଟାଏ ଲୋକ ଜଣେ ଭଦ୍ର ବ୍ୟକ୍ତିର ଘର ଭଡ଼ା ନେଇ ଘର ଭଡ଼ା ଦେଉନାହିଁ । ଭଦ୍ରବ୍ୟକ୍ତି ଜଣକ ଘରଭଡ଼ା ନେଇଥିବା ଲୋକ ନାଆଁରେ କେସ୍ କଲେ । ତମେ ଭଦ୍ରବ୍ୟକ୍ତିଙ୍କ ପକ୍ଷରୁ କେସ୍ ଲଢୁଛ । କଚେରୀରେ କେମିତି ଆର୍ଗୁମେଣ୍ଟ କରିବ କହିଲ ?

ସୁଷମା- (ଉଠି ଠିଆ ହୋଇଛି)

ହାରାମଣି- ହଁ, ଶଙ୍କୋଚ କରିବାର କିଛି ନାହିଁ, କୁହ....

ସୁଷମା- ମି. ଲର୍ଡ଼ ! ଆସାମୀ ଦୀର୍ଘଦିନ ହେଲା ଘରଭଡ଼ା ନେଇ ଘରଭଡ଼ା ନଦେଇ ଜବର ଦଖଲ କରି ରହୁଛନ୍ତି । ଘରଭଡ଼ା ମାଗିଲେ ଉତ୍ୟକ୍ତ ହୋଇ ନାଲି ଆଖି ଦେଖାଇ ମାଡ଼ ମାରିବାର ଧମକ ଦେଉଛନ୍ତି । ଏ ସଂପର୍କରେ ଯଥାର୍ଥ ସାକ୍ଷୀ ପ୍ରମାଣ

Digitized by srujanika@gmail.com

ରହିଛି । କୋର୍ଟରେ ମୁଁ ସାକ୍ଷୀ ଗ୍ରହଣ ପୂର୍ବରୁ ଆସାମୀଙ୍କୁ ଜେରା କରିବାକୁ ମୁଁ କୋର୍ଟରେ ଆବେଦନ କରୁଛି My Lord ।

(ସୁଷମାଙ୍କର ଏପ୍ରକାର ବୟାନ ଶୁଣି ମୁରାରୀ, ହାରାମଣି ଓ ମନମୋହନ ଖୁବ୍ ଖୁସି ହୋଇଯାଇଛନ୍ତି ।)

ହାରାମଣି- ବାସ୍ ସେଇଠୁ ବନ୍ଦକର ।

ମୁରାରୀ- (ଖୁବ୍ ବିହ୍ୱଳ ହୋଇ) ସୁନ୍ଦର, ଅତି ସୁନ୍ଦର । ଏଥର ମା ତୁମର ସେ ସାର୍ଟିଫିକେଟ୍‌ଟା ଟିକିଏ ଆଣିଲ ।

(ସୁଷମା ଉଠି ଠିଆ ହେଉଥିଲା । ଦାମୋଦର ଉଠି ପଡ଼ି କହିଲେ)

ଦାମୋଦର- ତୁ ବସ ମା, ମୁଁ ନେଇ ଆସୁଛି ।

ସୁଷମା- ନା, ଆପଣ ପାଇବେ ନାହିଁ ବାପା ମୁଁ ଆଣୁଛି ।

ମୁରାରୀ- ଆଚ୍ଛା ଥାଉ, ଥାଉ, ଆଉ ସାର୍ଟିଫିକେଟ୍ ଦେଖିଲେ କଣ ଅଧିକା ହେବ ? ତୁମେ ଯେ ଲ ପଢ଼ିଛ ଏଥିରେ କଣ ଆଉ ସନ୍ଦେହ ଅଛି ? (କଥା ବଦଳାଇ) ହଁ ଏଥର କୁହନ୍ତୁ ଦାମୋଦର ବାବୁ ! ବୋହୂ ପସନ୍ଦ, ଏଇ ଆଗାମୀ ତିଥିରେ ମୁଁ ବାହାଘର କରିବାକୁ ଚାହେଁ- ଆପଣଙ୍କର କିଛି ଆପତ୍ତି ନାହିଁ ତ ?

ଦାମୋଦର- ନା, ମୋର ଆପତ୍ତି କଣ ?

ହାରାମଣି- ନା, ଏ ବାହାଘର ଏତେ ଶୀଘ୍ର ହୋଇପାରିବ ନାହିଁ ?

(ସମସ୍ତେ ବିସ୍ମିତ ହୋଇ ହାରାମଣିଙ୍କୁ ଚାହିଁଛନ୍ତି)

ଦାମୋଦର- ହେଇ ପାରିବ ନାହିଁ, ମାନେ ?

ମୁରାରୀ- ଯେ ତୁମେ କଣ କହୁଛ ? ବୋହୂ ତ ମୋର ପସନ୍ଦ ହୋଇଛି ।

ହାରାମଣି- ଖାଲି ତୁମେ ପସନ୍ଦ କରିଦେଲେ ହୋଇଗଲା ?

ମନମୋହନ- ବୋଉ !

ମୁରାରୀ- ତୁମେ କଣ କହିବାକୁ ଚାହୁଁଛ ?

ହାରାମଣି- ଯେ ଓରାଲ୍ ଗଲା, ତାକୁ ଗୋଟାଏ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ହେବ ।

ମୁରାରୀ- ପ୍ରାକ୍ଟିକାଲ୍ ?

ହାରାମଣି- ହଁ ଆମ ଘରେ କୋର୍ଟ ବସିବ, ମନମୋହନ ମେସ୍‌ର କେସ୍ ବିଚାର ହେବ । ସବୁ ବୋର୍ଡ଼ରସ୍‌ମାନେ ସେଠି ଏପିୟର୍

Digitized by srujanika@gmail.com

କରିବେ । ମୁଁ କେସ୍ ବିଚାର କରିବି । ଦେଖିବି ସେ କେମିତି ଆର୍ଗୁମେଣ୍ଟ କରି କେସ୍ ଲଢ଼ିବ । ସେଥିରେ ଉତ୍ତୀର୍ଣ୍ଣ ହେଲେ ବାହାଘର ସେହି ତିଥିରେ ହେବ ।

ମୁରାରୀ- ତୁମର କଣ ସନ୍ଦେହ ହେଉଛି ?

ହାରାମଣି- ମୋ ସନ୍ଦେହରେ କିଛି ଯାଏ ଆସେ ନାହିଁ । ତୁମେ ଯେଉଁଥିପାଇଁ 'ଲ' ପଢୁଆ ବୋହୂ ଖୋଜୁଛ ସେହିକଥାଟାର ସଫଳତା କେତେଦୂର ହେଇପାରୁଛି ଆମେ ଦେଖିବା ।

ମୁରାରୀ- ହଉ ତେବେ ତୁମରି କଥା ହେଉ । ହଉ ଆମେ ତେବେ ଯାଉଛୁ ଦାମୋଦର ବାବୁ । ମୁଁ ଆଜି ଜ୍ୟୋତିଷ ସହ ତିଥିଲଗ୍ନ ସ୍ଥିର କରି ଆପଣଙ୍କୁ ଖବର ଦେବି ।

ଦାମୋଦର- ଆଚ୍ଛା ଠିକ୍ ଅଛି ।

(ତାପରେ ମୁରାରୀବାବୁ, ହାରାମଣି ଓ ମନମୋହନ ବିଦାୟ ନେଇ ଆସିଛନ୍ତି । ତାଙ୍କ ଗତିପଥକୁ ଚାହିଁ ରହିଛନ୍ତି ଦାମୋଦର ବାବୁ ଓ ସୁଷମା- ମଂଚ ଅନ୍ଧାର ହୋଇଛି ।)

ଶେଷ ଦୃଶ୍ୟ

(ମୁରାରୀ ବାବୁଙ୍କ ବୈଠକଖାନାରେ କୋର୍ଟର ଦୃଶ୍ୟ । କୋର୍ଟର ବିଚାରପତି ଆସନରେ ହାରାମଣି । ପାଖରେ ଅର୍ଦ୍ଦଳୀ । ସାମ୍ନା ସିଟ୍‌ରେ ପ୍ରତିବାଦୀ ଓକିଲଭାବେ ମନମୋହନ, ଦାମୋଦର ବାବୁ ଓ ଅନ୍ୟାନ୍ୟ କୋର୍ଟର ଦର୍ଶକ ବୃନ୍ଦ ବସିଛନ୍ତି ।)

ହାରାମଣି- କୋର୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ।

ସୁଷମା- ମି ଲର୍ଡ଼ ! ମୁଦେଇ ମୁରାରୀ ମୋହନ ଶତପଥୀଙ୍କୁ ମୁଁ ପ୍ରଥମେ ଜେରା କରିବାକୁ ଚାହେଁ ।

ହାରାମଣି- ମୁଦେଇ ମୁରାରୀ ମୋହନ ଶତପଥୀ ।

ଅର୍ଦ୍ଦଳୀ - ମୁରାରୀ ମୋହନ ଶତପଥୀ ହାଜର ହେ । (ମୁରାରୀ ବାବୁ ଆସି କାଠଗଡ଼ା ଭିତରକୁ ଯାଇଛନ୍ତି)

ସୁଷମା- ଆପଣ ମୁରାରୀ ମୋହନ ଶତପଥୀ ?

ସୁଷମା- ଆଜ୍ଞା ହଁ ।

Digitized by srujanika@gmail.com

ସୁଷମା- ତେବେ ଏ ଗୀତାକୁ ଛୁଇଁ କହନ୍ତୁ, ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି ଯାହା କହିବି ସତ କହିବି । ସତ ବିନା ମିଛ ଆଦୌ କହିବି ନାହିଁ ।

ମୁରାରୀ- ମୁଁ ଏ ଗୀତା ଛୁଇଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି ଯାହା କହିବି ସତ କହିବି । ସତ ବିନା ମିଛ ଆଦୌ କହିବି ନାହିଁ । (ଗୀତାକୁ ଛୁଇଁ କହିଛନ୍ତି)

ସୁଷମା- ଆପଣ ମନମୋହନ ମେସ୍‌ର ମାଲିକ ?

ମୁରାରୀ- ଆଜ୍ଞା ।

ସୁଷମା- ସେ ମେସ୍‌ରେ ଯେତେବେଳେ ଛାତ୍ରମାନେ ପ୍ରଥମେ ରହିଲେ- ସେତେବେଳେ ଆପଣଙ୍କର ସର୍ତ୍ତ କଣ ଥିଲା ?

ମୁରାରୀ- ଶୃଙ୍ଖଳାର ସହିତ ମେସ୍‌ରେ ରହିବେ ।

ସୁଷମା- ପ୍ରତ୍ୟେକ ବୋର୍ଡ଼ର ଘରଭଡ଼ା ବାବଦକୁ କେତେ କରି ଭଡ଼ା ଦିଅନ୍ତି ?

ମୁରାରୀ- ପ୍ରତ୍ୟେକ ମାସକୁ ପାଞ୍ଚଶହ ଟଙ୍କା ଲେଖାଏଁ ଦିଅନ୍ତି ।

ସୁଷମା- ନିୟମିତ ଦେଲେନାହିଁ କାହିଁକି ?

ମୁରାରୀ- ନିୟମିତ ଦେଉଥିଲେ, ସେମାନଙ୍କ ଭିତରେ କଣ ହେଲା କେଜାଣି ଏବେକୁ ଦଶମାସ ହେଲା ଭଡ଼ା ଦେଉ ନାହାନ୍ତି ।

ସୁଷମା- ଖାଲି ଭଡ଼ା ଦେଇନାହାନ୍ତି ନା ଗାଳି ଫଜିତ୍ କରିଛନ୍ତି ?

ମୁରାରୀ- ହଁ ମୋତେ ଅସମ୍ମାନ କରି ଅଶ୍ରାବ୍ୟ ଭାଷାରେ ଗାଳି କରିଛନ୍ତି ।

ମନମୋହନ- (ପ୍ରତିବାଦୀ ଓକିଲ ଉଠିଛି) objection ମି. ଲର୍ଡ଼ ! ସରକାରୀ ଓକିଲ ମୋର କ୍ଲାଏଣ୍ଟ ବିରୁଦ୍ଧରେ ଅଯଥା ହସ୍ତକ୍ଷେପ କରୁଛନ୍ତି ।

ହାରାମଣି- Objection overruled. Procceed.

ସୁଷମା- ସେମାନେ ଆପଣଙ୍କର ମାନହାନି କରିଛନ୍ତି । ଆପଣ ତାଙ୍କ ବିରୁଦ୍ଧରେ ମାନହାନି କେଶ୍ କରିଥିଲେ ?

ମୁରାରୀ- ମୁଁ ପ୍ରଥମେ ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବା ନିମନ୍ତେ ତାଙ୍କୁ ପୁତ୍ର ସୁଲଭ ବ୍ୟବହାର ଦେଖାଇ ତାଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲି । ଏତେଦିନ ସେମାନେ ଆଡାମେଣ୍ଟ ହୋଇ ଭଡ଼ା ନଦେବାରୁ ମୁଁ ବାଧ ହୋଇ କୋର୍ଟର ଆଶ୍ରୟ ନେଉଛି ।

Digitized by srujanika@gmail.com

ସୁଷମା- Alright. ମି. ଲର୍ଡ଼; ମୁଦେଇ ମୁରାରୀ ମୋହନ ଶତପଥୀ ଅକାରଣେ ଛାତ୍ରମାନଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି । ବର୍ତ୍ତମାନ ମୁଁ ପ୍ରଥମ ନମ୍ବର ଆସାମୀ ମନମୋହନ ମେସ୍‌ର ବୋର୍ଡ଼ର ଫିରୋଜ୍ ଅହମ୍ମଦଙ୍କଠାରୁ ବିବୃତ୍ତି ଗ୍ରହଣ କରିବାକୁ ଚାହେଁ ।

ମନମୋହନ- Objection ମି. ଲର୍ଡ଼ ! ମୁଁ ମୁଦେଇ ମୁରାରୀ ମୋହନ ଶତପଥୀଙ୍କ ଠାରୁ କିଛି ବୟାନ ଶୁଣିବାକୁ ଚାହେଁ ମି. ଲର୍ଡ଼ ।

ହାରାମଣି- Objection sustained. ତୁମେ ପଚାରିପାର ।

ମନମୋହନ- ଆଚ୍ଛା, ତୁମେ ତ ମନମୋହନ ମେସ୍ ବୋର୍ଡ଼ରଙ୍କୁ କେବେ ତୁମ ଘରଭଡ଼ା ଦାବୀଙ୍କ ନିଜେ ଯାଇ ମାଗିଛ ?

ମୁରାରୀ- ନା ।

ମନମୋହନ- ତେବେ, ନିଜେ ଘରଭଡ଼ା ନମାଗି ସେ ଦେଲେନାହିଁ ବୋଲି କିପରି ଦୋଷାରୋପ କରୁଛନ୍ତି ? ଆପଣ ତାଙ୍କୁ ଘରଭଡ଼ା ମାଗିଥିଲେ ସେମାନେ ହୁଏତ ଦେଇ ଦେଇଥାନ୍ତେ ।

ମୁରାରୀ- ଘରଭଡ଼ା ସେମାନେ ପ୍ରତିମାସରେ ପ୍ରଥମ ସପ୍ତାହରୁ ହିଁ ନିୟମିତ ଦେଇ ଦିଅନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଫିରୋଜ ଓ ବିକ୍ରମ ବୋଲି ଦୁଇଟା ପିଲା ଦିନେ ମୋତେ ଗୁରୁତର ଅପମାନ ଦେଲେ ଏବଂ ସେହିଦିନଠାରୁ କୌଣସି ଛାତ୍ର ଆଉ ଘରଭଡ଼ା ଦେଉନାହାନ୍ତି ।

ମନମୋହନ- ସେମାନେ ଛାତ୍ର, ଯୁବକ, ସାମାନ୍ୟ କଥାରେ ଟିକିଏ ରାଗିଯିବା ସ୍ୱାଭାବିକ, କିନ୍ତୁ ଆପଣ ଜଣେ ବୟସ୍କ ଲୋକ ହୋଇ ତାଙ୍କୁ ବୁଝେଇ ସୁଝେଇ ସମସ୍ୟାର ସମାଧାନ ନକରି ଏପରି କୋର୍ଟ କଚେରୀ କରିବା ପଛରେ କି ଦୁରଭିସନ୍ଧି ଅଛି ? ନା ଏମିତି କେସ୍ କରିବା ଆପଣଙ୍କର ଗୋଟାଏ ଅଭ୍ୟାସ ?

ସୁଷମା- Objection objection ମି. ଲର୍ଡ଼

ହାରାମଣି- Order Ordrer

ସୁଷମା- ମୁଦେଇ ମୁରାରୀବାବୁ ଜଣେ ସାଧାରଣ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି । ତାଙ୍କୁ ଏପରି ଦୋଷାରୋପ କରି ତାଙ୍କ ସ୍ୱଭାବ ଚରିତ୍ର ଉପରେ ଆଞ୍ଚ ଆଣିବାର କିଛି ଅଧିକାର ନାହିଁ ମି. ଲର୍ଡ଼ ।

Digitized by srujanika@gmail.com

ହାରାମଣି- Defenee lawyer keep silent, Now you proceed

ସୁଷମା- ଫିରୋଜ ଅହମ୍ମଦ

ହାରାମଣି- ଫିରୋଜ ଅହମ୍ମଦ

ଅର୍ଦ୍ଦଳୀ- ଫିରୋଜ ଅହମ୍ମଦ ହାଜର ହେ, ଫିରୋଜ ଅହମ୍ମଦ ହାଜର ହେ (ଫିରୋଜ ଆସିଛି କାଠ ଗଡ଼ାକୁ)

ସୁଷମା- ତୁମେ ଫିରୋଜ ଅହମ୍ମଦ ?

ଫିରୋଜ- ଆଜ୍ଞା ।

ସୁଷମା- ଏ ଗୀତାଛୁଇଁ କୁହ, ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି- ଯାହା କହିବି ସତ କହିବି । ସତ ବିନା ମିଛ ଆଦୌ କହିବି ନାହିଁ ।

ଫରୋଜ- ମୁଁ ଗୀତା ଛୁଇଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି, ଯାହା କହିବି ସତ କହିବି, ସତ ବିନା ମିଛି ଆଦୌ କହିବି ନାହିଁ ।

ସୁଷମା- ତୁମେ ମୁରାରୀ ମୋହନ ଶତପଥୀଙ୍କ ମନମୋହନ ମେସ୍‌ରେ ରୁହ, କଲେଜରେ ପାଠ ପଢ଼ ?

ଫିରୋଜ- ଆଜ୍ଞା ।

ସୁଷମା- ତୁମେ ତାଙ୍କୁ ଅପମାନ ଦେଇ ଗାଳି ଗୁଲଜ କରିଛ ?

ଫିରୋଜ- ଆଜ୍ଞା ।

ସୁଷମା- ଦଶ ମାସର ଘରଭଡ଼ା ଦେଇନାହଁ ?

ଫିରୋଜ- ଆଜ୍ଞା ।

ସୁଷମା- ତୁମେ ସବୁ ଦୋଷ ସ୍ୱୀକାର କରିଛ । ଜାଣ ତୁମକୁ ସେଥିପାଇଁ ଶାସ୍ତି ବିଧାନ ହେବ ?

ଫିରୋଜ- ଜାଣେ ।

ସୁଷମା- ଜାଣି ଜାଣି ତୁମେ ଶାସ୍ତି ଗ୍ରହଣ କରିବାକୁ ପ୍ରସ୍ତୁତ ଅଛ ?

ମନମୋହନ- Objection My Lord ! ଦଣ୍ଡ ବିଧାନ କରିବା, କେସ୍ ବିଚାର କରି ରାୟ ଦେବା ବିଚାରପତିଙ୍କ କାର୍ଯ୍ୟ, ଓକିଲଙ୍କର ନୁହେଁ ।

ହାରାମଣି- Order, order, objection overruled. Go on.

ସୁଷମା- (ଫିରୋଜକୁ) ତୁମର ଆଉ କିଛି କହିବାର ଅଛି ?

ଫିରୋଜ- ଅଛି ।

Digitized by srujanika@gmail.com

ସୁଷମା- ଅଛି ? ତେବେ କଣ ଅଛି କୁହ ?

ଫିରୋଜ- ମି. ଲର୍ଡ଼; ଏ କେସ୍‌ର ଯବନିକା ଏଇଠି ଟାଣନ୍ତୁ । ଆମେ ଏହାର କମ୍ପ୍ରମାଇଜ୍ ଚାହୁଁଛୁ । ମଉସାଙ୍କର ସମସ୍ତ ଘରଭଡ଼ା ଆମେ ସାଥୀରେ ନେଇକି ଆସିଛୁ ।

ସୁଷମା- କେବଳ ଟଙ୍କାଟା ପଇଠ କରିଦେଲେ ସବୁ ହେଇଗଲା ଭାବିଛ ? ମୁଦେଇଙ୍କୁ ଯାହା ଅପମାନ ଦେଇଛ ? ତାଙ୍କ ମାନହାନି ....

ଫିରୋଜ- ସେଥିପାଇଁ ଆମେ ମନମୋହନ ମେସ୍‌ର ସବୁ ବୋର୍ଡ଼ର ମଉସାଙ୍କ ଆଗରେ ଭୁଲ୍ ମାଗିବାକୁ ପ୍ରସ୍ତୁତ ଅଛୁ । (ଟଙ୍କା ନେଇ ମୁରାରୀ ବାବୁଙ୍କୁ ଦେଇଛନ୍ତି)

ହାରାମଣି- ଅର୍ଡ଼ର ! ଅର୍ଡ଼ର ! ବର୍ତ୍ତମାନ ଆସାମୀ ନିଜେ ଦୋଷ ସ୍ୱୀକାର କରିଛନ୍ତି ଏବଂ ମୁଦେଇ ମୁରାରୀ ମୋହନ ଶତପଥୀଙ୍କର ସମସ୍ତ ପ୍ରାପ୍ୟ ପଇଠ କରିବା ସହିତ ମୁଦେଇଙ୍କଠାରେ କ୍ଷମା ପ୍ରାର୍ଥନା ଚାହୁଁଛନ୍ତି, ଅପରପକ୍ଷରେ ଆସାମୀମାନେ ହେଲେ ଛାତ୍ରସମାଜ । ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଅଛି । ବିଶୃଙ୍ଖଳିତ ଛାତ୍ରମାନେ ଶୃଙ୍ଖଳାର ସହିତ ଯେତେବେଳେ ମୀମାଂସା ଚାହୁଁଛନ୍ତି, ଯେତେବେଳେ କ୍ଷମା ପ୍ରାର୍ଥନା କରୁଛନ୍ତି । ତେଣୁ କୋର୍ଟ ଆସାମୀମାନଙ୍କ ନିବେଦନ ଗ୍ରହଣ କରି ତାଙ୍କୁ ବିନା ଦଣ୍ଡରେ ଶେଷଥର ପାଇଁ କ୍ଷମା ଦେଉଛି । ଭବିଷ୍ୟତରେ ସେମାନେ ଆଉ ସେପରି କୌଣସି ବେଆଇନ କାର୍ଯ୍ୟ କଲେ କୋର୍ଟ ଆଉ ତାଙ୍କୁ କେବେ କ୍ଷମା ଦେବନାହିଁ । ବର୍ତ୍ତମାନ ଆଜିପାଇଁ କୋର୍ଟ ଏତିକିରେ ରହିଲା ।

(କୋଳାହଳ ସୃଷ୍ଟି ହୋଇଛି । ସମସ୍ତେ ଉଠି ଠିଆ ହୋଇଛନ୍ତି । ମୁରାରୀ ବାବୁ ଆସି ଦାମୋଦର ବାବୁଙ୍କ ହାତଧରି ପକାଇ କହିଛନ୍ତି ।)

ମୁରାରୀ- ସମୁଦି, ଆଉ ବିଳମ୍ବ ନୁହେଁ, ମୁଁ ତ ଜ୍ୟୋତିଷ ଠାରୁ ଲଗ୍ନ ଆଜିକୁ ସ୍ଥିର କରି ତୁମକୁ ଆଗରୁ ଜଣେଇ ଦେଇଥିଲି ତେଣୁ ଆଜିହିଁ ତୁମ ସୁଷମା ସହିତ ଆମ ମନମୋହନର ଶୁଭପରିଣୟ ସମ୍ପର୍ଣ୍ଣ ହେବ ।

Digitized by srujanika@gmail.com

ଦାମୋଦର- ଯେମିତି ଆପଣଙ୍କର ଇଚ୍ଛା । ଯେମିତି ଯାହା ଆପଣ ଭାବୁଛନ୍ତି...

ମୁରାରୀ- ନା, ମୁଁ ଆଉ କିଛି ଶୁଣିବାକୁ ଚାହେଁନି । ଆଜି ଯେମିତି ହେଲେ ବାହାଘର ହେବ ।

ହାରାମଣି- ବାହାଘର ହେବ କଣ କହୁଛ ? ସେପାଖରେ ପୁରୋହିତ ତ ବେଦିକାମ ଆରମ୍ଭ କରିଦେଲେଣି ।

ମୁରାରୀ- ଆରମ୍ଭ କରିଦେଲେଣି । ତାହେଲେ ତ ଖୁବ୍ ଖୁସିର କଥା । ତେବେ ଆସ ସମୁଦି- ବେଦି ପାଖକୁ ଆସ । (ଯାଉ ଯାଉ ରହିଯାଇ ହାରାମଣିଙ୍କୁ ଲକ୍ଷ୍ୟକରି କହିଛନ୍ତି) ହଁ ଶୁଣ ତୁମେ ପୁଅ ବୋହୁଙ୍କୁ ସଜକରି ବେଦି ପାଖକୁ ଆଣ ।

ହାରାମଣି- (ହସି ହସି ଭିତରକୁ ଚାଲିଯାଇଛନ୍ତି । ତାଙ୍କର ଗୋଟିଏ ପାଖରେ ମନମୋହନ ଏବଂ ଆରପାଖରେ ସୁଷମାଙ୍କୁ ଧରି କହିଉଠିଛନ୍ତି)

ହାରାମଣି- ତୁ ଖୁବ୍ ସୁନ୍ଦର ଅଭିନୟ କରିଛୁ । କିରେ ମନ ! କଣ ତୋ ମନସ୍କାମନା ପୂରଣ ହେଲା ତ ? ଦେଖିଲୁ ମୁଁ ମୋ ସୁନାନାକୀ ବୋହୂଟାକୁ କେମିତି ଆଠଦିନ ଭିତରେ ଗୋଟାଏ ଦକ୍ଷ ଓକିଲ ବନେଇ ଦେଲି ? ଆଉ ଡେରି କାହିଁକି ? ବେଦିକୁ ଯିବାକୁ ସଜ ହେବନି ?

(ସମସ୍ତେ ହସି ଉଠିଛନ୍ତି । ଅନ୍ତରାଳରୁ ଭାସି ଆସିଛି ବିବାହ ବାଜେଣୀ ଆଉ ଶୁଭ ସାହାନାଇର ମୂର୍ଚ୍ଛନା । ଧୀରେ ଧୀରେ ନଇଁ ଆସିଛି ଯବନିକା ।)

□□□

Digitized by srujanika@gmail.com